

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୮ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 JULY 2020

Vol.No. 30 ■ No. 189 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj




2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


## ମାଟ୍ରିକ୍ ରେଜଲ୍ଟ ଜୁଲାଇ ୨୯ରେ: ମନ୍ତ୍ରୀ






ଭୁବନେଶ୍ୱର,୨୭।୭ (ନି.ପ୍ର): ରାଜ୍ୟରେ ମାଟ୍ରିକ ପରୀକ୍ଷା ଫଳ ଆଗାମୀ ୨୯ଜୁଲାଇରେ ପ୍ରକାଶ ପାଇବ । ରାଜ୍ୟର ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମାଧ୍ୟମିକ ଶିକ୍ଷା ବୋର୍ଡର ଦୁଇଟି ୱେବସାଇଟ ଜରିଆରେ ପରୀକ୍ଷା ଫଳ ପ୍ରକାଶନ କରା ଯିବ । ଏହା ବାଦ ଏସଏମଏସ ଜରିଆରେ ମଧ୍ୟ ପରୀକ୍ଷା ଫଳ ପ୍ରକାଶ କରା ଯିବ ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ ପରୀକ୍ଷା ଫଳ ଜୁଲାଇ ମାସ ଶେଷ ସୁଦ୍ଧା ପ୍ରକାଶିତ ହେବ ବୋଲି ମନ୍ତ୍ରୀ ଶ୍ରୀ ଦାଶ ପୂର୍ବରୁ ସୂଚନା ଦେଇଥିଲେ । ଅନ୍ୟ ପକ୍ଷରେ ବୋର୍ଡର ଅଧ୍ୟକ୍ଷ ରାମାଶିଷ ହାଜରା କହିଛନ୍ତି ୨୯ ତାରିଖ ଦିନ ସକାଳ ୯ଟାରେ ଭିଡିଓ କନଫ୍ରେନ୍ସିଂ ଜରିଆରେ ଫଳାଫଳ ଘୋଷଣା କରା ଯିବ । ଦିନ ୧୧ଟାରୁ ଛାତ୍ର ଛାତ୍ରୀ ମାନେ ବୋର୍ଡର ଦୁଇଟି ୱେବସାଇଟକୁ ଯ । ଇ ଫଳାଫଳ ଜାଣି ପାରିବେ । ସେହିପରି ଏସଏମଏସ ଜରିଆରେ ମଧ୍ୟ ସେମାନେ ଫଳାଫଳ ଜାଣି ପାରିବେ ବୋଲି ସେ କହିଛନ୍ତି । (www.bseodisha.ac.in ଏ ବ ° www.bseodisha.nic.in) ରେ ପ୍ରକାଶିତ ହେବ । ଛାତ୍ରଛାତ୍ରୀମାନେ ୫୬୭୬୭୫୦ ନଂ କୁ 'ଡଜ୦୧ଣ୍ଟଜକ୍ଟକ୍ଷକ୍ଷ ଘକ୍ଟ' ଏସ୍‌ଏମ୍‌ଏସ୍ କରି ମଧ ସେମାନଙ୍କର ପରୀକ୍ଷା ଫଳ ଜାଣିପାରିବେ । ଏହି ପରୀକ୍ଷା ଫଳ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ଜିଜ୍ଞାସା ପୂର୍ତିପାଇଁ କଟକସ୍ଥ ଉଚ୍ଚଶିକ୍ଷା ପରିଷଦ କାର୍ଯ୍ୟାଳୟଠାରେ ଏକ କଂଟ୍ରୋଲ ରୁମ୍ ଖୋଲା ଯାଇଛି । ଫଳ ପ୍ରକାଶନ ପରଠାରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ (ସକାଳ ୧୧ଟାରୁ ଅପରାହ୍ନ ୪ଟା) ଏହି କଂଟ୍ରୋଲ ରୁମ୍ ଖୋଲା ରହିବ । ୦୬୭୧-୨୪୧୨୦୫୯ ଏବଂ ୦୬୭୧-୨୪୧୨୦୬୦ ଟେଲିଫୋନ ନଂରେ ଛାତ୍ରଛାତ୍ରୀ/ ଅଭିଭାବକମାନେ ଏହି ସମୟ ମଧ୍ୟରେ ଉଚ୍ଚଶିକ୍ଷା ପରିଷଦ ସହିତ ଯୋଗାଯୋଗ କରିପାରିବେ । ଚଳିତ ବର୍ଷ ଫେବୃଆରୀ ୧୯ ରୁ ମାର୍ଚ୍ଚ ୨ ଯାଏ ହୋଇଥିବା ମାଟ୍ରିକ ପରୀକ୍ଷା ୫.୬ ଲକ୍ଷ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ଓଡ଼ିଶାରେ ୨ ହଜାର ୮୮୮ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ହୋଇଥିଲା । ପରୀକ୍ଷା ପରେ ୬୦ଟି କେନ୍ଦ୍ରରେ ଖାତା ଦେଖା ଚାଲିଥିଲା । ୨୬ ମେ ରୁ ମାଟ୍ରିକ ଖାତା ମୂଲ୍ୟାୟନ ଆରମ୍ଭ ହୋଇଥିଲା । ପୂର୍ବରୁ ମାର୍ଚ୍ଚ ୧୯ ତାରିଖରେ ଗୋଟିଏ ଦିନ ପାଇଁ ମୂଲ୍ୟାୟନ ହୋଇଥିଲା ।

## ସଠିକ୍ କୋଭିଡ୍ ତଥ୍ୟ ପ୍ରଦାନ ପାଇଁ ସ୍ୱାସ୍ଥ୍ୟ ଓ ଆଇଟି ବିଭାଗକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୭।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍-୧୯ ତଥ୍ୟ ପରିଚାଳନା ଏବଂ ସୂଚନା ପ୍ରଦାନରେ ଦେଶର ପ୍ରଥମ ତିନୋଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି । ଅନ୍ତର୍ଜାତୀୟ ଗବେଷଣା ଓ ସର୍ବେକ୍ଷଣ ସଂସ୍ଥା ମେଡ୍ରକ୍ସିଭ ପ୍ରିପ୍ରିଂଟ ରିପୋର୍ଟ ଅନୁସାରେ କୋଭିଡ୍ ସଂପର୍କିତ ସର୍ବାଧିକ ତଥ୍ୟ ସଂଗ୍ରହ ଓ ପ୍ରଦାନ, ସଠିକ୍ ତଥ୍ୟ ଉପସ୍ଥାପନ, ତଥ୍ୟର ଗୋପନୀୟତା ଏବଂ କୋଭିଡ୍ ଡାସ୍ ବୋର୍ଡ ପରିଚାଳନା କ୍ଷେତ୍ରରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି । ସେହିପରି ଉଚ୍ଚ ମାନର ସମନ୍ୱିତ ଅଙ୍ଗନବାଡ଼ି ସେବା ପ୍ରଦାନକୁ ସୁନିଶ୍ଚିତ କରିବା ଏବଂ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କଳାହାଣ୍ଡି ଜିଲ୍ଲାର ୫ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଆଇ.ଏସ୍.ଓ ପ୍ରମାଣପତ୍ର ମିଳିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଏବଂ ଜିଲ୍ଲାପାଳ, କଳାହାଣ୍ଡିଙ୍କୁ ପ୍ରଶଂସା କରିଛନ୍ତି । ସମସ୍ତ ସରକାରୀ ବିଭାଗ ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (ଆଇଏଫ୍‌ଏମ୍‌ଏସ୍)ର ଉପଯୋଗ ଦ୍ୱାରା ସମସ୍ତ ସରକାରୀ ଦେୟ ପୈଠ ଏବଂ ଅର୍ଥ ଗ୍ରହଣ ପାଇଁ ଇଲେକ୍‌ଟ୍ରୋନିକ୍ ପଦ୍ଧତି ଆପଣାଇବାକୁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଏ ସଂପର୍କରେ ସବୁ ବିଭାଗକୁ ପତ୍ର ଲେଖିଛନ୍ତି ।

## ଆଇଏଏସ ସ୍ତରରେ ଅଦଳ ବଦଳ

ଭୁବନେଶ୍ୱର,୨୭।୭ (ନି.ପ୍ର): ରାଜ୍ୟ ସରକାର ଆଇଏଏସ ସ୍ତରରେ ସାମାନ୍ୟ ଅଦଳ ବଦଳ କରିଛନ୍ତି । ବରିଷ୍ଠ ଆଇଏଏସ ଅଧିକାରୀ ରାଜକୁମାର ଶର୍ମାଙ୍କୁ କୃଷି ଉତ୍ପାଦନ କମିଶନର ଭାବେ ଦାୟିତ୍ୱ ଦିଆ ଯାଇଛି। ସେହିପରି ଅନୁ ଗର୍ଗଙ୍କୁ ଜଳ ସମ୍ପଦ ବିଭାଗର ପ୍ରିନସିପାଲ ସଚିବ ଭାବେ ଦାୟିତ୍ୱ ଦିଆ ଯାଇଛି । ସେ ମହିଳା ଓ ଶିଶୁ ବିକାଶ ବିଭାଗ ତଥା ମିଶନ ଶକ୍ତିର ଅତିରିକ୍ତ ଦାୟିତ୍ୱରେ ରହିବେ । ସତ୍ୟବ୍ରତ ସାହୁଙ୍କୁ ଏମଏସଏମଇ ବିଭାଗର ପ୍ରିନସିପାଲ ସଚିବ ଭାବେ ନିଯୁକ୍ତି ଦିଆ ଯାଇଛି ।ଏହା ସହିତ ସେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ପ୍ରିନ୍ସିପାଲ ସଚିବର ଅତିରିକ୍ତ ଦାୟିତ୍ୱରେ ରହିବେ । ସେହିପରି ସୁରେନ୍ଦ୍ର କୁମାରଙ୍କୁ ଇସ୍ପାତ ଓ ଖଣି ବିଭାଗର ପ୍ରିନସିପାଲ ସଚିବ ଭାବେ ଦାୟିତ୍ୱ ଦିଆ ଯିବା ସହ ସିଡିଏର ଚେୟାରମ୍ୟାନ ଭାବେ ଅତିରିକ୍ତ ଦାୟିତ୍ୱ ଦିଆ ଯାଇଛି । ଶ୍ରୀମତୀ ଚିତ୍ରା ଅରମୁଗମଙ୍କୁ ଶ୍ରମ ଓ ଇଏସଆଇ ବିଭାଗର ପ୍ରିନସିପାଲ ସଚିବ ଭାବେ ଦାୟିତ୍ୱ ପ୍ରଦାନ କରା ଯାଇଛି।

## ରାଜ୍ୟରେ ଗୋଟିଏ ଦିନରେ ଆଉ ୧୫୦୩ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୨୬୮୯୨ କୁ ବୃଦ୍ଧି

ଭୁବନେଶ୍ୱର,୨୭।୭ (ନି.ପ୍ର): ରାଜ୍ୟରେ ଆଉ ୧୫୦୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୬୮୯୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୫୦୩ ଜଣଙ୍କ ମଧ୍ୟରୁ ୧୦୦୨ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୫୦୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୪୯୧ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧ , ବାଲେଶ୍ୱର ଜିଲ୍ଲାରେ ୧୯ ଜଣ, ବରଗଡ ଜିଲ୍ଲାରେ ୨୩, ଭଦ୍ରକ ଜିଲ୍ଲାରେ ୨୫ , ବଲାଙ୍ଗୀର ଜିଲ୍ଲାରେ ୨୧. ବୌଦ୍ଧ ଜିଲ୍ଲାରେ ୧, କଟକ ଜିଲ୍ଲାରେ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ସାତ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୪୭ ହେଲା

ଭୁବନେଶ୍ୱର,୨୭।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୪୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ତିନି ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ସୁନ୍ଦରଗଡ, ଖୋର୍ଦ୍ଧା, କଟକ ଓ ମାଲକାନଗିରି ଜିଲ୍ଲାର ଜଣେ ଜଣେ ଅଛନ୍ତି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାର ୬୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ସେହିପରି ଭୁବନେଶ୍ୱରର ଜଣେ ୪୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମଧ୍ୟ ମୃତ୍ୟୁବରଣ କରିଥିବା ସୂଚନା ଦିଆଯାଇଛି । ▶▶ପୃଷ୍ଠା ୭

## ଅଗଷ୍ଟ ତୃତୀୟ ସପ୍ତାହ ସୁଦ୍ଧା ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବ

ଭୁବନେଶ୍ୱର,୨୭।୭ (ନି.ପ୍ର): ଅଗଷ୍ଟ ତୃତୀୟ ସପ୍ତାହ ସୁଦ୍ଧା ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସେ କହିଛନ୍ତି ଯେ ଅଗଷ୍ଟ ତୃତୀୟ ସପ୍ତାହ ସୁଦ୍ଧା ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବ । ତେବେ ଯୁକ୍ତ ଦୁଇ କଳା ଓ ଧନ୍ଦାମୂଳକ ବିଭାଗ ପରୀକ୍ଷା ଫଳ ଅଗଷ୍ଟ ଶେଷ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ।

## ବର୍ଷା ସମ୍ଭାବନା : ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୨୭।୭ (ନି.ପ୍ର): ଆଗାମୀ ୨୪ ଘଂଟା ମଧରେ ଉତର ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟର ଅନ୍ୟ ସ୍ଥାନ ଗୁଡିକରେ କିଛି କିଛି ସ୍ଥାନରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ବର୍ଷା ସମ୍ଭାବନା ଥିବା ୧୫ ଜିଲ୍ଲାରେ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡକ ହେଲା ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ସମ୍ବଲପୁର, କେନ୍ଦୁଝର, ମୟୁରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, କଟକ, ବାଲେଶ୍ୱର, ଗଜପତି, ଗଂଜାମ, କନ୍ଧମାଳ, ନୟାଗଡ ଏବଂ ଖୋର୍ଦ୍ଧା । ଏହି ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି-ଘଡଘଡି ସହ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ର ସମ୍ଭାବନା ରହିଛି ।

## ରାଜ୍ୟରୁ ସୁସ୍ଥ ହେଲେ ୫୮୧ଜଣ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୭।୭ (ନି.ପ୍ର): ରାଜ୍ୟରୁ ଆଉ ୫୮୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିସହ ରାଜ୍ୟରେ ମୋଟ୍ ୧୭,୩୭୩ ଜଣ ସୁସ୍ଥ ହୋଇଛନ୍ତି । ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି । ସୋମବାର ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୧୬୦ଜଣ କରୋନା ପଜିଟିଭ୍ ସୁସ୍ଥ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୭୭ଜଣ, ଗଜପତି ଜିଲ୍ଲାରୁ ୪୩ ଜଣ, କଟକ ଜିଲ୍ଲାରୁ ୩୪ଜଣ, ମାଲକାନଗିରି ଜିଲ୍ଲାରୁ ୩୨ଜଣ, ବରଗଡ଼ ଜିଲ୍ଲାରୁ ୨୫ଜଣ, ଭଦ୍ରକ ଜିଲ୍ଲାରୁ ୨୩ଜଣ, କେନ୍ଦୁଝର ଜିଲ୍ଲାରୁ ୧୯ଜଣ, ଅନୁଗୁଳ ଜିଲ୍ଲାରୁ ୧୭ଜଣ, କନ୍ଧମାଳ ଜିଲ୍ଲାରୁ ୧୭ଜଣ, ଜଗତସିଂହପୁର ଜିଲ୍ଲାରୁ ୧୪ଜଣ, ସମ୍ବଲପୁର ଜିଲ୍ଲାରୁ ୧୪ଜଣ, ମୟୁରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୨ଜଣ ଲେଖାଏଁ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ବାଲେଶ୍ୱର ଜିଲ୍ଲାରୁ ୧୦ଜଣ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାରୁ ୯ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଢ଼େଙ୍କାନାଳ ଜିଲ୍ଲାରୁ ୮ଜଣ, ଯାଜପୁର ଜିଲ୍ଲାରୁ ୭ଜଣ, ବଲାଙ୍ଗୀର ଜିଲ୍ଲାରୁ ୬ଜଣ, ବୌଦ୍ଧ ଜିଲ୍ଲାରୁ ୫ଜଣ, ଦେବଗଡ଼ ଜିଲ୍ଲାରୁ ୩ଜଣ, ନବରଙ୍ଗପୁର ଜିଲ୍ଲାରୁ ୨ଜଣ, କୋରାପୁଟ ଓ ନୟାଗଡ଼ ଜିଲ୍ଲାରୁ ଜଣେ ଲେଖାଏଁ ଆକ୍ରାନ୍ତ ଆଜି ସୁସ୍ଥ ହୋଇଛନ୍ତି ।

## ସମ୍‌ରେ କୋଭାକ୍ସିନର ମାନବ ପରୀକ୍ଷଣ ଆରମ୍ଭ




ଭୁବନେଶ୍ୱର,୨୭।୭ (ନି.ପ୍ର): ଭୁବନେଶ୍ୱର ସ୍ଥିତ ସମ୍ ହସ୍ପିଟାଲ ଠାରେ ଭାରତରେ ପ୍ରସ୍ତୁତ କରୋନା ଟିକା କୋଭାକ୍ସିନର ମାନବ ପରୀକ୍ଷଣ ଆରମ୍ଭ ହୋଇଛି । ପ୍ରଥମେ ସ୍ୱେଚ୍ଛାସେବୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନଙ୍କୁ ଟିକା ଦିଆଯାଇଥିଲା । ଟିକାଦିଆଯିବାପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି । ଆଜି ହିଁ ସେମାନଙ୍କୁ ଘରକୁ ପଠାଇଦିଆଯିବ । କିନ୍ତୁ ଆଗାମୀ କିଛି ସପ୍ତାହ ପାଇଁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯିବ ବୋଲି ପରୀକ୍ଷଣ ପ୍ରମୁଖ ଡାକ୍ତର ଇ. ଭେଙ୍କଟରାଓ ସୂଚନା ଦେଇଛନ୍ତି । ଗତ ୨୫ ତାରିଖ ଦିନ ଦିଲ୍ଲୀର ଏମ୍ସଠାରେ ଏହି ଟିକାର ପ୍ରଥମ ମାନବ ପରୀକ୍ଷଣ ଆରମ୍ଭ ହୋଇଥିଲା । ସାରା ଦେଶରେ ପ୍ରାୟ ୩୫୦୦ ଲୋକଙ୍କ ଶରୀରରେ ଏହାର ପରୀକ୍ଷା କରାଯିବ । ଏହି ସୁସ୍ଥ ଲୋକମାନେ ଏହି ପରୀକ୍ଷଣ ପାଇଁ ସ୍ୱେଚ୍ଛାରେ ପରୀକ୍ଷଣ ଲାଗି ପଂଜୀକରଣ କରିଥିଲେ । ଏମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ମାନବ ପରୀକ୍ଷଣରେ ଏମ୍ସରେ ୧୦୦ ଜଣ ସକୁସ୍ଥ ବ୍ୟକ୍ତିଙ୍କୁ ଟିକା ଦିଆଯିବ । ଗତ ସପ୍ତାହରେ ଏହି ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ସୁସ୍ଥ ଅଛନ୍ତି ନା ▶▶ପୃଷ୍ଠା ୭

## ଆଲବମ୍ ଅଭିନେତ୍ରୀ ଦୀପା ସାହୁଙ୍କ ପରଲୋକ



ଭୁବନେଶ୍ୱର,୨୭।୭ (ନି.ପ୍ର) :ଓଡିଆ ଆଲବମ୍ ଜଗତର ଜଣାଶୁଣା ଅଭିନେତ୍ରୀ ଦୀପା ସାହୁଙ୍କର ସୋମବାର ଅପରାହ୍ନରେ ପରଲୋକ ହୋଇଛି । ସେ ଦୀର୍ଘ ଦିନ ଧରି କ୍ୟାନ୍ସରରେ ପୀଡିତ ଥିଲେ । ଭୁବନେଶ୍ୱର ସ୍ୱର୍ଶ ହସ୍‌ପିଟାଲ୍ ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ୱାମୀ ମନୀନ୍ଦ୍ର ଦତ ସୂଚନା ଦେଇଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୩୫ ବର୍ଷ ବୟସ ହୋଇଥିଲା । ସୂଚନାଯୋଗ୍ୟ, ବର୍ଷେ ତଳେ ଦୀପା ଗର୍ଭାଶୟ କର୍କଟରେ ପୀଡ଼ିତ ହୋଇଥିଲେ । ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲରେ ମଧ ସେ ବର୍ଷେ ହେଲା ଚିକିତ୍ସିତ ହେଉଥିଲେ । ତେବେ ଲକ୍ ଡାଉନ ପାଇଁ ସେ ଆଉ ମୁମ୍ବାଇ ଯିବା ସମ୍ଭବ ହୋଇ ନ ଥିଲା । କ୍ୟାନ୍‌ସରର ତୃତୀୟ ପର୍ଯ୍ୟାୟରେ ଥିବା ବେଳେ ୩/ ୪ ମାସ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିଲା । ସେ ଭୁବନେଶ୍ୱରସ୍ଥିତ ଘରେ ରହି ଆସୁଥିଲେ । ଅବସ୍ଥା ▶▶ପୃଷ୍ଠା ୭

## ଅଭିନେତ୍ରୀ ଦୀପା ସାହୁଙ୍କ ଦେହାନ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର,୨୭।୭ (ନି.ପ୍ର): ଲୋକପ୍ରିୟ ଆଲବମ୍ ଅଭିନେତ୍ରୀ ଦୀପା ସାହୁଙ୍କ ଦେହାନ୍ତରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତାଙ୍କ ବିୟୋଗରେ ଓଡ଼ିଶା ଆଲବମ୍ ଜଗତରେ ଅପୂରଣୀୟ କ୍ଷତି ଘଟିଲା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ଶୋକବାର୍ତାରେ କହିଛନ୍ତି ଯେ ଓଡ଼ିଆ ଅଭିନେତ୍ରୀ ଦୀପା ସାହୁଙ୍କ ଦେହାନ୍ତ ଖବର ଶୁଣି ମୁଁ ଦୁଃଖିତ । ବିଶେଷତଃ ଓଡ଼ିଆ ଆଲବମ୍ ଜଗତରେ ସେ ତାଙ୍କ କଳାର ନିଖୁଣ ଛାପ ଦ୍ୱାରା ଅନେକ ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲେ । ତାଙ୍କ ବିୟୋଗରେ ଓଡ଼ିଶା ଆଲବମ୍ ଜଗତରେ ଅପୂରଣୀୟ କ୍ଷତି ଘଟିଲା । ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି ଦୁଃଖ ସମୟରେ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

## ବୁଧବାର ପଶ୍ଚିମବଙ୍ଗ ସଟଡାଉନ: ପ୍ରଭାବିତ ହେବ ଟ୍ରେନ ଚଳାଚଳ

ଭୁବନେଶ୍ୱର,୨୭।୭ (ନି.ପ୍ର): ପଶ୍ଚିମ ବଙ୍ଗ ରାଜ୍ୟରେ ବୁଧବାର ସମ୍ପୂର୍ଣ୍ଣ ସଟଡାଉନ ହେଉଥିବା କାରଣରୁ ଟ୍ରେନ ସେବା ପ୍ରଭାବିତ ହେବ । ୦୨୦୭୩/୦୨୦୭୪ ଭୁବନେଶ୍ୱର-ହାଓଡ଼ା-ଭୁବନେଶ୍ୱର ସ୍ୱତନ୍ତ୍ର ଯୋଡ଼ା ଟ୍ରେନ ୨୯ ଜୁଲାଇ ଦିନ ଭୁବନେଶ୍ୱର ଓ ହାଓଡ଼ା ଉଭୟ ପଟୁ ବାତିଲ ହେବ । ୦୨୨୦୧ ସିଆଲଦାରୁ ୨୮ ତାରିଖରୁ ଛାଡୁ ଥିବା ସିଆଲଦା (କୋଲକାତା)-ଭୁବନେଶ୍ୱର ଦୁରନ୍ତ ସ୍ୱେସିଆଲ ଏକ୍ସପ୍ରେସକୁ ବାତିଲ କରାଯିବ, ତେଣୁ , ୦୨୨୦୨ ଭୁବନେଶ୍ୱର - ସିଅଲଦା ଦୁରନ୍ତ ସ୍ୱେସିଆଲ ଏକ୍ସପ୍ରେସ କୁ ୨୯ ଜୁଲାଇ ୨୦୨୦ ଦିନ ଭୁବନେଶ୍ୱର ଠାରୁ ବାତିଲ କରାଯିବ । ସେହିପରି ସିକନ୍ଦରାବାଦରୁ ଆସୁଥିବା ୦୨୭୦୪ ସିକନ୍ଦରାବାଦ -ହାଓଡ଼ା ଫାଲକନୁମା ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ହେଉଛି ୩ ପ୍ରକାର କୋଭିଡ୍ ପରୀକ୍ଷଣ

ଭୁବନେଶ୍ୱର,୨୭।୭ (ନି.ପ୍ର): କୋଭିଡ୍ ମୁକାବିଲାକୁ ଆହୁରି ତ୍ୱରିତ କରିବା ଲକ୍ଷ୍ୟରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସଂପ୍ରତି ୩ ପ୍ରକାର କୋଭିଡ୍ ପରୀକ୍ଷା କରାଯାଉଛି । ଗୋଷ୍ଠୀ ସଂକ୍ରମଣର ମାତ୍ରା, ସଂକ୍ରମଣ ଚିହ୍ନଟ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସଂପର୍କରେ ଜାଣିବା ପାଇଁ ଆର୍‌ଟି-ପିସିଆର୍ , ଆଂଟିଜେନ୍ ଏବଂ ଟ୍ରୁନାଟ ପରୀକ୍ଷା କରାଯାଉଛି । କ୍ୟାପିଟାଲ୍ ହସ୍‌ପିଟାଲ୍, ସମ୍ ହସ୍‌ପିଟାଲ୍, ଏମସ୍, ଆପୋଲୋ, ଆମ୍ରି, ଶ୍ରୀ ହସ୍‌ପିଟାଲ୍, ଆଇଏନ୍‌ଡିଏନ୍‌ଏ ଏବଂ ଜେନ୍-ଏକ୍ସ ହସ୍‌ପିଟାଲ୍ ରେ ଏହି ସବୁ ପରୀକ୍ଷା କରାଯାଉଛି ।

# ରାଜନୈତିକ ଛକାପଞ୍ଝାରେ ମରିଯାଇଛି ମଣିଷପଣିଆ : ଧାମରାରେ ନାବାଳିକାକୁ ୩ଥର ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ପରେ ମଧ୍ୟ ପୁଲିସ ନୀରବ

## ସରପଂଚ ସ୍ତରରେ ଦଫାରଫା କରିବାକୁ ଉଦ୍ୟମ

ଭଦ୍ରକ, ୨୭/୭ (ହି.ସ.) - ଧାମରା ନିକଟସ୍ଥ ଦୋସିଙ୍ଗା ପଂଚାୟତ ଅଧିନସ୍ଥ ଅମରନଗର ଗ୍ରାମରେ ଏକ ଦଳିତ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଛି ପୁନଶ୍ଚ ଆଉ କେହି ନୁହେଁ ଏକ ୬୦ବର୍ଷର ବୃଦ୍ଧ ୪୫ ଦିନ ମଧ୍ୟରେ ୩ଥର ଦୁଷ୍କର୍ମ ଉଦ୍ୟମ କରିଥିବା ନାବାଳିକା ଯୁବତୀର ମା ଏବଂ ନାବାଳିକା ଅଭିଯୋଗ ଆଣିଛନ୍ତି ।ଏହି ଦୁଷ୍କର୍ମ ଅଭିଯୋଗ ଧାମରା ଥାନାରେ ହୋଇଥିଲେ ମଧ୍ୟ ସଂପୃକ୍ତ ଥାନାଧିକାରୀ ଏହି ଅଭିଯୋଗକୁ ଗ୍ରହଣ କରି କୌଣସି ଏତଲା ନକାଟି ଏହି କଥାକୁ ଦଫାରଫା କରିବା ପାଇଁ ଦୋସିଙ୍ଗା ସରପଂଚଙ୍କ ପ୍ରତିନିଧିଙ୍କୁ ଦାୟିତ୍ୱ ଦେଇ ନିଜ ମୁଣ୍ଡ ଉପରୁ ଦାୟିତ୍ୱ ଓହ୍ଲାଇ ଦେଇଛନ୍ତି ବୋଲି ସଂପୃକ୍ତା ନାବାଳିକାର ମା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି । ଫଳରେ ଏହି କଥାକୁ ନେଇ ସଂପୃକ୍ତ ନାବାଳିକାର ପରିବାର ଭଦ୍ରକ ଏସପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।ଘଟଣାରୁ ପ୍ରକାଶ ଜୁନ ମାସରେ ଅମରନଗର ଗ୍ରାମର ସୁବାଶ ହାଜିରା (୬୦) ନିଜ ପଡୋଶୀଙ୍କ ୯ମ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅକୁ ଜୋର ଜବରଦସ୍ତ ଟେକିନେଇ ନିଜ ଘରେଦୁଷ୍କର୍ମ କରିବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକାର ପାଟିଶୁଣି ସ୍ଥାନୀୟ ଅଧିବାସୀ ଆସି ପହଂଚିଯିବାରୁ ସଂପୃକ୍ତ ବୃଦ୍ଧ ସେହି ସ୍ଥାନରୁ ପଳାଇଯାଇଥିଲା। ପ୍ରଥମେ ଏହିକଥାକୁ ନେଇ ସ୍ଥାନୀୟ ଅଧିବାସୀ ଭଦ୍ରଲୋକଙ୍କ ଉପସ୍ଥିତିରେ ଦଫାରଫା କରିବା ସହ ସଂପୃକ୍ତ ବୃଦ୍ଧଙ୍କୁ ସୁଧୁରୀଯିବା ପାଇଁ ତାଗିଦ କରିଥିଲେ। ଏହି ଘଟଣାର କିଛି ଦିନ ପରେ ଅର୍ଥାତ ଜୁନ ୧୫ ତାରିଖରେ ସୁବାଶ ହାଜିରା ସଂପୃକ୍ତା ନାବାଳିକା ଶୌଚ ହେବାକୁ ନିକଟସ୍ଥ ପଡିଆକୁ ଯାଉଥିବା ବେଳେ ଏକୁଟିଆ ଦେଖି ପୁନଶ୍ଚ ଦୁଷ୍କର୍ମ କରିବାକୁ ମାଡି ବସିଥିଲେ , ତେବେ ନାବାଳିକା ଚିହ୍ନାର କରିବାରୁ ନାବାଳିକାର ମା ଆସି ଘଟଣା ସ୍ଥଳରେ ପହଂଚି ଯିବାରୁ ସୁବାଶ ହାଜିରା ସେହିସ୍ଥାନ ଛାଡି ପଳାଇ ଯାଇଥିଲେ। ଏହି ଘଟଣାକୁ ନେଇ ନାବାଳିକାର ମା ପ୍ରଥମେ ଗ୍ରାମର ଓ୍ୱାର୍ଡମେମ୍ବର ଏବଂ ସରପଂଚଙ୍କ ପ୍ରତିନିଧି ଙ୍କ ନିକଟରେ ଅଭିଯୋଗ କରିବା ସହ ଧାମରା ଥାନାରେ ଲିଖିତ ଅଭିଯୋଗ କରିଥିବା କଥା କହିଥିଲେ । ଏହି ଘଟଣାକୁ ନେଇ ଦଳିତ ନାବାଳିକାର ମା ନ୍ୟାୟ ପାଇବା ପାଇଁ ଅପେକ୍ଷା କରିବାର ୪୧ଦିନ ଅତିବାହିତ ହୋଇଯାଇଥିଲେ ମଧ୍ୟ ଇତି ମଧ୍ୟରେ ଅଭିଯୁକ୍ତ ସୁବାଶ ହାଜିରା ଦଳିତ ନାବାଳିକାକୁ ପୁଣି ଥରେଏକୁଟିଆ ଦେଖି ପାଖକୁ ଡାକି ଦୁଷ୍କର୍ମ ଉଦ୍ୟମ କରିଥିଲା ଏବଂ ଏହି କଥାକୁ ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବା ସହ ତାଙ୍କ ଘରେ ନିଆଁ ଲଗାଇଦେବ ବୋଲି ମଧ୍ୟ ଧମକ ଦେଇଥିଲା । ତେବେ ଏହି କଥାକୁ ପୁନଶ୍ଚ ନାବାଳିକାର ମା ଗ୍ରାମର ଭଦ୍ରଲୋକ ଓ ସରପଂଚଙ୍କ ପ୍ରତିନିଧିଙ୍କ ପାଖକୁ ଯାଇଥିବା ବେଳେ ତାଙ୍କ କଥା କେହି ବୁଝିବେ ନାହିଁ ବୋଲି ମନା କରି ଦେଇଥିଲେ ।ପୁଲିସ ,ଗ୍ରାମବାସୀ ଓ ପଂଚାୟତ ମୁଖିଆଙ୍କ ପାଖରୁ ନିରାଶ ହେବା ପରେ ନିଜ ଭାଗ୍ୟକୁ ଆଦରି ପିଡୀତାଙ୍କ ମା ଘରେ ଚୁପଚାପ ବସି ଆଖିରୁ ଲୁହ ଝରାଉଥିବା ବେଳେ ୨ଟି ନାବାଳିକା ଝିଅର ଭବିଷ୍ୟତକୁ ନେଇ ସନ୍ଦିହାନୀ ହୋଇଥିବା ଜଣାଯାଇଛି ।ଏକ ଭୂମିହୀନଦଳିତ ଅସହାୟ ଏବଂ ନିସହାୟ ପରିବାରର ଏକ ନାବାଳିକା ସ୍କୁଲ ଛାତ୍ରୀକୁ ବାରମ୍ବାର ଦୁଷ୍କର୍ମ କରିବା ପାଇଁ ଉଦ୍ୟମ କରାଯାଉଥିଲେ ମଧ୍ୟ ସଂପୃକ୍ତ ନାବାଳିକା ନିଜର ସୁରକ୍ଷା ପାଇଁ ପଂଚାୟତ ଠାରୁ ଆରମ୍ଭ କରି ପୁଲିସ ପ୍ରଶାସନ ପାଖରେ ପହଂଚି ନିରାଶ ହେବା ପରେ ଶେଷରେ ଅନ୍ୟ ଉପାୟ ନପାଇ ଭଦ୍ରକ ଏସପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଧାମରା ଥାନାଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କ ନିକଟରେ କିଛି ଲିଖିତ ଅଭିଯୋଗ ହୋଇନାହିଁ ବୋଲି ଥାନାଧିକାରୀ ସୂଚନା ଦେଇଥିବା ବେଳେ ସରପଂଚଙ୍କ ସହ କୌଣସି ଯୋଗାଯୋଗ ହୋଇ ପାରି ନଥିଲା।

# ଯିଶୁଖ୍ରିଷ୍ଟ ସଟଡାଉନ ହେଲ୍ପଲାଇନ ୟୁନିଟ ତରଫରୁ ଅସହାୟ ମାନଙ୍କୁ ସଟଡାଉନରେ ଖାଦ୍ୟଦାନ



ବାରିପଦା,୨୭।୭ (ନି.ପ୍ର): କରୋନା ସଂକ୍ରମଣକୁ ରୋକିବା ପାଇଁ ଜୁଲାଇ ମାସର ପ୍ରତି ଶନିବାର ଓ ରବିବାର ମୟୂରଭଞ୍ଜ ଜିଲ୍ଲାରେ ସଟଡାଉନ ରହୁଥିବାରୁ ରାସ୍ତା କଡରେ ଅବହେଳିତ ହୋଇ ରହିଥିବା ବହୁ ମାନସିକ ବିକୃତ ବ୍ୟକ୍ତି ଖାଇବାକୁ ନପାଇ ଭୋକ ଓପାସରେ ରହୁଥିବାର ଲକ୍ଷ୍ୟ କରି ବାରିପଦାର ଯିଶୁଖ୍ରୀଷ୍ଟ ସଟଡାଉନ ହେଲ୍ପଲାଇନ ୟୁନିଟ ତରଫରୁ ଏହାର ସଦସ୍ୟ ମାନେ ପ୍ରତି ଶନିବାର ଓ ରବିବାର ବାରିପଦା ସହରରେ ବୁଲିବୁଲି ରାସ୍ତା କଡ ଫୁଟପାଥରେ କାଳ କାଟୁଥିବା ଅସହାୟ ତଥା ମସ୍ତିଷ୍କ ବିକୃତ ବ୍ୟକ୍ତି ମାନଙ୍କୁ ବୁଲିବୁଲି ଖାଦ୍ୟ ଖୁଆଉଥିବାର ଦେଖିବାକୁ ମିଳିଛି । ଅନୁଷ୍ଠାନର ସ୍ୱେଚ୍ଛାସେବୀ ରାଜୀବ ପାତ୍ର, ମାନସ କୁମାର, ସେକ ନାଜିମ ଉଦ୍ଦିନ, ମନୋରଜନ ସାହୁ, ମନୋଜ ନାଥ, ମହମ୍ମଦ ନିଆଜୁଦ୍ଦିନ, ପ୍ରମୋଦ କୁମାର ନାଥ, ଦେବ ପାତ୍ର, ପୌଶଲ୍ୟ ରଣା, ନିର୍ମଳ କୁମାର ନାଥ, ଦୀପକ କୁମାର ନାଥ, ପ୍ରକାଶ କୁମାର ନାଥ, ରୂପକ ମହାପାତ୍ର, ସସ୍ମିତା ନାଥ, ସବିତା ନାୟକ, ରଜନୀକାନ୍ତ ପାଲ ପ୍ରମୁଖ ଦିନ ତମାମ ବାରିପଦା ସହରରେ ବୁଲି ଅସହାୟ ଲୋକଙ୍କୁ ଖାଦ୍ୟ ଖୁଆଉଛନ୍ତି । ଏଥି ସହିତ ଆଜି ବାରିପଦା ରେ ପ୍ରବଳ ଖରା ଅନୁଭୁତ ହେଉଥିବାରୁ କରୋନା ଯୋଦ୍ଧା ପୋଲିସ ଭାଇ ମାନଙ୍କୁ ମଧ୍ୟ ଜଳଖିଆ, ଚା, ପାଣି ଆଦି ପ୍ରଦାନ କରିଥିଲେ ଏହି ସ୍ୱେଚ୍ଛାସେବୀ ମାନେ । ଏଭଳି ସମାଜସେବା କାର୍ଯ୍ୟଦେଖି ସେମାନଙ୍କୁ ବିଭିନ୍ନ ସ୍ଥାନରେ ଲୋକେ ସାଧୁବାଦ ଜଣାଇଥିବା ବେଳେ ଏହି ସ୍ୱେଚ୍ଛାସେବୀ ମାନେ ସମସ୍ତଙ୍କୁ ନିଜ ସକ୍ଷମତା ଅନୁଯାୟୀ ଏଭଳି ଦୁର୍ଦ୍ଦିନରେ ଅସହାୟ ମାନଙ୍କୁ ସାହାର୍ଯ୍ୟ କରିବାକୁ ଅନୁରୋଧ ଜଣାଇଛନ୍ତି ।

# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଉଥିବା କୋଭିଡ଼-୧୯ ସମ୍ପର୍କୀତ ତଥ୍ୟରେ ସ୍ୱଚ୍ଛତାର ଅଭାବ

ବାରିପଦା,୨୭।୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କରୋନା ମହାମାରୀ କ୍ରମଶଃ ଉଗ୍ରରୂପ ଧାରଣ କରିବାରେ ଲାଗିଛି ଏବଂ ଜିଲ୍ଲାରେ କରୋନା ସମ୍ପର୍କୀତ ଖବର ଜାଣିବା ନିମନ୍ତେ ସମସ୍ତେ ବ୍ୟଗ୍ର ରହିଥାନ୍ତି । ଏହି ସମୟରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଟୁଇଟରରେ ଦିଆଯାଉଥିବା ତଥ୍ୟରେ ସ୍ୱଚ୍ଛତାର ଅଭାବ ରହୁଥିବାର ପରିଲକ୍ଷିତ ହୋଇଛି । ଯାହାକୁ ନେଇ ଗଣମାଧ୍ୟମଠାରୁ ଆରମ୍ଭ କରି ଧାରଣ ଜନତା ପର୍ଯ୍ୟନ୍ତ ଦ୍ୱନ୍ଦରେ ପଡ଼ିଯାଉଛନ୍ତି । ବିଭିନ୍ନ ସମୟରେ ଜିଲ୍ଲା ପ୍ରଶାସନ ଟୁଇଟରେ ଦେଉଥିବା ତଥ୍ୟରେ ତାଳମେଳ ରହୁନଥିବାର ଦେଖିବାକୁ ମିଳିଥାଏ । ଏହାକୁ ନେଇ ପ୍ରଶାସନ ସାମାଜିକ ଗଣମାଧମ ଓ ଗଣମାଧମରେ ସମାଲୋଚିତ ହୋଇଆସୁଛି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନନର ତ୍ରୁଟି ବିଚ୍ୟୁତିକୁ ସଂଶୋଧନ କରାଇବା ବଦଳରେ ବାରମ୍ବାର ଦୋହରାଇ ଚାଲିଛନ୍ତି । ଆଜି ମଧ ଟୁଇଟରରେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନାରେ ସ୍ୱଚ୍ଛତା ନ ଥିବାର ଦେଖିବାକୁ ମିଳିଛି । ଗତ ୨୪ ଘଂଟା ମଧରେ ଜିଲ୍ଲାରେ ୨୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହା ମଧରୁ କ୍ୱାରେନଟାଇନ ସେଂଟରରୁ ୮ ଜଣ, ଲୋକାଲରୁ ୧୧ ଜଣ ଓ କୋଭିଡ଼ ଯୁଦ୍ଧା ୩ ଜଣ କରୋନା ସଂକ୍ରମିତ ହୋଇଛନ୍ତି । ଲୋକାଲରୁ ଜିବିନଗର-୧, ଖୁଂଟା-୧, ବାରିପଦା-୧, ବେତନଟୀ-୧, କୁଳିଅଣା-୨ ଓ ରାସଗୋବିନ୍ଦପୁର ବ୍ଲକ ଅଂଚଳରୁ ୩ ଜଣ ଥିବାର ଉଲ୍ଲେଖ କରିଥିବା ବେଳେ ଅବଶିଷ୍ଟ ୨ ଜଣ କେଉଁ ଅଂଚଳରେ ସେ ସମ୍ପର୍କରେ କୌଣସି ସୂଚନା ନାହିଁ । ସେହିପରି ଉଦଳା ବ୍ଲକ ଓ ଏନଏସିରୁ ୩ ଜଣ କର୍ତବ୍ୟରତ କୋଭିଡ଼ ଯୁଦ୍ଧା ଥିବାର ଦର୍ଶାଇଥିବା ସମୟରେ କେଉଁଠାରୁ କେତେ ସେ ସମ୍ପର୍କରେ ସୂଚନା ଦିଆଯାଇ ନାହିଁ । ପୁଣି ଚିହ୍ନଟ ହୋଇଥିବା ୨୨ ଜଣଙ୍କ ମଧରେ ମହିଳା ଓ ପୁରୁଷ, ବୟସ ଆଦି ସମ୍ପର୍କରେ କୌଣସି ତଥ୍ୟ ରହିନାହିଁ । ତେଣୁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଟୁଇଟରରେ ଦିଆଯାଉଥିବା ସୂଚନାରେ ସ୍ୱଚ୍ଛତାକୁ ନେଇ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି ।

# ବିଧାୟକଙ୍କ ଦ୍ୱାରା ନୂତନ ଆଲୋକୀକରଣ ବ୍ୟବସ୍ଥାର ଉଦଘାଟନ

ନୂଆପଡା,୨୭।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ଦ୍ୱାରା ନୂତନ ଆଲୋକୀକରଣ ବ୍ୟବସ୍ଥାର ଶୁଭ ଉଦ୍‌ଘାଟନ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ହୋଇଯାଇଛି । ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ସମସ୍ତ ଓ୍ୱାର୍ଡ ସହ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟ ପରିସରରୁ ସହର ପର୍ଯ୍ୟନ୍ତ ଆଲୋକୀକରଣ କରାଯିବ । ଗ୍ରୀନ ଫିଲ୍ଡ ଏନେର୍ଜି ନାମକ ଘରୋଇ ସଂସ୍ଥା ଦ୍ୱାରା ୧୦୦୦ ଗୋଟି ଉନ୍ନତ ଧରଣର ଲାଇଟ ଲଗାଯିବ ବୋଲି ସୂଚନା ମିଳିଛି । ଏହି ଉଦ୍‌ଘାଟନ ସମୟରେ ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଏନଏସି ଜେଇ ତାମ୍ରଧ୍ୱଜ ମାଝୀ, ସନ୍ତୋଷ ପଟ୍ଟନାୟକ, ସତପାଲ ସିଂ ଛାବଡା, ବିଭୂଦତ ଯୋଷୀ, ହିରାଧର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରହ୍ମବରଦା ଅଂଚଳରେ ଜବର ଦଖଲ ଉଚ୍ଛେଦ ଦାବି, ଜିଲ୍ଲାପ୍ରଶାସନ ନିକଟରେ ଅଭିଯୋଗ

ଧର୍ମଶାଳା,୨୭।୭ (ନି.ପ୍ର):- ସରକାର ଗ୍ରାମାଂଚଳର ଉନ୍ନତି ନିମନ୍ତେ ରାସ୍ତା ତିଆରି କରୁଛନ୍ତି । ଏନେଇ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରୁଛନ୍ତି । ହେଲେ ଏହି ରାସ୍ତା ତିଆରି ସରିବା ପରେ ଏହା ଜନସାଧାରଣଙ୍କ କାମରେ ଲାଗୁନଥିବା ଦେଖିବାକୁ ମିଳିଛି । କେତେକ ମୁଷ୍ଟିମେୟ ବ୍ୟକ୍ତି ଏହି ରାସ୍ତା ଉପରେ ଜୋର ଜବର କରି ନିଜ ଅକ୍ତିଆରକୁ ନେଇ ବିଭିନ୍ନ କାର୍ଯ୍ୟରେ ଲଗାଉଥିବା ବେଳେ ଏହି ଜବର ଦଖଲ ଉଚ୍ଛେଦ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏଭଳି ଅଭିଯୋଗ ହୋଇଛି ରସୁଲପୁର ବ୍ଲକ ବ୍ରହ୍ମବରଦାର ପଂଚାୟତରେ । ଏହି ପଂଚାୟତର ବଉଳାଘାଇ ଦାଣ୍ଡିଠାରୁ ହାଜିନଗର ଗ୍ରାମ୍ୟ ରାସ୍ତା ଏବେ ଦିନକୁ ଦିନ ସଙ୍କୁଚିତ ହେବା ସହିତ ଜବର ଦଖଲକାରୀଙ୍କ କବଳକୁ ଚାଲିଯାଇଛି । ଏହି ରାସ୍ତା ହେଉଛି ଗ୍ରାମର ମୁଖ୍ୟ ରାସ୍ତା । ଏହି ଗ୍ରାମର ୧,୨, ଓ ୩ ଓ୍ୱାର୍ଡକୁ ନେଇ ଇଦଗାହଠାରୁ ବ୍ରାହ୍ମଣୀ ନଦୀ ବନ୍ଧ ପର୍ଯ୍ୟନ୍ତ ରାସ୍ତାରେ ୩ହଜାରୁ ଉର୍ଦ୍ଧ ଜନସାଧାରଣ ବସବାସ କରିଆସନ୍ତି । ଏହି ତିନି ଗୋଟି ଓ୍ୱାର୍ଡରେ ଏକ ସରକାରୀ ବିଦ୍ୟାଳୟ,ଓଭର ହେଡ ପାଣି ଟାଙ୍କି,ଆରଡବ୍ଲୁଏସଏସ ଶାଖା କାର୍ଯ୍ୟାଳୟ ରହିଛି । ଏହି ରାସ୍ତା କଂକ୍ରିଟ ରାସ୍ତା ହୋଇଥିବା ବେଳେ କେତେକ ମୁଷ୍ଟିମେୟ ବ୍ୟକ୍ତ ଏହି ରାସ୍ତା ଉପରେ ଘର କରିବା ସହିତ, ପାଇଖାନା ଟାଙ୍କି, ବ୍ୟବସାୟ ପ୍ରତିଷ୍ଠାନ ଓ ପାଚେରୀ ଆଦି ନିର୍ମାଣ କରିଛନ୍ତି । ଫଳରେ ଏହି ଗ୍ରାମକୁ ୪ ଚକିଆ ଯାନ ଆସିବା ସମ୍ଭବ ହେଉନାହିଁ । ଏହି ଓ୍ୱାଡକୁ ପିଡିଏସ ସାମଗ୍ରୀ, ପୁଲିଙ୍ଗ ଏଜେଂଟ ଗାଡି,୪ ଚକିଆ ଯାନ,ଆମ୍ବୁଲାନ୍ସ, କୃଷି ଜାତ ସାମଗ୍ରୀ ନେବା ଆଣିବା ଏବଂ ବ୍ରହ୍ମବରଦାର ମୁଖ୍ୟ ଓଭର ହେଡ ପାଣି ଟାଙ୍କି ମରାମତି କିମ୍ବା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀଙ୍କ ଗାଡି ଆସି ପାରୁ ନଥିବା ସହ ସ୍ଥାନୀୟ ଲୋକେ ନାନା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଏନେଇ ଏହି କଥାକୁ ଗୁରୁତ୍ୱ ନ ନେବାରୁ ଗ୍ରାମବାସୀ ବାଦ୍ୟ ହୋଇ ଜିଲାପାଳ,ଉପ-ଜିଲାପାଳ, ରସୁଲପୁର ତହସିଲଦାର, ଧର୍ମଶାଳା ଥାନା ଓ ସ୍ଥାନୀୟ ଅସରପଂଚଙ୍କ ନିକଟରେ ଶତାଧିକ ଲୋକେ ଲିଖିତ ଅଭିଯୋଗ କରିଛନ୍ତି । ଏଭହି ଘଟଣାକୁ ନେଇ ଜିଲା ପ୍ରଶାସନ ଗୁରତର ସହ ନେଇ ଜବର ଦଖଲକାରୀଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ପିଏମଏଓ୍ୱାଇ ଥିଲାବାଲାକୁ ମିଳୁଛି ପ୍ରକୃତ ହୀତାଧିକାରୀ ପାଉ ନାହାନ୍ତି

କନ୍ଧମାଳ,୨୭।୭ (ନି.ପ୍ର): ସରକାର ଗରୀବ ଗୁରୁବା ତଥା ନିରାଶ୍ରୟ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରିଛନ୍ତି । ଏଥିରେ ଗରୀବ ହିତାଧିକାରୀ ମାନଙ୍କୁ ମାଗଣାରେ ଘର ଯୋଗାଇ ଦିଆଯାଉଥିବା କଥା କହୁଛନ୍ତି। ହେଲେ ପ୍ରକୃତରେ ଥିଲାବାଲାକୁ ମିଳୁଥିବା ବେଳେ ନଥିଲାବାଲାଙ୍କୁ ନାହିଁ । ଗରୀବ ଲୋକେ ଯେଉଁ ଅବସ୍ଥାରେ ଅଛନ୍ତି, ସେମିତି ଅଛନ୍ତି । ଘର ଖଣ୍ଡେ ନେହୁରା ହେଲେ ବି ମିଳୁନି । ଅଭିଯୋଗ କଲେ ବି ଶୁଣୁଛି ବାକୁ କିଏ ନାହାନ୍ତି । ପ୍ରକୃତ ହିତାଧିକାରୀ ବଂଚିତ ହେଉଛନ୍ତି ଏଭଳି ଅଭିଯୋଗ ଆସିଛି କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକର ସଦର ମହକୁମା ଅଂଚଳରୁ । ବ୍ଲକ ସଦର ମହକୁମାରୁ ମାତ୍ର କିଛି ଦୂରରେ ଥିବା ନୂଆସାହୀ ଅଂଚଳର ଭିନ୍ନକ୍ଷମ ବ୍ୟକ୍ତି ବାସୁଦେବ ବିନ୍ଧାଣୀ । ଜନ୍ମରୁ ଗୋଡ ଦୁଇଟି କାମ କରୁନି । ତାଙ୍କର ୩ ପୁଅ ମଧରୁ ଗୋଟିଏ ପୁଣି ଭିନ୍ନକ୍ଷମ । ସେ କିଛି କାମ କରିପାରୁନି । କେବଳ ବାସୁଦେବଙ୍କ ପତ୍ନୀ ଆ ତା ଘରେ କାମ କରି ଯାହା ଦିପଇସା ଆଣୁଛନ୍ତି ସେଥିରେ ପରିବାର ଚଳୁଛି । ସରକାରଙ୍କ ପକ୍ଷରୁ ମାଗଣା ଚାଉଳ ଓ ଭିନ୍ନକ୍ଷମ ଭତା ମିଳୁଛି । କିନ୍ତୁ ଘର ଖଣ୍ଡିଏ ମିଳିନି ଏଯାଏଁ । ଟାଇଲ ଛପର ଘର ଭାଙ୍ଗିରୁଜି ଗଲାଣି । ବର୍ଷାଦିନ ହେଲେ ଗଳୁଛି ଚାରିଆଡେ । ମରାମତି କରିପାରୁନାହାଁନ୍ତି ପଇସାପତ୍ର ଅଭାବରୁ । ଏଭଳି ଅବସ୍ଥାରେ ୫ ପ୍ରାଣୀ କୁଟୁମ୍ବ ଶୋଉଛନ୍ତି ଏହି ଭଙ୍ଗା ଦଦରା ଘରେ । ଦୁଇବର୍ଷ ହେଲା ପିଏମଏଓ୍ୱାଇ ଯୋଜନାରେ ଘର ଟିଏ ପାଇବା ପାଇଁ ବ୍ଲକ ଅଫିସରେ ଆବେଦନ କରିଥିଲେ ମଧ ମିଳିନି ଏଯାଏଁ ତାଙ୍କୁ । ହେଲେ ଧନୀ ଓ କୋଠାଘର ଥିବା ଲୋକଙ୍କୁ ଘର ମିଳୁଛି କୁଆଡେ ବୋଲି ଅଭିଯୋଗ ହେଉଛି । କୋଟଗଡ ବିଡିଓ କୈଳାସ ମୁର୍ମୁଙ୍କୁ ପଚାରିଲେ ସେ ବାସୁଦେବ ଜଣେ ଯୋଗ୍ୟ ହିତାଧିକାରୀ ଆଉ ତାଙ୍କୁ ଅତିଶିଘ୍ର ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# କାଶିବାରୁ କରୋନା ସନ୍ଦେହ- ଯୁବକକୁ ନିସ୍ଠୁକ ମାଡ

କେନ୍ଦ୍ରାପଡ଼ା,୨୭।୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଥାନା ଅନ୍ତର୍ଗତ ଠାକୁରହାଟ ଗ୍ରାମରେ କରୋନା ସନ୍ଦେହରେ ଏକ ଅଭାବନୀୟ ଘଟଣା ଘଟିଥିବାର ନଜରକୁ ଆସିଛି । ୪ଜଣ ଯୁବକ ଏକାଠି ବସି ଗପସପ କରୁଥିବା ବେଳେ ସେହି ସମୟରେ ହରି ସେଠୀଙ୍କ ପୁଅ ଭରତ ସେଠୀ ଲଗାତାର କାଶି ଥିଲା । ତାକୁ କରୋନା ହୋଇଛି ବୋଲି ସନ୍ଦେହ କରି ସେଠାରେ ଗପସପ କରୁଥିବା ଯୁବକ ମାନେ ଭରତକୁ ଚାଲି ଯିବାକୁ କହିଥିଲେ । ଉଭୟଙ୍କ ମଧରେ ବଚସା ହେବାରୁ ନିକଟସ୍ଥ ଛାଂଚୁଣିଆ ଗ୍ରାମର ଏହି ୪ଜଣ ଯୁବକ ଏକ ବାଉଁଶରେ ଭରତକୁ ନିସ୍ଠୁକ ପିଟିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ରବିବାର ମୁଖ୍ୟ ଚିକିତ୍ସାଳୟକୁ ଆସି ଚିକିତ୍ସିତ କରାଯାଇଛି ।

# ମଦ ପାଉଚ ଜବତ- ୨ ଅଟକ

ନୂଆପଡା,୨୭।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ପୁଲିସ ମଦ ପାଉଚ ଜବତ କରିବା ସହ ୨ ଜଣଙ୍କୁ ଥାନାରେ ଅଟକ ରଖିଥିବା ନେଇ ସୂଚନା ଦେଇଛି । ଖଡିଆଳ ବ୍ଲକର ତୁକଲା ଗ୍ରାମର ଜଗବନ୍ଧୁ ମେହେର ନାମକ ବ୍ୟକ୍ତି ତାଙ୍କର ଟିଫିନ ଷ୍ଟଲରେ ମଦ ପାଉଚ ବିକ୍ରୟ କରୁଥିବା ବେଳେ ପୁଲିସ ଚଢାଉ କରି ତାଙ୍କ ଠାରୁ ୪୩ ଗୋଟି ଦେଶି ମଦ ପାଉଚ ଜବତ କରିଥିଲା । ସେହିପରି ଢୁଙ୍ଗରିପାଲି ଗ୍ରାମର ବିନ ବାଗଙ୍କ ଠାରୁ ମଧ୍ୟ ୪୮ ଗୋଟି ମଦ ପାଉଚ ଜବତ କରାଯାଇଥିବା ନେଇ ସୂଚନା ମିଳିଛି । ଏନେଇ ପୁଲିସ ୧୬୫/୨୦୨୦ ଏବଂ ୧୬୬/୨୦୨୦ ରେ ୨ ଗୋଟି ମାମଲା ରୁଜୁ କରି ଜଗବନ୍ଧୁ ମେହେର ଏବଂ ବିନ ବାଗଙ୍କୁ ଅଟକ ରଖିଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ବାରିପଦା ସ୍ୱତନ୍ତ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ପିଲାଙ୍କ ପୁନଃ ଏଡମିଶନ ପାଇଁ ନିର୍ଦ୍ଦେଶ

## ଜୁଲାଇ ୨୭ ତାରିଖରେ ହେବାକୁଥିବା ଭସେନାର ଭିକ୍ଷା ସଂଗ୍ରହ କାର୍ଯ୍ୟକ୍ରମ ବାତିଲ




ବାରିପଦା,୨୭।୭ (ନି.ପ୍ର): କିଛି ଦିନ ତଳେ ପାଣ୍ଠି ଅଭାବରୁ ବାରିପଦା ଲକ୍ଷ୍ମୀପୋଷୀ ଠାରେ ଥିବା ସ୍ୱତନ୍ତ୍ର ଦୃଷ୍ଟିହିନ ଓ ବଧିର ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ପୁନଃ ଆଦେଶ ନହେବା ଯାଏ ଚଳିତ ବର୍ଷ ଏଡମିଶନ ନିଆ ନଯିବାକୁ କତୃପକ୍ଷ ଆଦେଶ ଦେବା ପରେ ବହୁ ପିଲା ନିରାଶ ହୋଇ ଯାଇଥିଲେ । ତେବେ ଏଭଳି ଘଟଣା ଜାଣିବା ପରେ ବାରିପଦାର ଯୁବଛାତ୍ର ସଂଗଠନ ଭସେନା ପକ୍ଷରୁ ଏହାର ପ୍ରତିବାଦ କରାଯିବା ସହିତ ଜୁଲାଇ ୨୭ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜନସାଧାରଣଙ୍କ ଠାରୁ ଭିକ୍ଷାବୃତ୍ତି କରି ପାଣ୍ଠି ଯୋଗାଡ ପୂର୍ବକ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ତେବେ ଜିଲ୍ଲା ପ୍ରସାଶନ ଆଜି ଉକ୍ତ ସ୍ୱତନ୍ତ୍ର ବିଦ୍ୟାଳୟରେ ପିଲାଙ୍କୁ ଏଡମିଶନ ନେବା ନିମନ୍ତେ ବିଦ୍ୟାଳୟ କତୃପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରି ଥିବାର ଜଣାଯାଇଛି ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଣ୍ଠି ଯୋଗାଇ ଦେବାର ବନ୍ଦବସ୍ତ କରାଯାଇଥିବାର ଜଣାଯାଇଛି । ଏଥିପାଇଁ ଭସେନା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ.ପି. ଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହିତ ୨୭ ତାରିଖର ଭିକ୍ଷା ସଂଗ୍ରହ ଅଭିଯାନକୁ ସ୍ଥଗିତ ରଖାଯାଇଛି ବୋଲି ଏକ ପ୍ରେସ ବିବୃତିରେ ଭସେନା ପକ୍ଷରୁ କୁହାଯାଇଛି ।

# ହଜିଗଲା ମାନବିକତା, ଘର ମାଲିକଙ୍କୁ ଭଡାଦେଇ ପିଣ୍ଡାରେ ରହୁଛନ୍ତି ଅସହାୟ ବୃଦ୍ଧା, ପ୍ରଶାସନ ଜାଣି ଅଜଣା

ଜଟଣୀ,୨୭।୭ (ନି.ପ୍ର): ଜଟଣୀ ପୌରପରିଷଦ ଅଧିନସ୍ଥ ଓ୍ୱାର୍ଡ ନଂ ୫ର ଗଜପତି ନଗରରେ ଜଣେ ଅସହାୟ ମହିଳା ଦିର୍ଘ ବର୍ଷଠାରୁ ଜଣେ ବ୍ୟକ୍ତିଙ୍କ ଘରବାରଣ୍ଡାରେ ଭଡାଦେଇ ରହୁଛନ୍ତି ଅସହାୟ ୬୩ ବର୍ଷିୟା ଜଣେ ବୃଦ୍ଧା । ଘରର ପିଣ୍ଡାରେ ଆଶ୍ରୟ ନେବାଲାଗି ତାଙ୍କୁ ମାସିକ ୫୦୦ଟଙ୍କା ଭଡା ଦେବାକୁ ପଡିଥାଏ ବୋଲି କହିଛନ୍ତି ୬୩ ବର୍ଷିୟା ବୃଦ୍ଧା ଜି ସାବିତ୍ରୀ । ଏହି ଘଟଣାକୁ ନେଇ ଜଟଣୀ ମାନବଧିକାର କର୍ମି ସହାୟତା ପାଇଁ ଯୋଜନା କରି ସ୍ଥାନୀୟ ବୃଦ୍ଧାଶ୍ରମ ଆଶା କିରଣ ହୋମ କର୍ତୃପକ୍ଷ, ପୌରନିର୍ବାହୀ, ଜଟଣୀଥାନା ଓ କେତେକ ସମାଜସେବୀଙ୍କୁ ଅବଗତ କରିଥିଲେ ମଧ କେହି ଆଜି ପର୍ଯ୍ୟନ୍ତ ଆଶ୍ରୟର ସହଯୋଗ ଯୋଗାଇପାରିନଥିବା ଜଣାପଡିଛି । ଏହି ଘଟଣାକୁ ନେଇ ସମାଜରେ ମାନବିକତା ହଜିଗଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସୁଚନାନୁସାରେ, ଜି ସାବିତ୍ରୀ (୬୩) ନାମ୍ନି ଜଣେ ତେଲୁଗୁ ସଂପ୍ରଦାୟ ବୃଦ୍ଧାଙ୍କ ସ୍ୱାମୀ ଓ ଏକମାତ୍ର ଝିଅର ମୃତ୍ୟୁ ହୋଇଯିବାପରେ ଜଟଣୀର ବିଭିନ୍ନ ଅଂଚଳରେ ଲୋକମାନଙ୍କ ଘରେ କାମଧନ୍ଦା କରି ଆଶ୍ରୟ ନେଇ ରହୁଥିଲେ । ମାତ୍ର ବୟସର ଅପରାହ୍ନରେ କାମଧନ୍ଦା କରି ନିଜେ ଚଳିବାକୁ ସେ ସକ୍ଷମ ହୋଇ ନ ପାରିବାରୁ କାଳକ୍ରମେ ଅଭାବ ଅନଟନ ଦେଖାଦେଇଥିଲା । ଏନେଇ ଜଣେ ବ୍ୟକ୍ତି ସହାୟ ହୋଇ ସାବିତ୍ରୀଙ୍କ ପାଇଁ ଏକ ଘର ଭଡା ଯୋଗାଡ କରିବା ସହିତ ପୌରପରିଷଦ ପକ୍ଷରୁ ରାସନକାର୍ଡ ବ୍ୟବସ୍ଥା କରାଇଦେଇଥିଲେ । ମାତ୍ର ଅର୍ଥାଭାବରୁ ଘରଭଡା ଦେଇନପାରିବାରୁ ଘରର ମାଲିକ ବାରଣ୍ଡାରେ ଆଶ୍ରୟ ଦେଇ ମାସିକ ୫୦୦ଟଙ୍କା ନେଉଛନ୍ତି ବୋଲି ସାବିତ୍ରୀ କହିଛନ୍ତି । ତେବେ ପୌରପରିଷଦରୁ ମିଳୁଥିବା ମାସିକ ଭତା ବାବଦରେ ୫୦୦ଟଙ୍କା ଆଣି ଘରମାଲିକଙ୍କୁ ଦେଇ ଭଡାରେ ରହିଛନ୍ତି । ବେଳେ ବେଳେ ଏହି ଭତା ବାବଦରେ ମିଳୁଥିବା ୫୦୦ଟଙ୍କା ଜଦି ଅନ୍ୟ କୌଣସି କାମରେ ଖର୍ଚ୍ଚ ହୋଇଯାଇଥାଏ ତେବେ ସେମାସରେ ଭଡା ଦେଇପାରନ୍ତି ନାହିଁ । ବାର୍ଦ୍ଧକ୍ୟବସ୍ଥା ଯୋଗୁଁ ବାରମ୍ବାର ଶାରିରୀକ ସମସ୍ୟା ଦେଖାଦେଉଛି । ହେଲେ ସେଥିପାଇଁ ଔଷଧ କିଣିବାକୁ ପଇସାଟିଏ ନାହିଁ । ଏନେଇ କେହି କେତେବେଳେ ସାହାଯ୍ୟ ସହଯୋଗ କରୁଥିବା ବେଳେ ଆଉ କେତେବେଳେ ଅର୍ଥାଭାବରେ ମୁହଁମାଡି ରହିବାକୁ ପଡିଥାଏ । ଅଧିକାଂଶ ସମୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ସେହି ପିଣ୍ଡାରେ ୨ରୁ ୩ଦିନ ବ୍ୟାପି ପଡିରହିଥାନ୍ତି । ସ୍ଥାନୀୟ କେତେକ ବ୍ୟକ୍ତି ବିଭିନ୍ନ ସମୟରେ ଅଟୋଭଡାଦେଇ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିବା ବେଳେ କୋଭିଡ ଯୋଗୁଁ ଆଉ କେହି ସହଯୋଗପାଇଁ ଆସୁନଥିବା କହିଥିଲେ । ଶେଷରେ ଉକ୍ତ ବ୍ୟଦ୍ଧାଙ୍କ ପାଇଁ ଜଣେ ସହୃଦୟ ବ୍ୟକ୍ତି ଔଷଧ ଆଣିବାଲାଗି ଏକ ସ୍ୱତନ୍ତ୍ର ଔଷଧ ଦୋକାନରେ ବ୍ୟବସ୍ଥା କରିଛନ୍ତି । ଦିନକୁ ଦିନ ସମସ୍ୟା ବଢିବାପରେ ସ୍ଥାନୀୟ ଲୋକେ ପ୍ରଶାସନର ସ୍ଥାଣୁତା ଉପରେ ପ୍ରଶ୍ନ ଉଠାଇଛନ୍ତି । ତେବେ ଏନେଇ ତାଙ୍କୁ ଭେଟିଥିଲେ ଜଟଣୀମାନବଧିକାର ସଂଗଠନ କର୍ମି ବାସୁଦେବ ସେଠୀ । ସମସ୍ତ ସମସ୍ୟା ବୁଝିନେବାପରେ ପ୍ରଥମେ ଆଶାକିରଣ ବୃଦ୍ଧାଶ୍ରମର କର୍ତୃପକ୍ଷ ହୋଚମିନ ଶାସ୍ତ୍ରୀଙ୍କୁ ଅବଗତ କରିଥିଲେ , ତେବେ ଏନେଇ ଶାସ୍ତ୍ରୀ କହିଥିଲେ ଯେ, ଉକ୍ତ ବୃଦ୍ଧାଙ୍କ ପ୍ରଥମେ କୋଭିଡ ଟେଷ୍ଟ କରାଅ, ପରେ ଜଟଣୀଥାନାକୁ ଆଣି ପିସିଆର ଭ୍ୟାନଯୋଗେ ଆଣି ଏଠାକୁ ଆସ । ପୁଲିସର ନିର୍ଦ୍ଦେଶରେ ଆମେ ଏଠାରେ ରଖିପାରିବୁ । ତେବେ ଏନେଇ ଜଟଣୀଥାନା ଆଇଆଇସିଙ୍କୁ ଅବଗତ କରିବାପରେ ସେ କହିଥିଲେ ଯେ, ବୃଦ୍ଧାଙ୍କର କୋଭିଡ ଟେଷ୍ଟକରି ଆଣ ତାପରେ ଦେଖିବା । ଏସବୁ ମନ୍ତବ୍ୟରେ ନିରାଶ ହୋଇ ଜଟଣୀ ପୌରନିର୍ବାହୀଙ୍କୁ ଜଣାଇଥିଲେ । ସେ ମଧ କୌଣସି ଉତର ଦେଲେ ନାହିଁ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ସରକାର ଗରୀବ ଅସହାୟମାନଙ୍କ ପାଇଁ କୋଟିକୋଟି ଟଙ୍କା ବ୍ୟୟରେ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ଭୂମିହିନ ଅସହାୟମାନଙ୍କୁ ସହରୀକରଣ ଓ ଗ୍ରାମ୍ୟ ଯୋଜନା ମାଧ୍ୟମରେ ଥଇଥାନ କରିବାର ପ୍ରତିଶୃତି ଏଠାରେ କେତେ କାର୍ଯ୍ୟକାରୀ ହେଉଛି ତାହା ସାଧାରଣରେ ଅନୁମେୟ ହୋଇଛି । ସେହିପରି ବୃଦ୍ଧାଶ୍ରମ ନାମରେ ମାସିକ ଲକ୍ଷଲକ୍ଷ ଟଙ୍କା ପ୍ରକଳ୍ପ ମାଧ୍ୟମରେ ଆଣୁଥିବା ବେଳେ ଅସହାୟମାନଙ୍କ ରକ୍ଷଣାବେକ୍ଷଣ ପାଇଁ ସରକାର ଏମାନଙ୍କୁ ଜମିବାଡି ସହିତ ଅର୍ଥ ଯୋଗାଇଥାନ୍ତି । ଗରୀବମାନଙ୍କୁ ସହଯୋଗ କରୁଥିବାର ପ୍ରଚାରପ୍ରସାର ପରେ କେତେକ ବେସରକାରୀ ସଂସ୍ଥା ମଧ ସହାୟତା ଯୋଗାଇଥାଏ । ହେଲେ ପକୃତରେ କେତେକ ସ୍ଥାନରେ ଏହାର ସଦୁପଯୋଗ ହେଉନଥିବା ଲୋକେ ଅଭିଯୋଗ କରିଛନ୍ତି । ଜଟଣୀ ଅଂଚଳରେ ଅନେକ ସେଲଟର ହୋମ ରହିଥିଲେ ସୁଧା ଏପରି ଅସହାୟଙ୍କ ପ୍ରତି ସହାୟ ନହେବା ଅଂଚବାସୀଙ୍କୁ ଆଚମ୍ଭିତ କରିଛି । ଉକ୍ତ ସଂସ୍ଥା ଚାହିଁଲେ ମଧ ଅସହାୟଥିବା ବୃଦ୍ଧାଙ୍କ କୋଭିଡ ଟେଷ୍ଟ କରାଇପାରିଥାନ୍ତେ । କିନ୍ତୁ ଏହା ହେଲା ନାହିଁ । ଏହି କାର୍ଯ୍ୟରେ ପୁଲିସ, ପୌରପରିଷଦ କେହି ସାହାଯ୍ୟ ନକରିବାର କଣ କାରଣ ହୋଇପାରେ ବୋଲି ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି ।

# ଅଧିକ ଥର କଫି ପିଇବା ହାନିକାରକ



ଆଳସ୍ୟ ଭାଙ୍ଗିବା ନିମନ୍ତେ ହିଁ ଆମେମାନେ ସକାଳବେଳା ଅବା ସନ୍ଧ୍ୟା ସମୟରେ କଫି କିମ୍ବା ଚା' ପିଇବାକୁ ପସନ୍ଦ କରିଥାଉ । ବିଶ୍ୱର ପ୍ରମୁଖ ପ୍ରାନ୍ତରେ ଏଇ ପାନୀୟର ଆଦର ଦେଖିବାକୁ ମିଳେ । ତେବେ ଧ୍ୟାନରେ ରଖନ୍ତୁ ଯେ ଅଧିକଥର ଏଇ କଫି ପିଇବା ଶରୀର ଉପରେ କୁପ୍ରଭାବ ପକାଇଥାଏ । ବିଶେଷଜ୍ଞଙ୍କ ମତରେ ଦିନକୁ ଅତିବେଶୀରେ ୨ଥର କଫି ପିଇବା ଉଚିତ । ବାରମ୍ବାର କଫି ପିଇବାକୁ ଭଲ ଲାଗେ ସତ, କିନ୍ତୁ ସେଥିରେ ଥିବା କେଫିନ ତତ୍ତ୍ୱ ରୋଗକୁ ନିମନ୍ତ୍ରଣ କରେ । ମାଇଗ୍ରେନ ରୋଗ ହେବାର ଭୟ ସବୁଠୁ ଅଧିକ । ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳ୍ପ ସମୟ ଏଇ ଯନ୍ତ୍ରଣା ରହିବାବେଳେ ପରେପରେ ୨-୩ ଘଣ୍ଟା ଯନ୍ତ୍ରଣା ହୁଏ । ସମୟକ୍ରମେ ମାଇଗ୍ରେନ କାରଣରୁ ଜଣେ ବ୍ୟକ୍ତି କୌଣସି କାମ ଉପରେ ଧ୍ୟାନ ଦେଇପାରେନି । ଏପରିକି ରୋଗୀର ଦେଖିବା ଓ ଶୁଣିବା ମଧ୍ୟ ଏହା କାରଣରୁ ପ୍ରଭାବିତ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ । ଏଣୁ ଏବେଠାରୁ ହିଁ ସତର୍କ ହୁଅନ୍ତୁ, ଦିନକୁ ୨କପରୁ ଅଧିକ କଫି ନ ପିଇବା ହିଁ ଉଚିତ ।

# ଅତ୍ୟାଧୁନିକ ମୋବାଇଲସ୍କ୍ରିନ୍



ସ୍ମାର୍ଟଫୋନ୍ ଏବେ ଲୋକଙ୍କର ଏକ ପ୍ରମୁଖ ସୁକ୍ । ବିଶ୍ୱବଜାରରେ ବର୍ତ୍ତମାନ ବିଭିନ୍ନ କମ୍ପାନୀର ଶସ୍ତା ଠାରୁ ମହରଗ ମୋବାଇଲଫୋନ ବିକ୍ରି ହେଉଛି । ଅଧିକାଂଶ ସ୍ମାର୍ଟଫୋନ୍ ବ୍ୟବହାରକାରୀ ନକିନ୍ତୁ ଏକ ପ୍ରମୁଖ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଜଣାପଡ଼ିଛି । ସର୍ବେକ୍ଷଣ ଅନୁସାରେ ବିଶ୍ୱସ୍ତରରେ ଗୋଟିଏ ଦିନରେ ୨ଲକ୍ଷ ମୋବାଇଲର ସ୍କ୍ରିନ୍ ଭାଙ୍ଗିଥାଏ । ମୋବାଇଲର ସଂଖ୍ୟା ଦିନକୁ ଦିନ ବଢ଼ିବା ସହ ସେଥିପାଇଁ ମାତ୍ରାଧିକ ପ୍ରଦୂଷଣ ବଢ଼ିବାରେ ଲାଗିଲା । ସେସବୁକୁ ଲକ୍ଷ୍ୟ କରି ନ୍ୟୁୟର୍କ ବିଶ୍ୱବିଦ୍ୟାଳୟା ଗବେଷକଗଣ ଏକପ୍ରକାର ଅତ୍ୟାଧୁନିକ ମୋବାଇଲ ସ୍କ୍ରିନ୍ ତିଆରି କରିଛନ୍ତି । ଯଦି ସ୍କ୍ରିନ୍ ହାତରୁ ପଡ଼ି କିମ୍ବା କୌଣସି ଦୁର୍ଘଟଣାରେ ଭାଙ୍ଗିଯିବ ତେବେ ପରବର୍ତ୍ତୀ ୯ରୁ ୧୦ମିନିଟ୍ ମଧରେ ତାହା ପୁନବାର ସଜାଡ଼ି ହୋଇଯିବ ସ୍କ୍ରିନରେ ଆଘାତ ହେବା ମାତ୍ରେ ସେଥିରେ ଥିବା ଏକ ତରଳ ପଦାର୍ଥ କାର୍ଯ୍ୟ ଆରମ୍ଭ କରିବ । ସେହି ସ୍ୱତନ୍ତ୍ର ମୋବାଇଲ ସ୍କ୍ରିନର ଦର ଅଧିକ ହେବ । ବିଶ୍ୱର ବିଭିନ୍ନ ମୋବାଇଲ କମ୍ପାନି ଏବେ ବ୍ରିଷ୍ଟଲ ଗବେଷକଙ୍କ ତଥ୍ୟକୁ ପ୍ରୟୋଗ କରିବା ଆରମ୍ଭ କରିବେ ।

# ବଳକା ଖାଦ୍ୟରୁ ପ୍ରସ୍ତୁତ ଖତ

ଚୀନର ବେଜିଂ ନିକଟରେ ଏକ ସପିଂ ମଲ ରହିଛି । ସେହି ମଲର ସର୍ବୋଚ୍ଚ ସ୍ଥାନରେ ପରିବା ଚାଷ ଆରମ୍ଭ ହୋଇଛି । କୌଣସି ପ୍ରକାର କୀଟନାଶକ ଔଷଧ କିମ୍ବା ସାର ସେଠାରେ ବ୍ୟବହାର କରାଯାଇନଥାଏ । ମଲରେ ଦୈନିକ ୨୦ହଜାରରୁ ଅଧିକ ଲୋକଙ୍କ ପାଇଁ ଖାଦ୍ୟ ସେଠାକାର ରେସ୍ତୋରାଁରେ ପ୍ରସ୍ତୁତ ହୁଏ । ଯେଉଁ ଦିନ ଖାଦ୍ୟ ବଳିପଡ଼େ, ସେସବୁ ଖତ ପାଇଁ ବ୍ୟହୃତ ହୋଇଥାଏ । ବେଜିଂ ଚୀନର ଅନ୍ୟତମ ମୁଖ୍ୟ ସହର ଭାବେ ଜଣାଯାଉଥିବାବେଳେ ଦିନକୁଦିନ ଏଠାରେ ଜନସଂଖ୍ୟା ବଢ଼ୁଛି । ସରକାରୀ ତଥ୍ୟ ଅନୁସାରେ, ସେଠାକାର କୃଷକ ଆବଶ୍ୟକତା ଠାରୁ ଅଧିକ ପେଷ୍ଟିସାଇଡ୍ ଚାଷରେ ବ୍ୟବହାର କରନ୍ତି । ସେସବୁକୁ ଲକ୍ଷ୍ୟରେ ରଖି ସପିଂ ମଲରେ ଉନ୍ନତମାନର ଚାଷ କରାଯାଉଛି ।



# ଭିଡ଼ିଓ ଗେମରେ ଦୂର ହେବ ମୋତିଆ ବିନ୍ଦୁ





ଏଣିକି ଭିଡ଼ିଓ ଗେମରେ ମୋତିଆ ବିନ୍ଦୁ ଦୂର ହେବ ବୋଲି କରାଯାଇଥିବା ଏକ ଅଧ୍ୟନରୁ ଜଣାପଡ଼ିଛି । ମନସ୍ତତ୍ତ୍ୱବିତ୍ଙ୍କ କହିବା ଅନୁସାରେ, ସପ୍ତାହରେ ଅତି କମରେ ୪୦ ଘଣ୍ଟା ଭିଡ଼ିଓ ଗେମ ଅଭ୍ୟାସ କଲେ ଦୃଷ୍ଟି ଶକ୍ତି ବୃଦ୍ଧି ହେବା ସହିତ ମୋତିଆ ବିନ୍ଦୁ ଦୂର ହେବ । ସେମାନେ ଆହୁରି କହିଛନ୍ତି ଯେ, ବୃଦ୍ଧାଅବସ୍ଥାରେ ଦୃଷ୍ଟି ଶକ୍ତି ହ୍ରାସ ହେବା ଯୋଗୁ ଦେଖିବାରେ ଅସୁବିଧା ହୁଏ । ଏହି ବୟସରେ ଆଖିରେ ମୋତିଆ ବିନ୍ଦୁ ମାଡ଼ିଯାଏ । ଏହାର ଚିକିତ୍ସା ପାଇଁ ଅସ୍ତ୍ରୋପଚାର କରିବା ଓ କଣ୍ଟାକ୍ଟ ଲେନ୍ସ ଲଗାଇଲେ ମଧ୍ୟ ଏହା ସବୁବେଳେ ସୁଫଳ ଦେଇ ନଥାଏ । ମନୋବିଜ୍ଞାନୀଙ୍କ ମତରେ, ବୟସ୍କ ବ୍ୟକ୍ତିଙ୍କର ଆଖିର ଦୃଶ୍ୟପଟ ସହିତ ମସ୍ତିଷ୍କର ଯେଉଁ କୋଷ ଜଡ଼ିତଥାଏ, ତାହା ନିଷ୍କ୍ରିୟ ହୋଇଥାଏ । ଏହା ଦ୍ୱାରା ଆଖିର କାର୍ଯ୍ୟ କରିବାର ଶକ୍ତି ହ୍ରାସ ପାଇଯାଏ । ମୋତିଆ ବିନ୍ଦୁ ମାଡ଼ିବାର ଏହା ହେଉଛି ମୁଖ୍ୟ କାରଣ ଭିଡ଼ିଓ ଗେମ ଅଭ୍ୟାସ କରିବା ଦ୍ୱାରା ନିଷ୍କ୍ରିୟ ହୋଇଥିବା ମସ୍ତିଷ୍କ କୋଷ ସକ୍ରିୟ ହୋଇଯିବା ସହିତ ଦୃଷ୍ଟି ଶକ୍ତି ବୃଦ୍ଧି ପାଇବ ।

# ପିଲାଙ୍କ ସ୍ମୃତିଶକ୍ତି ବଢ଼ାଇବାର ଉପାୟ

 କେବଳ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାକୁ ଦୃଷ୍ଟିରେ ରଖି ଏବର ପିଲାମାନେ ପାଠ ପଢ଼ା ପ୍ରତି ଆଗ୍ରହୀ ହେଉଛନ୍ତି । ସର୍ବେକ୍ଷଣରୁ ଜଣାପଡ଼ିଛି, ୪୧% ପିଲା ଏଇ ଗୋଷ୍ଠୀର ହୋଇଥିବାବେଳେ ଅନ୍ୟ ୨୭% ପାଠପଢ଼ାରେ ଅବହେଳା କରିଥାନ୍ତି । ୫ବର୍ଷର କୁନି ପିଲାଙ୍କର ପାଠ ପଢ଼ା ପ୍ରତି ଏତେ ଧ୍ୟାନ ନଥାଏ । ବରଂ ଏଇ ବୟସରେ ସେମାନେ ଟେଲିଭିଜନ ଦେଖା, ଚିତ୍ର ଅଙ୍କା ଓ ସ୍ମାର୍ଟଫୋନରେ ଭିଡ଼ିଓ ଦେଖିବାକୁ ପସଦନ୍ଦ କରୁଛନ୍ତି । ସେମାନଙ୍କ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ହେଲେ ଉଭୟ ବାପା ଓ ମା'ଙ୍କୁ ସଚେତନ ହେବାକୁ ପଡ଼ିବ ।

ବିଶେଷଜ୍ଞଙ୍କ ମତରେ ପ୍ରଥମରୁ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ତାର ଉତ୍ତର ଜାଣିବାକୁ ଚେଷ୍ଟା କରନ୍ତୁ । ଯେପରି ଯଦି ପିଲା ବାହାରେ କିମ୍ବା ଘରେ ଆଇସକ୍ରିମ ଖାଉଛି, ଖାଇବା ପରେ ଆଇସକ୍ରିମର ରଙ୍ଗ ଓ ସ୍ୱାଦ ପଚାରି ବୁଝିବେ । ବିଭିନ୍ନ ପ୍ରକାର ଅନୁସନ୍ଦାନରୁ ସ୍ପଷ୍ଟ ହୋଇଛି ଯେ ଚିତ୍ର ଆଙ୍କୁ ଥିବା କୁନି ପିଲାଙ୍କର ସ୍ମୃତି ଶକ୍ତି ଖୁବ୍ ପ୍ରଖର । ଏମାନଙ୍କ ଉପରେ ଅଧିକ ପାଠପଢ଼ା ଦେବା ଅନୁଚିତ ।




ଯଥା ସମୟରେ ଏମାନେ ନିଜର ପରାକାଷ୍ଠା ପ୍ରଦର୍ଶନ କରିବେ । ଦିନକୁ ଅତିକମରେ ପିଲାଙ୍କୁ ଟିଭିରେ ୪୫-୬୦ମିନିଟ୍ କାର୍ଟୁନ ସିରିଜ ଦେଖିବା ନିମନ୍ତେ ଉତ୍ସାହିତ କରନ୍ତୁ । କିଛି ଦିନ ମଧ୍ୟରେ ଜାଣିପାରିବେ ଯେ ଏମାନେ କାର୍ଟୁନ ଚରିତ୍ରଙ୍କୁ ଅନୁକରଣ କରିବା ସହ ଭଲ ବ୍ୟବହାର ମଧ୍ୟ ଶିଖୁଛନ୍ତି ।

# ଫ୍ରାନ୍ସର କଡ଼ା ନିୟମ

ବିଶ୍ୱର ପ୍ରମୁଖ ପ୍ରନ୍ତରେ ସୁନ୍ଦରୀ ପ୍ରତିଯୋଗିତାକୁ ବିଭିନ୍ନ ମହଲ ପ୍ରୋତ୍ସାହିତ କରୁଥିବାର ଦେଖାଯାଉଛି ଏପରିକି ଆମେରିକା ଓ ଇଉରୋପର କେତେକ ରାଷ୍ଟ୍ର କୁନି ପିଲାଙ୍କୁ ମଧ୍ୟ ଏଥିରେ ସାମିଲ କରୁଛନ୍ତି । ଗତ କିଛି ବର୍ଷ ମଧ୍ୟରେ ଏହା ଏକ ପରମ୍ପରା ଭାବେ ପାଳିତ ହେଉଥିବା ଲକ୍ଷ୍ୟ କରାଯାଉଛି । ଭାରତର ମହାନଗରୀଗୁଡ଼ିକରେ ସଂଖ୍ୟାଧିକ ସଂସ୍ଥା ଛୋଟ ପିଲାଙ୍କୁ ଉତ୍ସାହିତ କରାଇବା ଦିଗରେ ନିୟମିତ ଭାବେ ସୁନ୍ଦରୀ ପ୍ରତିଯୋଗିତା ଆୟୋଜିତ କରୁଛନ୍ତି । ଏ ଦିଗରେ ଫ୍ରାନ୍ସ କିନ୍ତୁ ୧୯୯୫ରୁ କଡ଼ା କଡ଼ି ପଦକ୍ଷେପ ଗ୍ରହଣ କରିଛି । ଏହା ପୂର୍ବରୁ ସେଠାରେ ମଧ୍ୟ ନିୟମିତ ଭାବେ କୁନି ପିଲାଙ୍କ ସୁନ୍ଦରୀ ପ୍ରତିଯୋଗିତା ଆୟୋଜିତ କରୁଛନ୍ତି । ଏ ଦିଗରେ ପ୍ରାନ୍ସ କିନ୍ତୁ ୧୯୯୫ରୁ କଡ଼ା କଡ଼ି ପଦକ୍ଷେପ ଗ୍ରହଣ କରିଛି । ଏହା ପୂର୍ବରୁ ସେଠାରେ ମଧ୍ୟ ନିୟମିତ ଭାବେ କୁନି ପିଲାଙ୍କ ସୁନ୍ଦରୀ ପ୍ରତିଯୋଗିତା ଆୟୋଜିତ ହେଉଥିଲା । କେତେକ ମହଲରେ ଏଇ ପ୍ରତିଯୋଗିତାକୁ ପ୍ରବଳ ବିରୋଧ କରାଯିବା ପରେ ଏବେ ଫ୍ରାନ୍ସ ସରକାର 'କୁନି ନିଲାଙ୍କ ସୁନ୍ଦରୀ ପ୍ରତିଯୋଗିତାକୁ ବେଆଇନ ଗୋଷଣା କରିଛି । ଯଦି କୌଣସି ସଂସ୍ଥା ଏଭଳି ପ୍ରତିଯୋଗିତା ଆୟୋଜନ କରୁଥିବାର ଜଣାପଡ଼େ, ତେବେ ଏହାର ମୁଖ୍ୟଙ୍କୁ ୨ ବର୍ଷରୁ ଅଧିକ ଜେଲ ଦଣ୍ଡ ସହ ୧୦ଲକ୍ଷ ଟଙ୍କା ଜୋରିମାନା ମଧ୍ୟ ହେବ ।

# ଗ୍ରୀନଲାଣ୍ଡର ଏକ ମାତ୍ର ସବୁଜିମା



ଗ୍ରିନଲାଣ୍ଡ ବିଶ୍ୱର ବୃହତ୍ତମ ଦ୍ୱୀପ । ସାରା ଗ୍ରିନଲାଣ୍ଡ ବର୍ଷ ତମାମ ବରଫପୂର୍ଣ୍ଣଥାଏ । ତେବେ, ସେଠାକାର କ୍ୱିନଗୁଆ ଉପତ୍ୟକା ଏକ ମାତ୍ର ବ୍ୟତିକ୍ରମ । ଏହା ଗ୍ରିନଲାଣ୍ଡର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ । ଏହି ଉପତ୍ୟକା ସବୁଜିମାମୟ ରହିବାର କାରଣ, ଏହା ଚାରି ପାଖରୁ ସୁ-ଉଚ୍ଚ ପର୍ବତ ଦ୍ୱାରା ଘେରା । ସମୁଦ୍ର ପ୍ରାୟ ପଚାଶ କିଲୋମିଟର ଦୂରରେ । ତେଣୁ, ଏହି ଉପତ୍ୟକାରେ ଉଦ୍ଭିଦ ବଢ଼ିବା ପାଇଁ ଆବଶ୍ୟକ କରୁଥିବା ଉତ୍ତାପ ପାଇଥାଏ । ଏଠାରେ ତିନି ଶହ ପ୍ରଜାତିର ବୃକ୍ଷ ଦେଖାଯାଏ । କେତେକ ଉଚ୍ଚତାରେ ପଚିଶଫୁଟ୍ ପର୍ଯ୍ୟନ୍ତ ବଢ଼େ । ନର୍ସମାନେ ବଦଶମ ଶତାବ୍ଦୀରେ ଏଠାରେ ବସତି ସ୍ଥାପନ କରିଥିଲେ । ବିଜ୍ଞାନୀଙ୍କ ସୂତ୍ରରୁ ପ୍ରକାଶ ଯେ, ହଜାର ହଜାର ବର୍ଷ ତଳେ ସମଗ୍ର ଗ୍ରିନଲାଣ୍ଡ ତୁଷାରାଚ୍ଛନ୍ନ ନଥିଲା । ଅନେକ ସ୍ଥାନରେ ଜଙ୍ଗଲ ।

# ନରକର ଘଣ୍ଟି

ମେକସିକୋର ୟୁକାଟାନ ଅଞ୍ଚଳ ଅନ୍ତର୍ଗତ ସିନୋଟ୍ ଜାପୋଟ୍ ଏକ ମନୋରମ ପର୍ଯ୍ୟଟନ ସ୍ଥଳୀ । ସେଠାରେ ଘଞ୍ଚ ଜଙ୍ଗଲ ଭିତରେ ରହିଛି ଏକ ବିଶାଳ ଓ ଗଭୀର ବାମ୍ଫି । ବାମ୍ଫି ଭିତରେ ପ୍ରାୟ ତିରିଶ ମିଟର ତଳେ ଘଣ୍ଟି ଭଳି ଦିଶୁଥିବା ଗୁଡ଼ିଏ ପଥର ଦେଖିବାକୁ ମିଳେ । ସ୍ଥାନୀୟ ଲୋକେ ସେଗୁଡ଼ିକୁ କହନ୍ତି 'ହେଲସ ବେଲ' ବା 'ନରକର ଘଣ୍ଟି' । ଭୂବିଜ୍ଞାନୀଙ୍କ ମତରେ, ଶେଷ ହିମଯୁଗ କାଳରେ ସେଗୁଡ଼ିକ ସୃଷ୍ଟି ହୋଇଥିଲା । ତେବେ, ନିର୍ଦ୍ଦିଷ୍ଟ ଭାବେ କେଉଁ କାରଣରୁ ସୃଷ୍ଟି ଅଜଣା ହୋଇରହିଛି ।

# ପେସ୍ତାବାଦାମର ଉପକାରିତା



ପେସ୍ତାବାଦାମ, ଉତ୍ତ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଏକ ଭଲ ଖାଦ୍ୟ । ନିକଟରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି, ନିୟମିତ ଭାବରେ ପେସ୍ତାବାଦାମ ଖାଇଲେ କର୍କଯ ରୋଗ ହେବାର ଆଶଙ୍କା କମ । ଗବେଷକଗଣ ୧୦ହଜାର ବ୍ୟକ୍ତିଙ୍କୁ ନେଇ ପରୀକ୍ଷା କରିଥିଲେ । ନିୟମିତ ଭାବରେ ସେମାନଙ୍କୁ ପେସ୍ତାବାଦାମ ଖାଇବାକୁ ପ୍ରସ୍ତାବ ଦିଆଗଲା । ସେମାନଙ୍କ ମଧ୍ୟରେ କିଛି କର୍କଟ ରୋଗାକ୍ରାନ୍ତ ମଧ୍ୟ ଥିଲେ । ମାନସିକ ସ୍ତରରେ ଦୁର୍ବଳ ଥିବା ପିଲା ଓ ଯୁବଗୋଷ୍ଠୀଥିଲେ । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଲା । ପେସ୍ତାବାଦାମ ଖୁବ ଭଲଭାବରେ କର୍କଟ ରୋଗ ପ୍ରତିରୋଧ କରିପାରୁଛି ବୋଲି ବିଶେଷଜ୍ଞଙ୍କ ମତ । ଆମେରିକାର ସମସ୍ତ କର୍ମସଂସ୍ଥାରେ ଏବେ କର୍ମଚାରୀ ପେସ୍ତାବାଦାମ ଖାଇବା ବାଧ୍ୟତାମୂଳକ କରାଯିବ ବୋଲି ଜଣାପଡ଼ିଛି । ଗବେଷକଗଣଙ୍କ ମତରେ ଆଗାମୀ ୧୨୧ ବର୍ଷ ମଧ୍ୟରେ ପୃଥିବୀରୁ ମନୁଷ୍ୟର ସତ୍ତା ଲୋପ ପାଇବା ଆଶଙ୍କା ରହିଛି । ସର୍ବେକ୍ଷଣରୁ ଜଣାପଡ଼ିଛି ଗତ କିଛି ବର୍ଷ ମଧ୍ୟରେ ପୃଥିବୀ ପୃଷ୍ଠରୁ ୧୫୦୦ ପ୍ରଜାତିର ଜୀବଜନ୍ତୁ ଲୋପ ପଇସାରିଛନ୍ତି । ଡାଇନୋସର ଭଳି ବୃହତକାୟ ଜୀବ ଯଦି ପରିବେଶ ପରିବର୍ତ୍ତନରେ ପ୍ରାଣ ହରାଇଲା, ସେଭଳି ସ୍ଥିତିରେ ମନୁଷ୍ୟର ସ୍ଥିତି କ'ଣ ତାହା ଅନୁମେୟ । ଦିନକୁଦିନ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି । ମୋଟରଗାଡ଼ି, ଉଡ଼ାଜାହାଜରେ ଯାଉଥିବା ମନୁଷ୍ୟ ଏବେ ଦ୍ରୁତତମ ଗାଡ଼ି ତିଆରି କରୁଛି । ଏସବୁ ମଧ୍ୟରେ କିନ୍ତୁ ସବୁଜିମାକୁ କାଟି ପଦା, କରୁଥିବାରୁ ବାୟୁମଣ୍ଡଳର ସ୍ଥିତି ରହିବ ନାହିଁ ବୋଲି ଗବେଷକଙ୍କ ମତ । ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ଆଗାମୀ ୦୦ ବର୍ଷ ପରେ ଲୋକେ ଅଣନିଶ୍ୱାସୀ ହୋଇ ମରିବାର ଆଶଙ୍କା କରାଯାଉଛି ।

# ଭୋଜନ ସମୟର ସତର୍କତା

କିଛି ବର୍ଷ ତଳର ସ୍ଥିତି ଥିଲା ଭିନ୍ନ । ସେ ସମୟରେ ଲୋକଙ୍କ ଖାଇବା ପିଇବାର ଏକ ନିର୍ଦ୍ଦିଷ୍ଟ ସମୟଥିଲା । ଏବେ କିନ୍ତୁ ଲୋକେ ଆଧୁନିକ ଜୀବନ ଶୈଳୀରେ ନିଜକୁ ସାମିଲ କରିଥିବାର ଯୁକ୍ତି ବାଢ଼ୁଛନ୍ତି, ଯାହା କାରଣରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଦିନ ୧୨ଟାରୁ ଗୋଟାଏ ମଧ୍ୟରେ ଲୋକେ ଖାଉଥିଲେ, ଏବେ କିନ୍ତୁ ଲୋକେ ୩ଟା ପରେ ଦ୍ୱିପହର ଭୋଜନ କରୁଛନ୍ତି । ଏହା ସହ ରାତ୍ରିରେ ଗରିଷ୍ଠ ଭୋଜନ କରିବା କାରଣରୁ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଥାଲ । ବିଳମ୍ବିତ ସମସ୍ୟା ଉପୁଜିଥାଏ । ବିଳମ୍ବିତ ରାତିରେ ଭୋଜନ କଲେ ଖାଦ୍ୟ ଆଦୌ ହଜମ ହୋଇପାରେନି । ଅନେକ ସମୟରେ ଆମମାନଙ୍କର ଛଣାଛଣି ତେଲ ମସଲା ଖାଦ୍ୟ ଖାଇବାକୁ ଇଚ୍ଛା ହୋଇଥାଏ । ସେସବୁ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ । ମାସକୁ ଅତିବେଶୀରେ ଏଭଳି ଭୋଜନ ଥରୁଟିଏ କରିବା ଉଚିତ । ଅଧିକ ଥର ଏଭଳି ଖାଦ୍ୟ ଖାଇଲେ ହୃଦରୋଗ ହେବାର ଆଶଙ୍କା ବଢ଼େ ।



ଏହା ସହ ତେଲ ହେଉ ଅବା ଘିଅ, ଆବଶ୍ୟକ ପରିମାଣରେ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଆଦୌ ହାନିକାରକ ନୁହେଁ । ନିୟମିତ ଭାବେ ୧ଛୋଟ ଚାମଚ ଘିଅ ଖାଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ତ୍ୱଚାରେ ମଧ୍ୟ ଚମକ ଆସିଥାଏ । ଏହା ଅଧିକ ପରିମାଣର ଖାଇବା ପରବର୍ତ୍ତୀ ସମୟରେ ଅସୁବିଧା ଉପୁଜାଇପାରେ ।

ବିଶେଷଜ୍ଞଙ୍କ ମତରେ ହୃଦରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ, ରାତି ୮-୯ ମଧ୍ୟରେ ଭୋଜନ କରି କିଛି ସମୟ ଚଲାବୁଲା କରନ୍ତୁ । ପରେ ଶୋଇବାକୁ ଯିବା ଉଚିତ ।



# ଖାଦ୍ୟ ଖାଇ ଓଜନ କମ କରିବେ



ମେଦବହୁଳତା ଏବେ ଏକ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି । କମ ସମୟରେ କିଭଳି ଓଜନ ହ୍ରାସ କରିବେ, ସେଥିପାଇଁ ସମସ୍ତେ ଚେଷ୍ଟାରତ । କିଛିଦିନ ପୂର୍ବେ ଭାରତୀୟ ଗବେଷକମାନେ ଏଇ ଭିତ୍ତିରେ ଏକ ଫଳାଫଳ ବିଶ୍ୱସ୍ତରରେ ଘୋଷଣା କରିଛନ୍ତି । ନିଦ ଓ ମେଦର ନିବିଡ଼ ସମ୍ପର୍କ, କମ ନିଦ୍ରା ହେଲେ ଜଣେ ବ୍ୟକ୍ତି ଉଠିବା ପରେ ତାକୁ ଭୋକ ଲାଗେ । ଏହି ସମୟରେ ଘରେ ଥିବା ଜଙ୍କଫୁଡ୍ ଖାଇବା ପାଇଁ ପ୍ରାଧାନ୍ୟ ଦିଆଯାଏ । ଏହି ଖାଦ୍ୟ ମୋଟାପଣ ତୁରନ୍ତ ବୃଦ୍ଧି କରିଥାଏ । ତେଣୁ ପ୍ରଥମେ ସୁଖନିଦ୍ରା ଯିବା ପାଇଁ ଚେଷ୍ଟା କରିବା ଭଲ । ଥଣ୍ଡା ଖାଦ୍ୟ ମଧ୍ୟ ଖାଆନ୍ତୁ; କିନ୍ତୁ ଏହାର ଅର୍ଥ ନୁହେଁ ଆଇସକ୍ରିମ୍ କିମ୍ବା ଥଣ୍ଡାପାନୀୟ ପିଇବେ । ଦହି, କ୍ଷୀର ଓ ଲସି ନିୟମିତ ପିଇବାର ଅଭ୍ୟାସ କରନ୍ତୁ । ଦହିରେ ପ୍ରଚୁର ପରିମାଣରେ ବ୍ୟକ୍ଟେରିଆ ରହିଛି, ଯାହା ମେଦକୁ ହ୍ରାସ କରିଥାଏ । ନିୟମିତ ୧୨ସପ୍ତାହ ଏହି ଦହି ଜାତୀୟ ଖାଦ୍ୟ ଖାଇଲେ ଓଜନ ତୁରନ୍ତ କମ ହୁଏ । ସନ୍ଧ୍ୟା ୭ଟା ପରେ।ି ଖାଇବା ଅନୁଚିତ । କାରଣ ଏହା ପରେ ଖାଇଲେ ଆମ ଶରୀର ଅଧିକ ଖାଦ୍ୟ ଆବଶ୍ୟକ କରେ ଏବଂ ବାରମ୍ବାର ଭୋକ ଲାଗିଥାଏ । ତେଣୁ ସନ୍ଧ୍ୟାବେଳେ ନ ଖାଇ ରାତିରେ ହିଁ ଭୋଜନ କରି ଶୋଇବାକୁ ଗଲେ ଭଲ ।







# କ୍ଷତି କାରକ ଜଙ୍କଫୁଡ୍

ଜଙ୍କଫୁଡ୍ ନେଇ ଖବର କାଗଜଠାରୁ ଆରମ୍ଭ କରି ଇଣ୍ଟରନେଟ୍ ପର୍ଯ୍ୟନ୍ତ ସବୁଠାରେ ସଚେତନତା ବାର୍ତ୍ତା ପଢ଼ିବାକୁ ମିଳିଥାଏ । ଏନେଇ ପୁନର୍ବାର ସାଧାରଣ ଲୋକଙ୍କୁ ଅବଗତ କରାଯାଇଛି । ଜଙ୍କ ଫୁଡ୍ ଖାଇଲେ ସ୍ମୃତିଶକ୍ତି ହ୍ରାସ ହେବାର ସମ୍ଭାବନା ସର୍ବାଧିକ ବୋଲି ନ୍ୟୁଜିଲାଣ୍ଡ ଗବେଷକ ମତ ଦେଇଛନ୍ତି । ଏନେଇ ଏକ ପରୀକ୍ଷଣ କରାଯାଇଥିଲା । ୫୫ଜଣ ବ୍ୟକ୍ତି ଏଥିରେ ସାମିଲ ଥିଲେ । ନିୟମିତ ଜଙ୍କଫୁଡ୍ ଖାଉଥିବା ଲୋକ ଅଧିକ ସମୟ ପର୍ଯ୍ୟନ୍ତ ଘଟଣା ମନେରଖିପାରୁନଥିଲେ । ଏପରିକି ଅନେକବାର ସେମାନେ ଏହା ଜାରିନାହାନ୍ତି ବୋଲି ମଧ୍ୟ ମତ ଦେଇଛନ୍ତି । ଏସବୁକୁ ଲକ୍ଷ୍ୟ କଲାପରେ ଜଙ୍କଫୁଡ୍ ଖାଉନଥିବା ଲୋକଙ୍କ ବ୍ୟବହାର ଅତି ସାଧାରଣ ଥିଲା ବୋଲି ଗବେଷକ ମତ ଦେଇଛନ୍ତି । ଗବେଷକ ଏହା ମଧ୍ୟ କହିଛନ୍ତି, ବାସି ଜଙ୍କ ଫୁଡର ପ୍ରଭାବ ସାର୍ବାଧିକ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଜଳସମ୍ପଦର ବିନିଯୋଗ...

ଓଡ଼ିଶାରେ ଜଳସମ୍ପଦ କମ୍ ନୁହେଁ, କିନ୍ତୁ ଏଇ ରାଜ୍ୟ ଭିତର ଦେଇ ପ୍ରବାହିତ ହେଉଥିବା ନଦୀମାନଙ୍କରେ ଉଦ୍‌ବୃତ୍ତ ଜଳ ସମୁଦ୍ରରେ ପଡୁଥିବାରୁ ଏହାର ସୁବିନିଯୋଗ ପାଇଁ ଯଦି ପୂର୍ବରୁ ଦୃଷ୍ଟି ଦିଆଯାଇଥାନ୍ତା ତେବେ ଜଳସମ୍ପଦର ସଠିକ୍ ବିନିଯୋଗ ହୋଇନାହିଁ ବୋଲି କହିବାର ସୁଯୋଗ ନଥାନ୍ତା। ଓଡ଼ିଶାର ବଡ଼ ବଡ଼ ନଦୀମାନଙ୍କ ମଧ୍ୟରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଇନ୍ଦ୍ରାବତୀ, ବୁଢ଼ାବଳଙ୍ଗ, ବଂଶଧାରା, ଋଷିକୁଲ୍ୟା, ସିଲେରୁ ପ୍ରଭୃତି ନଦୀ ଓଡ଼ିଶା ଭିତର ଦେଇ ସମୁଦ୍ରରେ ପଡ଼ିଛି। ପୂର୍ବରୁ ବସୁନ୍ଧରା ଓ ଋଷିକୁଲ୍ୟା ପ୍ରଭୃତି ନଦୀର ତଳମୁଣ୍ଡରେ ଆନ୍ଧ୍ରପ୍ରଦେଶ ଏକାଧିକ ଜଳଭଣ୍ଡାର ନିର୍ମାଣ କରିବାପାଇଁ ପଦକ୍ଷେପ ନେଇଥିଲେ ମଧ୍ୟ ଓଡ଼ିଶା ପକ୍ଷରୁ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇନାହିଁ। ବ୍ରହ୍ମପୁରର ଉପରମୁଣ୍ଡରେ ବସୁନ୍ଧରା ଉପରେ ବନ୍ଧ ବାନ୍ଧିଥିଲେ ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର ପ୍ରଭୃତି ସହରରେ ଲାଗି ରହିଥିବା ଜଳାଭାବର ସମାଧାନ ଅନେକ ପୂର୍ବରୁ ହୋଇଥାନ୍ତା। ଆମ ଦୁର୍ବଳତା ଜାଣି ଆନ୍ଧ୍ର ନିଜ ଇଲାକାରେ ଆଡ଼ିବନ୍ଧ ବାନ୍ଧୁଥିବାରୁ ଏଠାରେ ମଧ୍ୟ ଆମର ଅନୁପସ୍ଥିତି ପାଇଁ ପଡ଼ୋଶୀ ରାଜ୍ୟ ନିଜର ଆବଶ୍ୟକତା ପୂର୍ଣ୍ଣ ପାଇଁ କାର୍ଯ୍ୟ କରୁଛି। ଇନ୍ଦ୍ରାବତୀ ନଦୀ କୋଡ଼ିଏ ବର୍ଷ ହେଲା ସମ୍ପୂର୍ଣ୍ଣ ହେଉନାହିଁ। ସେହିପରି ସୁବର୍ଣ୍ଣରେଖା ମଧ୍ୟ ପଚିଶ ବର୍ଷ ହେଲା ସମ୍ପୂର୍ଣ୍ଣ ହେଉନାହିଁ। ସିଲେରୁ କାହିଁକି ବିଳମ୍ବ ହେଉଛି ସେହି ଅଂଚଳର ଲୋକ ଓ ପ୍ରଶାସକ ଜାଣନ୍ତି। ଜଳ ସମ୍ପଦର ବିନିଯୋଗ ନେଇ ଆମର ଶିଥିଳତା ସତ୍ତ୍ୱେ ପଡ଼ୋଶୀ ରାଜ୍ୟମାନଙ୍କର ଏ ବିଷୟରେ ତତ୍ପରତା ଉଲ୍ଲେଖଯୋଗ୍ୟ। ଅତୀତରେ ମହାନଦୀର ଉଦ୍‌ବୃତ୍ତ ଜଳ ବିନିଯୋଗ କରିବା ପାଇଁ ଟିକରପଡ଼ା ଓ ଅନ୍ୟାନ୍ୟ ସ୍ଥାନରେ ବନ୍ଧ ବାନ୍ଧିବା ଯେଉଁ ପରିକଳ୍ପନା ଥିଲା ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହାର ପ୍ରଧାନ କାରଣ ହେଉଛି ଯେ ବନ୍ଧ ବାନ୍ଧିଲେ ଅନେକ ଜମି ଜଳମଗ୍ନ ହେବ ଏବଂ ସେ ଅଂଚଳରେ ବାସ କରୁଥିବା ଲୋକମାନଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ହେବ। ସିଲେରୁ ଓ ଇନ୍ଦ୍ରାବତୀ ବଂଶଧାରା, ବ୍ରାହ୍ମଣୀ ଓ ବୈତରଣୀ ପ୍ରଭୃତି ନଦୀର ଉଦବୃତ୍ତ ଜଳ ଯଦି ଆମେ ଉପଯୋଗ କରିବାକୁ ସକ୍ଷମ ହୋଇଥିଲେ ଓଡ଼ିଶାରେ ପ୍ରଚୁର ଜଳ ସମ୍ପଦ ସତ୍ତ୍ୱେ ଚାଷ ଜମିର ମାତ୍ର ୩୫ ଭାଗରେ ଜଳସେଚନ ସୁବିଧା ନଥାଉ ଅଧିକ ଜଳସେଚିତ ହୋଇଥାନ୍ତା। ଯଦି ବିଷୟ ଯେ ଜଳସେଚନ ବିଭାଗକୁ ଅଧିକ କ୍ରିୟାଶୀଳ ଓ ବ୍ୟାପକ କରିବା ପାଇଁ ଆସନ୍ତା ପାଂଚ ବର୍ଷ ପାଇଁ ୭୫,୦୦୦ କୋଟି ଟଙ୍କା ବ୍ୟୟ କରାଯାଏ ଏବଂ ଏଇ ଦୃ ନିଷ୍ପତ୍ତି କାର୍ଯ୍ୟକାରୀ ହୁଏ ତେବେ ସୁଜଳା ସୁଫଳ ଓଡ଼ିଶାରୁ ଦାରିଦ୍ର୍ୟ ଦୂର କରିବା ଅସମ୍ଭବ ହେବନାହିଁ। ବଜେଟରେ ଜଳସେଚନ ପାଇଁ ଦିଆଯାଉଥିବା ଅର୍ଥରୁ କିଛି ଫେରସ୍ତ ନଦେଇ ବଜେଟରେ ମିଳୁଥିବା ଅର୍ଥ ସବୁର ସଦୁପଯୋଗ କରିଯାଇଥାନ୍ତା, ତେବେ ଜଳ ସମ୍ପଦର ସଦୁପଯୋଗ ଓ କୃଷି ଉତ୍ପାଦନ ଅଧିକ ସଫଳ ହୋଇଥାନ୍ତା। ଜଳସେଚନ ଓ କୃଷି ବିଭାଗ ଦୀର୍ଘ ବର୍ଷଧରି ସମୟରେ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱରେ ରହିଆସିଛି। ପ୍ରଶାସନିକ ସ୍ତରରେ ମଧ୍ୟ ବରିଷ୍ଠ ଅଫିସରମାନେ ରହିଛି ଏବଂ ଏଇ ବିଭାଗର ଦାୟିତ୍ୱ ବହନ କରିଆସିଛନନ୍ତି। ଦେଶର ଜଳସେଚନ ୪୬ ପ୍ରତିଶତରେ ଅଛି। ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏପରିକି ପଂଜାବର ଶହେ ପ୍ରତିଶତ ଜମିରେ ଜଳସେଚନ ବ୍ୟବସ୍ଥାଥିବାବେଳେ ହରିଆଣାର ୯୦ ପ୍ରତିଶତ ଜମିରେ ଏହି ବ୍ୟବସ୍ଥା ରହିଛି। ଓଡ଼ିଶାରେ ଜଳ ସମ୍ପଦର ସୁବିନିଯୋଗ କରିଥିଲେ, ଏହାକୁ ଦେଶର ହାରାହାରି ଜଳସେଚନ ବ୍ୟବସ୍ଥା ସହିତ ସମାନ ସ୍ତରକୁ ଆଣିବା ସମ୍ଭବ ହୋଇଥାନ୍ତା ଏବଂ ତା’ ସହିତ ସମାନ୍ତରାଳ ଭାବରେ ଉତ୍ତମ ବିହନ ସାର ଓ କୀଟନାଶକ ଯୋଗାଇଦବାପାଇଁ ସରକାର ପଦକ୍ଷେପ ନେଇଥାନ୍ତେ ତେବେ କୃଷି ଉତ୍ପାଦନ ଅନେକ ଅଧିକ ହୋଇଥାନ୍ତା ଏବଂ କୃଷକମାନଙ୍କର ଦୂରାବସ୍ଥା ସେମାନଙ୍କୁ ଆତ୍ମହତ୍ୟା କରିବା ଅବସ୍ଥାକୁ ଆଣିନଥାନ୍ତା। ଓଡ଼ିଶାର ଗ୍ରାମାଂଚଳରେ ୮୦ ପ୍ରତିଶତ ଲୋକ ବାସ କରନ୍ତି। ଏମାନଙ୍କ ମଧ୍ୟରୁ ୬୦ରୁ ୬୫ ପ୍ରତିଶତ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଅର୍ଥନୀତିକ ଅଭିବୃଦ୍ଧି କ୍ଷେତ୍ରକୁ ଶିଳ୍ପ ଓ ସେବା କ୍ଷେତ୍ର ପ୍ରତ୍ୟେକ ପ୍ରାୟ ଅଶୀ ଭାଗ ଦେଉଥିବାବେଳେ କୃଷି ଅବଦାନ ମାତ୍ର ୧୮ ପ୍ରତିଶତ। ପ୍ରାୟ ଶହେଟି ବ୍ଲକରେ ଆଦୌ ଜଳସେଚନ ବ୍ୟବସ୍ଥା ନାହିଁ, ତେଣୁ ଏସବୁ ବ୍ଲକରେ ୩୫% ଜମିରେ ଜଳସେଚନ ବ୍ୟବସ୍ଥା କରିବା ନିମନ୍ତେ ସରକାର ଦୃଢ଼ ନିଷ୍ପତ୍ତି ନେଇଥିଲେ ମଧ୍ୟ ଏହି ଯୋଜନା ସଫଳ ହୋଇନାହିଁ। ଅନେକ ଜିଲ୍ଲାରେ ଜଳସେଚନ ବ୍ୟବସ୍ଥା ଆଦୌ ନାହିଁ। ଏସବୁ ଜିଲ୍ଲାରେ ଉଠାଜଳସେଚନ, ପୁଷ୍କରିଣୀ ଖନନ ଓ ଉଦବୃତ୍ତ ଖନନ ଓ ଉଦବୃତ୍ତ ବର୍ଷାଜଳ ସଂଚୟ କରିବା ପାଇଁ ବନ୍ଧ ନିର୍ମାଣ କରିବା ସୁଯୋଗ ରହିଥିବାବେଳେ ଓଡ଼ିଶାର ଜାତୀୟ ଜୀବନ ନିଶ୍ଚେଷ୍ଟ ଥିବାରୁ ଗ୍ରାମାଂଚଳରେ ଦାରିଦ୍ର୍ୟ ଘନୀଭୂତ ହୋଇଛି ଏବଂ ଜଳସେଚନ ଅଭାବରୁ ଜମି ଖାଲି ପଡ଼ିଛି। ମାଛଚାଷ ପାଇଁ ପ୍ରଚୁର ସୁଯୋଗ ଓଡ଼ିଶାରେ ଥିବାବେଳେ ସଂଲଗ୍ନ ପ୍ରତିବେଶୀ ରାଜ୍ୟରୁ ମାଛ ଆମଦାନୀ କରିବାକୁ ପଡୁଛି। ଗତ ଦଶ ବର୍ଷର ଉଦ୍ୟମ ଯୋଗୁଁ ଆମ୍ବ, ସପେଟା, ଲିଚୁ, ସପୁରୀ, ଅମୃତଭଣ୍ଡା ଇତ୍ୟାଦି ଫଳମୂଳ ଉତ୍ପାଦନ ଆଶାନୁରୂପ ବୃଦ୍ଧି ପାଇଥିବାରୁ ଏସବୁ ଫଳ ଦିଲ୍ଲୀ, କଲିକତା ପ୍ରଭୃତି ଅଂଚଳକୁ ପଠାଯାଇପାରୁଛି। ଅର୍ଥାଭାବରେ ଅଟକି ରହିଥିବା ବୃହତ ପ୍ରକଳ୍ପଗୁଡ଼ିକର ନିର୍ମାଣ ଆଗାମୀ ପାଂଚ ବର୍ଷରେ ୭୫୦୦୦କୋଟି ଟଙ୍କା ଜଳସମ୍ପଦର ବିକାଶ ପାଇଁ ସରକାର ବ୍ୟୟ କରନ୍ତି ତେବେ ଓଡ଼ିଶା ଭୂଇଁରେ ସୁନା ଫଳିବ ଏବଂ ରାଜ୍ୟରୁ ଦାରିଦ୍ର୍ୟ ହଟିବାର ବିଳମ୍ବ ହେବନାହିଁ।




## ଏ ବର୍ଷାରେ....

ସୁଧାକର ରାଉତ

ତୁମ ପ୍ରୀତି ବରଷାରେ ମୋ ଦେହକୁ
କେମିତି ଭିଯାଉ ଥିଲ
ଏ ବର୍ଷା ଋତୁରେ ବିରହରେ ଭିଜି
ବାକୁ ଛାନି ଚାଲିଗଲ।
ତୁମ କଥା ସବୁ ଜାଣି ଏ ଶ୍ରାବଣ
ହସେ ମୁରୁକି ମୁରୁକି
ସିଏ ବି ଜାଣିଛି ପୁରୁଣା ଦିନଟା
ଆଉ ଫେରି ଆସିବକି।
ସ୍ମୃତିର ବର୍ଷାତି ଘୋଡ଼ାଇ ନିଜକୁ
ସେ କଥା କରିଛି ହେୟ
ଅମାନିଆ ଏ ମନଟା ମୋହର
ସେ କଥା ଭୁଲୁନି ହାୟ।
ଆଉ କାହା ପ୍ରେମ ବର୍ଷା ରଙ୍ଗରେ
ଭିଜାଇଦେବା ଆଗରୁ
ଥରେ ଭାବିଲନି ବଞ୍ଚିବି କିପରି
ଦୂର ହୋଇ ତୁମ ଠାରୁ।
ତଥାପି ବରଷା ପ୍ରେମରେ ସହସା
ଭିଜିବା ପାଇଁ ବ୍ୟାକୁଳ
ହୁଏ କାହିଁପାଇଁ ତୁମେ ଜାଣନାହିଁ
ଜାଣେ ତ ଗତାୟୁ କାଳ।

ପ୍ରତାପ ନଗରରୀ, କଟକ
ମୋ:୮୨୪୯୯୩୨୭୯୨

# ବିଜ୍ଞାନର ଉନ୍ମାଦନା, ସାହିତ୍ୟ ଆଜି କାରାଗାରେ, ଦର୍ଶନ ଅନ୍ତର୍ଦ୍ଧାନ !

ପଙ୍କଜ କୁମାର ପାଣିଗ୍ରାହୀ

ପାଶ୍ଚାତ୍ୟର କୁହେଳିକାରେ ବିଭୋର ନିର୍ବୋଧ ମଣିଷ,

ଜନ୍ମଦିନଠାରୁ ଅଧରେ ସ୍ତନ୍ୟପାନ କରାଇ କର୍ଣ୍ଣରେ ଫୁଙ୍କିଥିବା ମାତୃଭାଷାର ମମତା ଓ ମାନବ ଜୀବନର ମାର୍ଗଦର୍ଶନକାରୀ ପ୍ରେରଣାର ମହକକୁ ପ୍ରତ୍ୟାଖ୍ୟାନ କରି

ପ୍ରଗତିର କେଉଁ ଲକ୍ଷ ଭେଦ କରିବାରେ ନିମଗ୍ନ,

ନିଜ ସ୍ମରଣିକା ବହିର୍ଭୁତ !

ତଥାପି ଅପେକ୍ଷାରତ କେଉଁଠି ପଥର ଅନ୍ତ.......?!!

ମାନବିକ ଅବଚେତନ ଜ୍ଞାନ, ସାମାଜିକ ସଚେତନତା ଓ ପ୍ରତିବାଦ, ସାଧୁଜନଙ୍କ ସକ୍ରିୟତା ଏବଂ ଶାସନକଳର କଟକଣାର ବ୍ୟାପକ ଅଭାବ ଜନିତ ଆମ ଦେଶରେ ଯିଏ ଯାହା ଇଛା, କରିବାରେ ସମର୍ଥ ହୁଅନ୍ତେ ଅଜ୍ଞାନ, ଅଧମ ମଣିଷ ସାମାଜିକ ସ୍ଥିତି ସହିତ କେବଳ ନିଜକୁ ତାଳଦେଇ ଚାଲିବା ଛଡା ଅଧିକା କିଛି ଶିକ୍ଷା ପାଇପାରୁନାହାନ୍ତି ! ଏକ ଦୁର୍ବଳମାନସିକପ୍ରବଣ ଚତୁର ଗୋଷ୍ଠୀ ସମଗ୍ର ସମାଜକୁ କବଳିତ କରି ଅହରହ ଲୁଣ୍ଠନ କରିଚାଲିଥିବା ବେଳେ ସେମାନଙ୍କ ମିଥ୍ୟା ପ୍ରଚାର, ପ୍ରସାରରେ ନିମଗ୍ନ ଏକପ୍ରକାର ଭାବବିହ୍ୱଳ ହୋଇ ଅଲୌକିକ ସ୍ୱପ୍ନ ଦେଖିବାକୁ ପଛାଉନାହାନ୍ତି ସାଧାରଣ ମଣିଷ, ଯାହା ସେମାନଙ୍କୁ ପରୋକ୍ଷରେ ପ୍ରତାରଣା କରିଚାଲିଛି ! ଏହି ପରିପ୍ରେକ୍ଷୀରେ କେମିତି ସର୍ବସାଧାରଣ କୁହେଳିକାର ଧୂଆଁବାଣରେ ମିଥ୍ୟା ତଥ୍ୟ, ତତ୍ତ୍ୱ ଗୁଡିକୁ ପ୍ରଗତିର କିରଣ ତଥା ଜ୍ଞାନର ଭଣ୍ଡାର ଭାବେ ଗ୍ରହଣ କରିନେଇ, ପୁଣି ସେସବୁର ପ୍ରଚାର, ପ୍ରସାର ଦିଗରେ ନିଜକୁ ନିୟୋଜିତ କରି ନିଜେ ଲୁଣ୍ଠିତ, ପ୍ରତାରିତ ହେବାସହ ସମାଜକୁ ନିମ୍ନଗାମୀ କରିବାରେ ସହାୟକ ହେଉଛନ୍ତି ବିଚାରକରି ଦେଖିବା...........!

ଭାଷା, ସାହିତ୍ୟର ଉତ୍ପତ୍ତି ଦ୍ୱାରା ସାମାଜିକ ଚେତନାର ଅୟମାରମ୍ଭ ହୋଇ ମନରେ ଦାର୍ଶନିକ ତତ୍ତ୍ୱ ଏବଂ ବିଭିନ୍ନ ପ୍ରାୟୋଗିକ ବିଚାର ସୃଷ୍ଟିହେବା ଫଳରେ ଆଜି ବୈଜ୍ଞାନିକ ପ୍ରଗତିର ଚରମ ସୀମାରେ ପହଞ୍ଚି ପାରିଛି ମଣିଷ। ଏକବିଂଶ ଶତାବ୍ଦୀର ପ୍ରାଚୁର୍ଯ୍ୟ ମଧରେ ନିଜର ହିତାହିତ ଜ୍ଞାନର ସନ୍ତୁଳନ ରକ୍ଷା ନକରିପାରି ପ୍ରାରମ୍ଭିକ ଉପାଦାନ ଗୁଡିକୁ ଭୁଲିଯାଇଥିବା ହେତୁ ଦାର୍ଶନିକ ଅବଚେତନା ତଥା ସୃଜନଶୀଳତା ଆଉ ଦେଖିବାକୁ ମିଳୁନାହିଁ କାହା ପାଖରେ ! ଦାର୍ଶନିକ ତତ୍ତ୍ୱର ରୂପା‘ରିତ ତଥ୍ୟ ପାର୍ଥିବ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମାଧମରେ ମଣିଷକୁ ଚତୁର୍ଦିଗରୁ ଅଶେଷ ସୁଖ, ସମ୍ପଦ ଦେଇଥିବା ହେତୁ ଏକ ଉନ୍ନତ ପାରିପାର୍ଶ୍ୱିକ ପରିବେଶ ସୃଷ୍ଟି ହୋଇଛି ବିଶ୍ୱବ୍ୟାପୀ। ଇତିମଧରେ ଏହି ଉନ୍ନତ୍ତିର ଭିତ୍ତିଭୂମି ଭାଷା, ସାହିତ୍ୟ ଏବଂ ତାହାର ପ୍ରତିଫଳନ ଦର୍ଶନଜ୍ଞାନକୁ ହେୟଜ୍ଞାନ କରି କେବଳ ପାର୍ଥିବ ସୁଖରେ ବିମୋହିତ ହୋଇ ମାନବିକ ତତ୍ତ୍ୱ ହରାଇ ବସିଥିବା ମଣିଷର ଭବିଷ୍ୟତ ପିଢ଼ି ଗୋଟିଏ ଗୋଟିଏ ଯନ୍ତ୍ର ମାନବରେ ପରିଣତ ହେବା ଖୁବ ଅନୁମେୟ ! ସୃଜନଶୀଳତା, ମାନବ ଧର୍ମ କ’ଣ ସ୍ୱତଃ ଅନୁଭବ ହେବାତ ଦୂରର କଥା କହିଲେ ମଧ ଆଉ ବୁଝୁନାହିଁ କାହାକୁ, ପୁଣି ପରିହାସର ପରିସରଭୁକ୍ତ ହେବାକୁ ପଡୁଛି !! କାହା ପ୍ରଭାବରେ ଏତେବଡ଼ ପରିବର୍ତ୍ତନ ସମ୍ଭବ ହେଲା ଏବଂ ତାହାର ସୁପ୍ରଭାବ, କୁପ୍ରଭାବ ଗୁଡିକୁ ଅନୁଶୀଳନ କଲେ ଜଣାଯାଏ ଯେ..................

ବିଜ୍ଞାନ ଆକ୍ଷରିକ ଶବ୍ଦର ଓଡ଼ିଆ ଭାଷା ସାହିତ୍ୟରେ ଦୁଇ ପ୍ରକାର ଅର୍ଥ କରାଯାଏ ଯାହା ସମ୍ପୂର୍ଣ୍ଣଭାବେ ବିପରୀତ ଧର୍ମୀ ! ଯଥା, ବିଶେଷ ଜ୍ଞାନ = ବିଜ୍ଞାନ ଏବଂ ବିଗତ ଜ୍ଞାନ= ବିଜ୍ଞାନ !! ସ୍ଥଳବିଶେଷକୁ ନେଇ ବୁଝିବାକୁ ହୋଇଥାଏ ତାହାର ଅର୍ଥ କେଉଁଠାରେ କ’ଣ ପ୍ରୟୋଜନ ! ବାସ୍ତବିକ ସାଧାରଣରେ ବିଶେଷ ଜ୍ଞାନକୁ ହିଁ ବିଜ୍ଞାନ ବୋଲି ବୁଝାଯାଇଥାଏ। ବର୍ତ୍ତମାନ କିନ୍ତୁ ସେହି ବାସ୍ତବଧର୍ମୀ ବିଶେଷ ଜ୍ଞାନ ବିଜ୍ଞାନକୁ ତାହାର ବିପରୀତଧର୍ମୀ ବିଗତ ହୋଇଥିବା ଜ୍ଞାନଭଳି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି ଯାହା କୁତ୍ସିତ ମଣିଷର କେଳେଙ୍କାରୀ ଚିନ୍ତନରୁ ଉଦ୍ଧୃତ ! ଯେଉଁ ବିଶିଷ୍ଟ ବୈଜ୍ଞାନିକମାନେ ପୂର୍ବରୁ ବିଜ୍ଞାନର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ ସେମାନଙ୍କ ମାନବୀୟତାକୁ କ୍ଷିଣକରି ଆଜିର ମଣିଷ ଯାହାସବୁ କରୁଛି ସେସବୁ ସେମାନଙ୍କ ପ୍ରତି ଗୋଟିଏ ଶକ୍ତ ଅପମାନଜନକ ଧକ୍କା କହିଲେ ଅତ୍ୟୁକ୍ତି ହେବନାହିଁ ! ପାଶ୍ଚାତ୍ୟ ଦେଶ ଗୁଡିକରେ ଯଥେଷ୍ଟ କ୍ରିୟାଶୀଳ ବୈଜ୍ଞାନିକ ଅଗ୍ରଗତି ସମଗ୍ର ବିଶ୍ୱରେ ପ୍ରଭାବ ବିସ୍ତାର ପୂର୍ବକ ମଣିଷକୁ ଯେତିକି ସୁଖ ଦେଉଛି ତାହାଠାରୁ ଯଥେଷ୍ଟ ଅଧିକ ଅମାନୁଷିକ କରିଦେବାରେ କାହାର ଧ୍ୟାନ ନାହିଁ କିମ୍ବା କେହି ବୁଝି ପାରୁନାହାନ୍ତି ! ବୈଜ୍ଞାନିକ ଉପାଦାନ ଗୁଡିକ ମଣିଷ ସମାଜକୁ ସୁଖ, ଶାନ୍ତି, ଆନନ୍ଦରେ ବଞ୍ଚିବାକୁ ଦେବା ସାଙ୍ଗକୁ ସାମାଜିକ ଉନ୍ନତ୍ତିର ପଥପ୍ରଦର୍ଶକ ହେବବୋଲି ଲକ୍ଷରଖି ଯାହାସବୁ ମୂଳ ଗବେଷକ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ସେଗୁଡିକୁ ବୈଜ୍ଞାନିକ ମନୋନିବେଶରେ କମ ବ୍ୟବସାୟରେ ଅଧିକ ବ୍ୟବହାର କରି ସମାଜକୁ ଲୁଣ୍ଠନ କରିବାରେ ଲାଗିପଡିଛନ୍ତି ଆଜିର ବୈଜ୍ଞାନିକ, ବ୍ୟବସାୟୀ ଦଳ ! ସାଧାରଣ ମଣିଷ ଅଜ୍ଞାନତା ବଶତଃ ସେମାନଙ୍କ ଚକ୍ରବ୍ୟୁହ ଭେଦକରିବାରେ ଅସାମର୍ଥ୍ୟ ହେତୁ ଏକରକମ ପ୍ରେମରେ ବାନ୍ଧିହୋଇ ସେସବୁ ନହେଲେ ଜୀବନ ନିସ୍ତାର ନାହିଁ ବୋଲି ଭାବୁଛନ୍ତି ! ବିଜ୍ଞାନର ବିଭିନ୍ନ କ୍ଷେତ୍ର ଗୁଡିକୁ ତର୍ଜମାକରି ଦେଖିଲେ ପୂର୍ବାପେକ୍ଷା ବର୍ତ୍ତମାନ ସତ୍ୟତା କମ ଏବଂ ମିଥ୍ୟାଭରା ପ୍ରଚାର ଅଧିକରୁ ଅଧିକ ହେଉଥିବା ଦେବାକୁ ମିଳିବ ଯାହା ଜନସାଧାରଙ୍କର ବୁଝିବା କ୍ଷମତା ପରିସରଭୁକ୍ତ ନୁହେଁ ! ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଯୋଗାଯୋଗ, ମନୋରଂଜନ, ପ୍ରଯୁକ୍ତିବିଦ୍ୟା ତଥା ବ୍ୟବସାୟିକ କ୍ଷେତ୍ର ଆଦିରେ ଆଜି ବିଜ୍ଞାନ ଯେଉଁ ଉଚ୍ଛୁଳା ଉନ୍ମାଦନା ସୃଷ୍ଟି କରିଛି ସେଇଥିରେ ମଣିଷ ଉପକୃତ ଯେତିକି ହେଉଛି ତାହାଠାରୁ ଯଥେଷ୍ଟ ଅଧିକ ଠକିହେଉଥିବା ସାଧାରଣ ଲୋକଙ୍କ ଜ୍ଞାନ ବହିର୍ଭୂତ ! କିନ୍ତୁ ସେହିସବୁ ବୈଜ୍ଞାନିକ ଉନ୍ନତ୍ତିର ପାକ୍ଷିକ ସୁଖରେ ମଣିଷ ମନର ଉନ୍ମାଦନା ତାହାର ମାନବିକ ମୂଲ୍ୟବୋଧ ତଥା ପୂର୍ବ ସ୍ମୃତିକୁ ହଜାଇଦେଇ ଅହଙ୍କାର ଏବଂ ଅମାନୁଷିକ ଚିନ୍ତାଧାରାରେ କବଳିତ ହେଉଥିବା ବୁଝିପାରୁନାହାଁନ୍ତି ସାଧାରଣ ମଣିଷ ! ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଜନିତ ନିର୍ଶ୍ଚିନ୍ତତା ମଣିଷ ମନରେ ଯେଉଁ ଅହଂଭାବ ସୃଷ୍ଟି କରୁଛି ତାହାଦ୍ୱାରା ସେ ନିଜର ସ୍ମରଣିକା ହଜାଇଦେଇ ବାସ୍ତବତାକୁ ପ୍ରତ୍ୟାଖ୍ୟାନ କରି ଅବାସ୍ତବ, ଅଲୌକିକ ଦିଗକୁ ପ୍ରଖର ମୁଖରିତ ! ତେଣୁ ସେହି ବୈଜ୍ଞାନିକ କ୍ଷେତ୍ରଦ୍ୱାରା ନିଜେ ଯଥେଷ୍ଟ ଠକିହେଉଥିବା ବେଳେ ବାସ୍ତବ, ମାନବିକ ଅବଚେତନରୁ ବହିର୍ଭୂତ ହେଉଥିବା ହେତୁ ନିଜର ସୃଜନଶୀଳତା ସୃଷ୍ଟି କରିବାରେ ଅସାମର୍ଥ୍ୟ ହୋଇ ଜୀବନ ଜାଳ ମଧରେ ଗତିକରୁଥିବା ଦେଖିବାକୁ ମିଳୁଛି ଯାହା ନିର୍ବୋଧତା ହେତୁ ସବୁଲୋକ ବୁଝି ପାରୁନାହାନ୍ତି ! ବୈଜ୍ଞାନିକ ଆବିଷ୍କାର, ଉଦ୍ଭାବନ ଗୁଡିକୁ ବିପଥଗାମୀ କରାଯାଇ ବ୍ୟବସାୟ ମାଧମରେ ବିଭିନ୍ନ କ୍ଷେତ୍ରରେ ସମାଜକୁ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ସମାଜ ବୈଜ୍ଞାନିକ ପଦ୍ଧତ୍ତିରେ ବିଭିନ୍ନ ବିଯୁକ୍ତାତ୍ମକ ଅପ୍ରାକୃତିକ ପ୍ରୟୋଗକରି ଚରାଚର ପ୍ରାଣୀଜଗତ, ମଣିଷ ସମାଜ ସହିତ ପ୍ରକୃତିକୁ ଅସନ୍ତୁଳିତ କରି କେବଳ ଧନ ଅର୍ଜନ କରି କ୍ଷମତା, ପ୍ରାଧାନ୍ୟତା ବିସ୍ତାର କରିବାରେ ବ୍ୟସ୍ତ କେଳେଙ୍କାରୀ ମଣିଷ ସମୂହ, ବିଜ୍ଞାନର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିସାରିଲେଣି। ଅନ୍ୟ ପକ୍ଷରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି/ ଗୋଷ୍ଠୀ ବିଭିନ୍ନ ଅଲୌକିକ, ଅବାସ୍ତବ ତଥ୍ୟ ସହିତ ବସ୍ତୁବାଦୀ ବିଜ୍ଞାନକୁ ପ୍ରାୟୋଜିତ ଭାବେ ଯୋଡ଼ିଦେଇ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି ସମାଜକୁ ଲୁଣ୍ଠିତ, ପ୍ରତାରିତ କରୁଥିବାବେଳେ ନିର୍ବୋଧ ଶିକ୍ଷିତଙ୍କଠାରୁ ଆରମ୍ଭ କରି ଅଶିକ୍ଷିତ ଅଜ୍ଞାନ ପର୍ଯ୍ୟନ୍ତ ସମସ୍ତେ ସେଇଥିରେ ଭାବପ୍ରବଣ ହୋଇ ବାସ୍ତବତାର ରହସ୍ୟ ଉନ୍ମୋଚନ କରିବାରେ ଅସମର୍ଥ ହୋଇପଡୁଛନ୍ତି ! ଅର୍ଥାତ ସେହିମାନେ ନିଜେ ଏବଂ ନିଜ ପରିବାର ସହିତ ଏକ ବିଶେଷ ସାମାଜିକ କୁପ୍ରଭାବ ବିସ୍ତାର କରିବାରେ ସମଗ୍ର ମଣିଷ ସମାଜ ସମ୍ପୂର୍ଣ୍ଣଭାବେ ପ୍ରଭାବିତ, ବିପରୀତମୁଖୀ ହୋଇ ଚାଲିଥିବା ଅତ୍ୟନ୍ତ ପରିତାପର ବିଷୟ ! ହାତଗଣତି କିଛି ବୈଜ୍ଞାନିକ ଏବଂ ବ୍ୟବସାୟୀ ମାନଙ୍କ କବଳିତ ହୋଇ ଅଲୌକିକ ସ୍ୱପ୍ନ ରାଇଜରେ ନିଜକୁ ଭସାଇଦେଇ ଅତ୍ୟାଧୁନିକତାର ନରାଦେଇ ଚାଲିଥିବା ନିର୍ବୋଧ ଅନ୍ଧ ମଣିଷସମାଜ ବିଜ୍ଞାନର ସେହି ଉଚ୍ଛୁଳା ଉନ୍ମାଦନାରେ କେମିତି ପ୍ରତାରିତ ହୋଇ ନିଜ ଜୀବନଚର୍ଯ୍ୟାକୁ କଳୁଷିତ କରିବାରେ ସମର୍ଥ ହେବାସହିତ ସମଗ୍ର ସମାଜକୁ ଧରାଶାୟୀ କରିବାରେ ଲାଗିପଡିଛନ୍ତି, ସେହି ସବୁ ବିଷୟ ଗୁଡିକ ପର୍ଯ୍ୟାୟକ୍ରମେ ଆସନ୍ତା ସମୟରେ ଉପସ୍ଥାପନ କରିବା। ସମଗ୍ର ମଣିଷ ସମାଜରେ ବ୍ୟବହୃତ ବିଭିନ୍ନ ଖାଦ୍ୟ ପଦାର୍ଥ, ବ୍ୟବହାର୍ଯ୍ୟ ବସ୍ତୁ, ଉପକରଣ, କୃଷିଜାତ ଦ୍ରବ୍ୟ, ସ୍ୱାସ୍ଥ୍ୟ, ମନୋରଂଜନ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କିଭଳି ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ଅପମିଶ୍ରଣ ଦ୍ୱାରା ସମାଜକୁ ଲୁଟିଚାଲିଛନ୍ତି କେଳେଙ୍କାରୀ ଦଳ ଭବିଷ୍ୟତରେ ତାହାରି ଉପରେ ପର୍ଯ୍ୟାୟକ୍ରମେ ଅନେକ ତଥ୍ୟମୂଳକ ଆଲେଖ୍ୟ ପ୍ରତିପାଦନ କରାଯିବ ! ସେଗୁଡିକ ପଢିଲେ ସାଧାରଣ ମଣିଷ ଜୀବନରେ କେବେ ଭାବିନଥିବା କଥା ଗୁଡିଏ ଜାଣିପାରିବେ ଯାହା ସେମାନଙ୍କ ଦ୍ୱାରା କେତେଦୂର ଗ୍ରହଣୀୟ / କାର୍ଯ୍ୟକାରୀ ହେବ ନିର୍ଭର ସେମାନଙ୍କ ନିଜ ନିଜ ବିଚାରଧାରା ଏବଂ ଭାବଜ୍ଞାନ ଉପରେ।

ଭାଷା, ସାହିତ୍ୟ ମଣିଷ ସମାଜ ଗଠନର ଭିତ୍ତିଭୂମି ! ଭାଷା ବିନା ମଣିଷର ମଣିଷ୍ଟ ଅସମ୍ଭବ ! ସାହିତ୍ୟ ଭାଷାର ମର୍ମକୁ ପ୍ରଜ୍ୱଳିତ କରେ ଯାହା ସମାଜକୁ ଚଳଚଞ୍ଚଳ କରିବା ସହିତ ପ୍ରେମର ବାତାବରଣ ସୃଷ୍ଟିକରି ଏକ ସୁନ୍ଦର ମଣିଷ ସମାଜ ଗଠନ କରିବାରେ ସାହାଯ୍ୟ କରିଥାଏ ! ଭାଷା ଆଜି ବିକୃତ ! ସାହିତ୍ୟ ଆଜି ଜଡ଼ମାନସର କାରାଗାରରେ କବଳିତ ! ଭାଷାର ମହ୍ ନାହିଁ, କି ସାହିତ୍ୟର ଉନ୍ମୁକ୍ତତା ନାହିଁ ! ଅର୍ଥାତ ଆଜିର ମଣିଷ ଭାଷା ଉପରେ ପ୍ରାଧାନ୍ୟତା ନଦେଇ କେବଳ ଯାହାକିଛି କହିଦେଲେ/ଲେଖିଦେଲେ ଅନ୍ୟାପକ୍ଷ ବୁଝିଗଲେ ଯଥେଷ୍ଟ ବୋଲି ବିଚାର କରନ୍ତେ ସାହିତ୍ୟର ନିବିଡତା ମଳିନ ପଡିଯାଉଅଛି। ଶିକ୍ଷାକ୍ଷେତ୍ର ଠାରୁ ଆରମ୍ଭ କରି ସାମ୍ବିଧାନିକ କ୍ଷେତ୍ର ହେଉ କିମ୍ବା ବିଭିନ୍ନ ଲିପିମାଧମରେ ଲେଖା ଦ୍ୱାରା ପ୍ରସାରିତ ବିଷୟ ଗୁଡିକ ଉପରେ ଲେଖକଙ୍କ ମହ୍ ନାହିଁ କି ପାଠକଙ୍କ ଗୁରୁ ନଥିବା ଦେଖିବାକୁ ମିଳୁଛି। ସତ୍ୟ / ବାସ୍ତବତାକୁ ପରଖି ଦେଖିବା ପାଇଁ କାହାର ଉପଯୁକ୍ତତା ନାହିଁ କିମ୍ବା ସମୟ ନାହିଁ। (କ୍ରମଶଃ)

+ ସୋସିଆଲ ଫୋରୁମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ. ୯୪୩୭୩୨୪୯୧୭.

# ମେପଲା ବିଦ୍ରୋହ

ଡାକ୍ତର ସୁରେନ୍ଦ୍ର ନାଥ ଦାଶ

କେରଳର ଦକ୍ଷିଣ ମାଲବାର ଅଂଚଳରେ ରହୁଥିବା ମୁସଲିମ ସଂପ୍ରଦାୟ ଲୋକଙ୍କୁ ମେପଲା ବୋଲି କୁହାଯାଏ। ଏମାନେ ବିଭିନ୍ନ ଆରବ ଦେଶରୁ ବାଣିଜ୍ୟ ପାଇଁ ସପ୍ତମ ଶତାବ୍ଦୀରେ ଆସି ମାଲବାର ଉପକୂଳରେ ସ୍ଥାୟି ଭାବରେ ରହିଥିଲେ। ସେମାନଙ୍କୁ ସ୍ଥାନୀୟ ଅଧିବାସୀ ମାନେ ମୁର ବା ମାପେଲ(ଗ୍ରେଟ ସନ) ବୋଲି ଡାକୁ ଥିଲେ। ୟୁରୋପିୟ ମାନେ ଆସିବା ଆଗରୁ କେରଳରେ ମସଲା ବ୍ୟବସାୟ କରି ସେମାନେ ବେଶ ଧନଶାଳୀ ହୋଇଥିଲେ। ପର୍ତ୍ତୁଗୀଜ ମାନେ ଆସିଲା ପରେ ସେମାନଙ୍କର ବ୍ୟବସାୟ କମିଗଲା।

୧୯୨୧ ମସିହାରେ ମେପଲା ମାନେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏକ ଭୟଙ୍କର ବିଦ୍ରୋହ କରିଥିଲେ। ଏରାଣ୍ଡ ଓ ଭେଲୁରାଣ୍ଡ ନାମକ ଦିଓଟି ତାଲୁକରେ ପ୍ରାୟ ୨ହଜାର ବର୍ଗ ମାଇଲ ଅଂଚଳରେ ବିପ୍ଲବର ନିଆଁ ଜଳିଉଠିଥିଲା। ପ୍ରଥମେ ଏହା ବ୍ରିଟିଶ ସରକାର ଙ୍କ ବିରୋଧ ରେ ଉଦ୍ଦିଷ୍ଟ ଥିଲେ ମଧ୍ୟ ପରବର୍ତ୍ତି କାଳରେ ଏହା ସାଂପ୍ରଦାୟିକ ରୂପ ନେଲା। ଏହାକୁ ମେପଲା ବା ମାଲବାର ବିଦ୍ରୋହ କୁହାଗଲା। ମେପଲା ମାନେ ଅତି ନିର୍ଦ୍ଦୟ ଭାବରେ ହିନ୍ଦୁ ମାନଙ୍କ ଉପରେ ଆକ୍ରମଣ କରି ଏକ ଇସଲାମ ରାଷ୍ଟ୍ରର ପରିକଳ୍ପନା କରି କାଫେର ବା ହିନ୍ଦୁମାନଙ୍କୁ କୋରାନ(ଧର୍ମାନ୍ତକରଣ) ବା ତରବାରୀ (ମୃତ୍ୟୁ ମଧ୍ୟରୁ ଗୋଟିଏ ବାଛିବାକୁ ଆହ୍ୱାନ ଦେଲେ।

ପୃଷ୍ଠଭୂମି:୧୯୨୧ ମସିହାରେ ଖିଲାପତ ଆନ୍ଦୋଳନ ଆରମ୍ଭ ହେଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଇଂରେଜ ମାନେ ତୁର୍କୀ ର ଖଲିପାଙ୍କୁ ଗାଦିଚ୍ୟୁତ ଓ ଅପମାନିତ କଲେ। ଖଲିପା ମୁସଲମାନ ଧର୍ମର ସର୍ବୋଚ୍ଚ ଶାସକ ବୋଲି ମୁସଲମାନ ମାନେ ବିଶ୍ୱାସ କରୁଥିଲେ। ଅବଶ୍ୟ ଅନ୍ୟ ଇସଲାମ ଦେଶରେ ଏହାପାଇଁ ପ୍ରତିବାଦ ହେଲାନାହିଁ। ମାତ୍ର ଭାରତରେ କଟର ପନ୍ଥୀ ଅଲ୍ଲୀ ଦୁଇ ଭାଇଙ୍କ ସହ ମିଶି ମହାତ୍ମା ଗାନ୍ଧି ଖିଲାପତ ଆନ୍ଦୋଳନ ଆରମ୍ଭ କଲେ, ଯାହାକୁ ମୁସଲିମ ଲିଗ ମଧ୍ୟ ସମର୍ଥନ କଲା ନାହିଁ। ଅନେକ କଂଗ୍ରେସ ନେତା ମଧ୍ୟ ଗାନ୍ଧିଙ୍କର ଅଯଥା ମୁସଲିମ ପ୍ରିତିକୁ ପସନ୍ଦ କଲେ ନାହିଁ। ଖିଲାପତ କମିଟିର କରାଚି ଅଧିବେଶନ (୧୯୨୦) ପରେ ଅଗଷ୍ଟ ୧୯୨୧ରେ ଏହା ପ୍ରଥମେ ବ୍ରିଟିଶ ମାନଙ୍କ ବିରୁଦ୍ଧରେ ହିଂସାତ୍ମକ ରୂପ ନେଇ ଆରମ୍ଭ ହେଲା।

ଜେନମି ପ୍ରଥା: କେରଳରେ ଏକ ଅଦଭୁତ ଜମିଜମା ପ୍ରଥା ପ୍ରଚଳିତ ଥିଲା। ଏହାକୁ ଜେନମି କୁହା ଯାଇଥିଲା। ଏହି ପ୍ରଥା ଅନୁଯାୟୀ ଦେଶର ଶାସକ(ରଜା) ସମସ୍ତ ଜମିର ମାଲିକ ଥିଲେ। ସେ ଜମିକୁ ନମ୍ବୁଦ୍ରି ପୂଜକ ବ୍ରାହ୍ମଣ ଓ ନାୟାର ଉଚ୍ଚବର୍ଣ୍ଣ ଲୋକଙ୍କୁ ଲିଜ ସୁତ୍ରରେ ଦେଉଥିଲେ। ସେମାନେ ମେପଲା କୃଷକ ମାନଙ୍କୁ ବର୍ଷକିଆ ପଟ୍ଟାରେ(କାନାକାରାର) ଚାଷ ପାଇଁ ଜମି ଦେଉଥିଲେ। ଚାଷିମାନେ ଉତ୍ପନ୍ନ ଦ୍ରବ୍ୟର ଏକତୃତିୟାଂଶ ପାଉଥିଲେ(ଭେରା ମପଟାକାରକା)। ଜମି ଉପରେ ତାଙ୍କର ଅଧିକାର ନଥିଲା। ଆହୁରି ଅନେକ ପ୍ରକାର କର ଦେଉଥିଲେ। ଦେବସ୍ଥାନର ରକ୍ଷଣ ଖର୍ଚ୍ଚ, ଧୋବା, ଭଣ୍ଡାରୀ,ବଢେଇଙ୍କ ପାଇଁ ସେମାନେ ଭାର ବହନ କରୁଥିଲେ। ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଟିପୁ ସୁଲତାନ ମାଲବାର ଆକ୍ରମଣ କରି ଜେନାମି ମାନଙ୍କୁ ତଡି ଦେଲେ। ମେପଲା ମାନେ ଜମି ପାଇଲେ। ଏକ ନିର୍ଦ୍ଦିଷ୍ଟ ହାରରେ ସରକାରଙ୍କୁ କର ଦେଲେ। ମାତ୍ର ଅଳ୍ପ ଦିନ ପରେ ଇଂରେଜ ମାନେ ଟିପୁଙ୍କୁ ପରାସ୍ତ ଓ ହତ୍ୟା କଲେ। ନାୟାର ମାନେ ଇଂରେଜ ମାନଙ୍କୁ ସହାୟତା ଦେଲେ। ଜେନାମି ମାନେ ଫେରିଆସି ଇଂରେଜ ମାନଙ୍କ ସହାୟରେ ଜମିର ସ୍ଥାୟୀ ମାଲିକନା ପାଇଲେ। ସେମାନେ ଇଛା କଲେ ଚାଷିକୁ ଜମିରୁ ଉଛେଦ କରି ପାରିବେ,ଏ ଅଧିକାର ପାଇଲେ। ଏ କାର୍ଯ୍ୟରେ ସରକାରି ପୋଲିସ ଓ କୋର୍ଟ ତାଙ୍କୁ ସହାୟ ହେଉଥିଲେ। ଏଥିପାଇଁ ସବୁବେଳେ ଅସନ୍ତୋଷ ଓ ହିଂସାକାଣ୍ଡ ଲାଗି ରହୁଥିଲା। ଖିଲାପତ ଆନ୍ଦୋଳନ ବେଳେ ଅନେକ ହିନ୍ଦୁ ଇଂରେଜ ମାନଙ୍କୁ ସାହାଯ୍ୟ କରିବାରୁ ମେପଲା ମାନଙ୍କର ହିଂସା ହିନ୍ଦୁ ମାନଙ୍କ ବିରୁଦ୍ଧରେ ମୁହାଁଇଗଲା।

ବିଦ୍ରୋହର ଗତି: ଅଲ୍ଲୀମୁସଲିଆ, ଭେରିନ କାନାଥ, କାଇଜ ମହମଦ ହାଜୀ, ସିସ୍ତି ଟ୍ରଗେଡି ଥାଙ୍ଗଡ ବିଦ୍ରୋହର ନେତୃତ୍ୱ ନେଲେ। ଇଂରେଜ ଥାନା, କୋର୍ଟ, ଅଫିସ, ଟ୍ରେଜେରି ଉପରେ ଆକ୍ରମଣ ହେଲା। କିଛିଦିନ ପାଇଁ ଅଗଷ୍ଟ (୧୯୨୧)ମାସରେ ଶାସନ ଭୁଷୁଡି ପଡିଲା। ଇଂରେଜ ସୈନ୍ୟ ପଛଘୁଂଚା ଦେଇ ସ୍ଥାନ ପରିତ୍ୟାଗ କଲେ। ପୁକାହୁର ଠାରେ ଯୁଦ୍ଧରେ ଇଂରେଜ ମାନଙ୍କର ଅନେକ କ୍ଷତି ହେଲା। ତା ସହ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର ସୀମା ଟପିଗଲା। ଘର ପୋଡି ଦିଆଗଲା। ହିନ୍ଦୁସ୍ତ୍ରୀ ମାନଙ୍କୁ ଧର୍ଷଣ କରାଗଲା। ବାଧ୍ୟ କରି ସେମାନଙ୍କୁ ମୁସଲମାନ କରାଗଲା କିମ୍ବା ମାରି ଦିଆଗଲା। ମହାତ୍ମା ଗାନ୍ଧି ମେପଲା ମାନଙ୍କୁ ନିନ୍ଦା ନକରି ପ୍ରଶଂସା କରିବାରୁ କଂଗ୍ରେସରେ ପ୍ରତିବାଦ କରାଗଲା। ଅଳ୍ପ ଦିନ ପରେ ସଶସ୍ତ୍ର ଗୁର୍ଖା ବାହିନି ପହଂଚି ଗଲେ। ମେପଲା ମାନଙ୍କୁ ହଜାର ହଜାର ସଂଖ୍ୟାରେ ଧରା ଗଲା। ପ୍ରାୟ ଦଶ ହଜାର ମଲେ। ପଚାଶ ହଜାର ବନ୍ଦୀ ହେଲେ। କୋଡିଏ ହଜାର କଳାପାଣି ଗଲେ। ଶତାଧିକ ଙ୍କୁ ଫାସି ଦିଆଗଲା। ଗୋଟିଏ ଟ୍ରେନ ଡବା ମଧ୍ୟରେ ବନ୍ଦୀ ଥିବା ଅବସ୍ଥାରେ ୬୯ ଜଣ ମେପଲା ମରିଗଲେ। କଂଗ୍ରେସ ଅଧିବେଶନରେ ଏଥିନେଇ ପ୍ରତିବାଦ ହେଲା। ମାତ୍ର ମୁସଲମାନ ସଭ୍ୟ ମାନେ ନିନ୍ଦା ପ୍ରସ୍ତାବ ଗୃହିତ କରାଇ ଦେଲେନାହିଁ। କେବଳ କେତକ ବ୍ୟକ୍ତିଙ୍କ ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ ଗୃହିତ ହେଲା, ସର୍ବସମ୍ମତିରେ ନୁହଁ, ସଂଖ୍ୟାଧିକ ଭୋଟରେ। ମୁସଲମାନଙ୍କ ଦୃଢ ଇଚ୍ଛାଶକ୍ତି ନିକଟରେ କଂଗ୍ରେସ ଯେ ଅସହାୟ ଜଣା ପଡିଲା ଓ ଗାନ୍ଧୀ ଯେ ହିନ୍ଦୁ ମାନଙ୍କୁ ବଳି ଦେଇ ମୁସଲମାନଙ୍କୁ ଖୁସି କରିବାକୁ ପ୍ରସ୍ତୁତ, ତାହା ପରିଷ୍କାର ହୋଇଗଲା।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ:୯୪୩୭୨୩୫୩୮୬

# ସଂକ୍ରମଣରୁ ରକ୍ଷା କରୁଥିବା ଛତୁ

ପିଲାଙ୍କୁ ଅପପୁଷ୍ଟି ଏବଂ ଭାଇରାଲ ଜ୍ୱରରୁ ସୁରକ୍ଷା ଦେବା ଲାଗି ଉତ୍ତରପ୍ରଦେଶ କାନପୁରସ୍ଥିତ ଚନ୍ଦ୍ରଶେଖର ଆଜାଦ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଛତୁର ଏକ ନୂଆ ପ୍ରଜାତି ପ୍ରସ୍ତୁତ କରିଛନ୍ତି । ଏହି ଛତୁରେ ଦୁଇଟି ଉଦ୍ଭିଦଜାତ ବିଶେଷ ପ୍ରକାର ହରମୋନ ସହାୟତାରେ ପୁଷ୍ଟିକର ଏବଂ ଔଷଧୀୟ ଗୁଣ ବଢ଼ାଇ ଦିଆଯାଇଛି । ଗହମ ଚୋକଡ଼ ଓ ଆଖୁଛେଦାକୁ ବିଭିନ୍ନ ତାପମାତ୍ରାରେ ରଖି ଆର୍ଦ୍ରତା ଦେଇ ଏଭଳି ଛତୁ ଫୁଟାଯାଇଛି । ଏହି ଛତୁ ମାତ୍ର ୨୫ଦିନ ମଧ୍ୟରେ ହୋଇ ପାରୁଥିବା ବେଳେ ରୋଗପୋକ ଲାଗିବାର ଆଶଙ୍କା ନାହିଁ ଏବଂ ଅଧିକ ଦିନ ରହିପାରେ । ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ଗଛରୁ ବାହାରୁଥିବା ଦୁଇପ୍ରକାରର ହରମୋନ ଇଣ୍ଡୋଲ ଏସିଟିକ୍ ଏସିଡ୍ ଏବଂ ଜିବରିଲିନ୍ ସହାୟତାରେ ଏହି ନୂଆ ପ୍ରଜାତିର ଛତୁରେ ଭିଟାମିନ, ଆଣ୍ଟିଅକ୍ସିଡାଣ୍ଟ ବିଭିନ୍ନ ପ୍ରକାର ଏନଜାଇମ ଏବଂ ରୋଗପ୍ରତିରୋଧକ କ୍ଷମତା ବଢ଼ାଉଥିବା ତତ୍ତ୍ୱର ମାତ୍ରା ଅଧିକ କରାଯାଇଛି । ଏହା ମଣିଷ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବା ସହ ଭୂତାଣୁ ସଂକ୍ରମଣରୁ ସୁରକ୍ଷା ଦେବ । କ୍ରମାଗତ ଭାବେ ଚାରିବର୍ଷ ଧରି ଗବେଷଣା କରିବା ପରେ ଏହି ଛତୁ ପ୍ରସ୍ତୁତ କରାଯାଇଥିବା ବୈଜ୍ଞାନିକମାନେ କହିଛନ୍ତି । ଏହି ଛତୁରେ ଅନ୍ୟ ଛତୁ ଅପେକ୍ଷା ପାଣିର ମାତ୍ରା କମ୍ ଥାଏ । ପିଲାଙ୍କୁ ନିୟମିତ ଏହା ଖାଇବାକୁ ଦେଲେ ସେମାନେ ଅପପୁଷ୍ଟି ସମସ୍ୟାରୁ ମୁକ୍ତ





ହୋଇପାରିବେ । ଏହା ସମ୍ପୂର୍ଣ୍ଣ ଭାବେ ଜୈବିକ ଏବଂ ସୁରକ୍ଷିତ । ଦୀର୍ଘଦିନ ଧରି ରୋଗାକ୍ରାନ୍ତ ରହିଥିବା ଲୋକେ ଏହାକୁ ଖାଇଲେ ପ୍ରୋଟିନ୍, ମିନେରାଲସ, କାର୍ବୋହାଇଡ୍ରେଟ, ଫଲିକ୍ ମିଳିପାରିବ ବୋଲି ଗବେଷଣାରେ ଜଣାପଡ଼ିଛି । ଏଥିରେ ବିଟା ଗ୍ଲୁକୋନ୍ ଓ କଯ୍‌ଜୁଗେଟେଡ ଲିନୋଲିକ୍ ଏସିଡ ରହିଛି ଯାହା ଶରୀର ଉପରେ ଆଣ୍ଟି କାର୍ସିନୋଜେନିକ୍ (କର୍କଟ ପ୍ରତିରୋଧୀ) ପ୍ରଭାବ ସୃଷ୍ଟି କରେ । ବିଶେଷ କରି ହସପିଟାଲ ଓ ଅଙ୍ଗନୱାଡ଼ିଗୁଡ଼ିକରେ ଏହି ଛତୁ ବ୍ୟବହାରକୁ ପ୍ରସାର କରାଯିବା ଉଚିତ ବୋଲି ବୈଜ୍ଞାନିକମାନେ କହିଛନ୍ତି । ଏଥିରେ କମ ପରିମାଣରେ କାର୍ବୋହାଇଡ୍ରେଟସ ଥିବାରୁ ଏହା ଶର୍କରା ସ୍ତର ତୁରନ୍ତ ବଢ଼ାଏ ନାହିଁ । ତେଣୁ ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଉପକାରୀ ହୋଇପାରେ ।

# ଲାଭ ଦାୟକ ଝାଡୁ ଘାସ

ସାଧାରଣତଃ ଗୋପାଳନ କରୁଥିବା ଲୋକେ ଘାସ ଚାଷ କରିବାର ଯୋଜନା କରନ୍ତି । ତେବେ ଝାଡୁ କରିବା ଲାଗି ମଧ୍ୟ ଘାସଚାଷ ଉପଯୋଗୀ ହୋଇପାରେ । ଘର ଓଳାଇବାରେ ବ୍ୟବହାର କରାଯାଉଥିବା ଫୁଲଝାଡୁ ସାଧାରଣତଃ ଝାଡୁ ଘାସ ବା ଟାଇଗର ଗ୍ରାସରୁ ତିଆରି ହୋଇଥାଏ । ଏହାର ବୈଜ୍ଞାନିକ ନାମ ଥାଇସାନୋଲେନା ମ୍ୟାକ୍ସିମା । କେବଳ ଝାଡୁ ଲାଗି ନୁହେଁ, ଏହି ଗଛ ମାଟିକୁ ଭଲରେ ବାନ୍ଧି ରଖିବା ଦ୍ୱାରା ମୃତ୍ତିକା କ୍ଷୟ ରୋକିଥାଏ । ଏହାର ଫୁଲ ଓ ଡେମ୍ଫରେ ଝାଡୁ ତିଆରି ହେଉଥିବାବେଳେ ପତ୍ରକୁ ଗୋଖାଦ୍ୟ ଭାବେ ବ୍ୟବହାର କରିପାରିବେ । ବିଶେଷକରୀ ପାହାଡ଼ିଆ ଅଞ୍ଚଳ ଏଭଳି ଘାସ ଚାଷ ପାଇଁ ଉପଯୁକ୍ତ । ଟାଙ୍ଗରା ଜମିରେ ଖୁବ ଶୀଘ୍ର ସବୁଜ ସୁନ୍ଦର ହୋଇ ଏହି ଝାଡୁ ଘାସ ବଢ଼ିଥାଏ । ଭାରତର ଉତ୍ତର-ପୂର୍ବାଞ୍ଚଳରେ ଏହାକୁ ସବୁଠାରୁ ଅଧିକ ଚାଷ କରାଯାଏ । ଏହି ଘାସ ସବୁ ପ୍ରକାର ନିଷ୍କାସନ ବ୍ୟବସ୍ଥା ରଖନ୍ତୁ ଏବଂ ଅନାବନା ଘାସ ନିୟନ୍ତ୍ରଣ କରନ୍ତୁ । ବର୍ଷା ଯଦି କମ ହୁଏ ତେବେ ଜଳସେଚନର ଆବଶ୍ୟକତା ପଡ଼ିପାରେ । ଟାଇଗର ଗ୍ରାସ୍ ସାଧାରଣତଃ ଶୀତଦିନରେ ଜାନୁଆରୀ ଫେବୃଆରୀ ମାସରେ କଟାଯାଏ । ଘାସର ଲମ୍ୱାଲମ୍ୱା ଫୁଲକୁ ଡେମ୍ଫ ପାଖରୁ କାଟି କିଛିଦିନ ଖରାରେ ଶୁଖାଇଲା ପରେ ଏହା ଛାଡୁ ତିଆରି ଲାଗି ଉପଯୁକ୍ତ ହୋଇଥାଏ । ଝାଡୁ ତିଆରି ପାଇଁ ପ୍ରାୟତଃ ୧ରୁ ଦେଢ଼ଫୁଟ ଲମ୍ୱା ଡେମ୍ଫ ରଖିବାକୁ ପଡ଼େ । ୩୦ରୁ ୩୫ଟି ଫୁଲ ଗୋଟିଏ ଝାଡୁ ତିଆରି ପାଇଁ ଦରକାର । ଥରେ ଲଗାଯାଇଥିବା ଟାଇଗର ଗ୍ରାସ୍ ୪-୫ ଥର ଫୁଲ ଦେଇପାରିବ । ଏହାପରେ ଏହି ଗଛକୁ ସମ୍ପୂର୍ଣ୍ଣ କାଟି ପୁଣି ଥରେ ମଞ୍ଜି ବୁଣିବାକୁ କିମ୍ୱା ନୂଆ ବୁଦା ଲଗାଇବାକୁ ପଡ଼େ । ଏହି ଘାସର ବଜାର ଦର କିଲୋପ୍ରତି ପ୍ରାୟ ୪୫ ଟଙ୍କା ।





## କାଗଜ ପୋତିଲେ ହେବ ଚାରା

'ଯମାଟୋ ଆଣ୍ଡ କୋ'କମ୍ପାନୀ ଏକ ପ୍ରକାର କାଗଜ ପ୍ରସ୍ତୁତି କରିଛନ୍ତି ଯାହାକୁ ପୋତିଲେ ତାହା ଚାରାରେ ପରିଣତ ହେବ । ହାତ ତିଆରି ଏହି କାଗଜ ନିମନ୍ତେ ବିଶେଷଜ୍ଞ ମୋହିତ୍ ସେନ ଦିନରାତି ଗବେଷଣା କରିଛନ୍ତି । ଅନେକ ଗଛ କଟାଇଯାଇ କାଗଜ ପ୍ରସ୍ତୁତ ହୁଏ । ଏବେ କିନ୍ତୁ ସମୟ ବଦଳିଛି ବୋଲି ତାଙ୍କ ମତ । ପରୀକ୍ଷାଗାରରେ ସେ ଏହାକୁ ତିଆରି କଲାବେଳେ ୨ଜଣ ଶିକ୍ଷୟିତ୍ରୀଙ୍କ ସହାୟତା ନେଇଥିଲେ । ତାଙ୍କ ପ୍ରସ୍ତୁତ କାଗଜକୁ ଲେଖା ହେବା ପାଇଁ ବ୍ୟବହାର କରିହେବ । ପରେ ତାହାକୁ ପୋତିଲେ ୧୦ରୁ ୧୨ ଦିନ ମଧ୍ୟରେ ଚାରା ଅଙ୍କୁରିତ ହୋଇଥାଏ । ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ତାଙ୍କୁ ଏଥିପାଇଁ ଡାକରା ଆସିଲାଣି । ଅନେକ ନାମକରା ଭାରତୀୟ କମ୍ପାନୀ ମଧ୍ୟ ତାଙ୍କ ସହ ଚୁକ୍ତି କରିବାକୁ ଆଗଭର । ଏହି କାଗଜର ଦର ଫର୍ଦ୍ଦର ପିଛା ୨ଟଙ୍କା ଧାର୍ଯ୍ୟ ହୋଇଛି ।

# ବାଦୁଡ଼ି ଡ୍ରୋନ୍: ଚାଷୀଙ୍କର ନୂଆ ସହାୟକ



ଚାଷକୁଳକୁ ସହାୟତା କରିବା ଲାଗି ଦେଶ ବିଦେଶର ବୈଜ୍ଞାନିକମାନେ ବିଭିନ୍ନ ଗବେଷଣା ଜାରି ରଖିଛନ୍ତି । ଏବେ ବୋଷ୍ଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏପରି ଏକ ଡ୍ରୋନ୍ ନିର୍ମାଣ କରିଛନ୍ତି ଯାହା ଦେଖିବାକୁ ବାଦୁଡ଼ି ଭଳି ଏବଂ ଖୁବ୍ ହାଲକା । ଉଡ଼ିବା ବେଳେ ଚଢ଼େଇ ପରି ଏହା ଡେଣା ଝାଡ଼ିଥାଏ । ଏହି ଡ୍ରୋନ୍ ବିଶେଷକରି ପାଣିପାଗ ସମ୍ପର୍କରେ ସୂଚନା ଦେବା ସହିତ ଫସଲର ସୁରକ୍ଷା କରିବାରେ ଚାଷୀମାନଙ୍କୁ ସହାୟତା କରିବ । ଜରୁରୀକାଳୀନ ପରିସ୍ଥିତିରେ ସତର୍କ କରିବା ସହିତ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଡ୍ରୋନ ସହାୟତାରେ ଶତ୍ରୁ ଠାବ କରିବା, ଶତ୍ରୁପକ୍ଷ ଉପରେ ଦୃଷ୍ଟି ରଖିବା ଏବଂ ଉଦ୍ଧାର କାର୍ଯ୍ୟ ଆଦି କରିପାରିବେ । ବୋଷ୍ଟନ ନର୍ଥଲିଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟର ରୋବୋଟ ବିଶେଷଜ୍ଞ ଅଲିରେଜା ରାମେଜାନିଙ୍କ କହିବା ଅନୁସାରେ, ଏହି ଡ୍ରୋନ ପ୍ରକୃତିଠାରୁ ପ୍ରେରଣା ପାଇ



କରାଯାଇଛି । କୃଷକମାନେ ଏହା ସହାୟତାରେ କୀଟନାଶକ ସିଞ୍ଚନ କରିବା ସହିତ ଫସଲ ଉପରେ ନଜର ରଖିପାରିବେ । ଅନ୍ୟାନ୍ୟ ବ୍ୟବହାରକାରୀ ଏହାକୁ ଫଟୋ ଉଠାଇବା, ଭିଡିଓଗ୍ରାଫି କରିବା ପରି ବ୍ୟକ୍ତିଗତ କାମରେ ଲଗାଇ ପାରିବେ । ଭବିଷ୍ୟତରେ ସହରର ସୁରକ୍ଷା କାମରେ ମଧ୍ୟ ଏହି ଡ୍ରୋନ ବ୍ୟବହାର କରିହେବ । ଏଥିରେ ଲାଗିଥିବା ଡେଣା ଭିନ୍ନଭିନ୍ନ ଆକାରରେ ମୋଡି ହୋଇପାରେ । ତେଣୁ ଅନ୍ୟ ଡ୍ରୋନ ଅପେକ୍ଷା ଅଧିକ ଦ୍ରୁତ ଗତିରେ ଏହା ଯାଇପାରୁଛି । ଦେଖିବାକୁ ବାଦୁଡ଼ି ପରି ହୋଇଥିବା ବେଳେ ଏହାର ଓଜନ ମଧ୍ୟ ମାତ୍ର ୬୩ଗ୍ରାମ । ସିଲିକନ୍ ପରସ୍ତ ବ୍ୟବହାର କରାଯାଇ ଏହାର ଡେଣା ପ୍ରସ୍ତୁତ କରାଯାଇଛି । ଏବେ ଏଥିରେ ଆହୁରି କାମ ଚାଲିଥିବା ବେଳେ ଡ୍ରୋନଟି ବଜାରକୁ ଆସିବା ବେଳକୁ ଏଥିରେ ଜିପିଏସ୍, ସେନସର ଏବଂ କ୍ୟାମେରା ସହିତ ସାଟେଲାଇଟ୍ ଉପଯୋଗ ବ୍ୟବସ୍ଥା ସଂଯୁକ୍ତ କରାଯିବ ।

## କ୍ୟାଲସିୟମଯୁକ୍ତ ଖାଦ୍ୟ

ସର୍ବେକ୍ଷଣରୁ ଜଣାପଡ଼ିଛି, ଆଜିକାଲି ସଂଖ୍ୟାଧିକ ଲୋକେ ଆଣ୍ଠୁଗଣ୍ଠିଜନିତ ରୋଗରେ ଆକ୍ରାନ୍ତ । କ୍ୟାଲସିୟମ ଯୁକ୍ତ ଖାଦ୍ୟାଭାବରୁ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଥିବାର ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରକାଶ କରିଛନ୍ତି ।
ନିୟମିତ ଭାବରେ ଖିର ଓ ଦହି ସେବନ କରିବା ସହ ଦୁଗ୍ଧଜାତ ଦ୍ରବ୍ୟ ସେବନ କରିବା ଉଚିତ । ବୟସ୍କ ଲୋକେ ଏସବୁ ଖାଇବା ସହ ଯୁବପିଢ଼ି ଖାଇବା ଉପକାରୀ ।
ସୋୟାବିନ୍ ସିଝା କିମ୍ୱା ତରକାରୀ ଖାଇଲେ ମଧ୍ୟ କ୍ୟାସିୟମ ଅଭାବ ଶରୀରରେ ହୋଇନଥାଏ । ୧୦୦ ଗ୍ରାମ୍ ସୋୟାବିନରେ ୨୭୭ ମିଲିଗ୍ରାମ କ୍ୟାଲସିୟମ ଥିବାର ଜଣାପଡ଼ିଛି ।




## ଖୁସି ରହିବାର ଉପାୟ



ନିଜ ଦୈନନ୍ଦିନ ଆହାର ଚର୍ଯ୍ୟାରେ ଫଳ ଓ ପନିପରିବାର ପରିମାଣ ବଢ଼ାନ୍ତୁ । ଏହା ଆପଣଙ୍କ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ କରିବ ଏ ବୋଲି ଗବେଷକଗଣ ଏ ତଥ୍ୟ ପ୍ରକାଶ କରିଛନ୍ତି । ନିୟମିତ ଫଳ ଓ ପନିପରିବା ଖାଉଥିବା ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ ଖୁସି ରୁହନ୍ତି । ପ୍ରାୟ ୨୦ହଜାର ବ୍ୟକ୍ତିଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା । ୬ମାସ ଧରି ଏହା ଚାଲିଲା । ସର୍ବେକ୍ଷଣରୁ ଜଣାପଡ଼ିଲା, ୭% ଲୋକ ଯେଉଁମାନେ ନିୟମିତ ପନିପରିବା ଓ ଫଳ ଖାଉଛନ୍ତି, ସେମାନେ ମାତ୍ରାଧିକ ଖୁସିରେ ରହୁଛନ୍ତି । ଫଳରସ ପିଇବା ଅପେକ୍ଷା ସତେଜ ଫଳ ଖାଇବାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା । ପରିବାରେ ଫୁଲକୋବି ଓ ସବୁଜ କ୍ୟାପସିକମ ଖାଉଥିବା ବ୍ୟକ୍ତି ଅଧିକ ଖୁସି ରହୁଥିବାର ଲକ୍ଷ୍ୟ କରାଗଲା । ଏ ତଥ୍ୟଟି ଅଷ୍ଟ୍ରେଲିଆର ଗଣମାଧ୍ୟମ ମଧ୍ୟ ଏବେ ପ୍ରଚାର କରିବାରେ ଲାଗିଛି । ଗବେଷକଙ୍କ ମତରେ 'ଫଳଖାଆନ୍ତୁ, ଖୁସି ରୁହନ୍ତୁ' ।

# ଆଖି ତଳ କଳାଦାଗ ନିମନ୍ତେ ସରଳ ଉପଚାର

**ଯୁବତୀଙ୍କ ନିମନ୍ତେ ଆଖି ତଳେ କଳାଦାଗ ପଡ଼ିବା ଏକ ପ୍ରମୁଖ ସମସ୍ୟା ଅଟେ । ଏହା ମୁହଁର ସୌନ୍ଦର୍ଯ୍ୟକୁ ପ୍ରଭାବିତ କରେ । ସେଥିପାଇଁ ସରଳ ଘରୋଇ ଉପଚାରମାନ:**



♦ ୧ ଚାମଚ ଟମାଟର ରସ, ୧ଚାମଚ ଲେମ୍ବୁ, ରସ, ୧ଛୋଟ ଚାମଚ ହଳଦୀ ଗୁଣ୍ଡ ଓ ସାମାନ୍ୟ ବେସନ ନେଇ ଏକ ଗାଢ଼ ପେଷ୍ଟ ତିଆରି କରନ୍ତୁ । ଏହାକୁ କଳାଦାଗ ପଡ଼ିଥିବା ସ୍ଥାନରେ ଲଗାଇ ୧୫ମିନିଟ୍ ପରେ ହାଲକା ଭାବେ ଧୋଇ ନେବେ ନଚେତ ଓଦା କପଡ଼ାରେ ବେଶ ଆରାମରେ ପୋଛିନେବେ । କଞ୍ଚାକ୍ଷୀରକୁ ତୁଳାରେ ଭିଜାଇ ଏହି ସ୍ଥାନରେ ୨୦ ମିନିଟ ଦୈନିକ ରଖନ୍ତୁ । ୧ସପ୍ତାହ ମଧ୍ୟରେ ଆଖି ତଳ କଳାଦାଗର ପ୍ରଭାବ କମ ହେବ ।

♦ ବାଦାମ ତେଲ ଓ ମହୁ ସମାନ ମାତ୍ରାରେ ନେଇ ୨ରୁ ୩ ସପ୍ତାହ ଆଖି ତଳ କଳାଦାଗ ପଡ଼ିଥିବା ସ୍ଥାନରେ ଲଗାଇଲେ ଆରାମ ମିଳେ । ଗୋଲାପ ଜଳକୁ ଥଣ୍ଡା ପାଣିରେ ମିଶାଇ ମୁହଁରେ ନିୟମିତ ଛାଟିଲେ ମଧ୍ୟ କଳାଦାଗର ପ୍ରଭାବ ହ୍ରାସ ହୁଏ ।

♦ କାକୁଡ଼ି ରସ ସହ କାକୁଡ଼ିକୁ ପତଳା ଭାବରେ କାଟି କରି ଆଖି ଉପରେ ରଖି ୩୦ ମିନିଟ୍ ଶୋଇ ରହିଲେ ମଧ୍ୟ କଳା ଦାଗ କମିଥାଏ । କଞ୍ଚାଆଳୁ ରସକୁ କଳାଦାଗ ପଡ଼ିଥିବା ସ୍ଥାନରେ ଲଗାଇଲେ ଉତ୍ତମ ପନ୍ରଭାବ ମିଳେ, କିନ୍ତୁ ସେହି ସ୍ଥାନରେ ଏହି ରସ ଲଗାଇଲେ ଯଦି ପୋଡ଼ିବ, ତେବେ ଏହା ଲଗାନ୍ତୁ ନାହିଁ ।




# ଛାତ ଉପରେ ଚାଷ

ଜାଗା ଅଭାବରୁ ଅନେକେ ଛାତ ଉପରେ ଗଛ ଲଗାଇ ସବୁଜିମା ଉପଭୋଗ କରୁଛନ୍ତି । ଏଭଳି ଚାଷ ପଦ୍ଧତି ଏବେ ରୋଜଗାରର ନୂଆ ବାଟ ହୋଇଛି । ଯୁବପିଢ଼ି ଏହି ଚାଷ ଦ୍ୱାରା ବେଶ୍ ଲାଭବାନ ହେଉଛନ୍ତି । ଘର ତଥା କାର୍ଯ୍ୟାଳୟର ଛାତ ଉପରେ ବି ଏହାକୁ କରାଯାଇପାରିବ । ଛାତ ଉପରେ ଚାଷ ବା ଟେରେସ୍ ଗାର୍ଡେନିଂ ପାଇଁ ପ୍ରଥମେ ପର୍ଯ୍ୟାପ୍ତ ଛାତ ଥିବା ଆବଶ୍ୟକ । ଖୋଲା ଓ ବଡ଼ ଛାତରେ ଏହା ଆରାମରେ କରାଯାଇପାରିବ । ସିନ୍ଥେଟିକ୍ ବ୍ୟାଗ୍, କାଠ ଓଟିଣ ବାକ୍ସ ଭଳି ବେକାର ଜିନିଷ ବି ଏଠାରେ ଗଛ ଲଗାଇବା ପାଇଁ ବ୍ୟବହାର କରିପାରିବେ । ଉପର ମାଟିକୁ ୧-୨ ମିଟର ଖୋଳି ସେହି ଗଭୀରତାରୁ ମାଟି ଆଣି ଛାତ ଉପରେ ଗଛ ଲଗାଇବା ଉଚିତ । ଚାରାଗଛ ଲଗାଇ ପାରନ୍ତି, ନଚେତ ମଞ୍ଜି ବୁଣି ଗଛ କରିହେବ । ଛାତ ଉପରେ ଚାଷ କରିବା ସମୟରେ ସୂର୍ଯ୍ୟ କିରଣ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ । ଖରାଦିନେ ପ୍ରଖର ସୂର୍ଯ୍ୟ କିରଣ ଛାତ ଉପରେ ଲାଗିଥିବା ଗଛ ପ୍ରତି କ୍ଷତିକାରକ ହୋଇଥାଏ । ଗଛଗୁଡ଼ିକ ଅତ୍ୟଧିକ ଉତ୍ତାପ ସହ୍ୟ କରିନପାରି ମରିଯାନ୍ତି । ତେଣୁ ଖରାଦିନ ହେଉ କି ଅନ୍ୟ ଋତୁ ଗଛ ଲଗାଯାଇଥିବା ଜାରାରେ ଯେପରି ସଠିକ୍ ପରିମାଣର ପାଣି ରହିଥାଏ ଏବଂ ଆବଶ୍ୟକତାଠାରୁ ଅଧିକ ସୂର୍ଯ୍ୟକିରଣ ନପଡ଼େ, ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ । ଛାତ ଉପରେ ଚାଷ କରିବା ଲାଗି ବିଶେଷ ପୁଞ୍ଜି ଆବଶ୍ୟକ ହୁଏନାହିଁ ।



## ରୋଗମୁକ୍ତ ଚେୟାର

ନ୍ୟୁୟର୍କର ଜଣେ ଡାକ୍ତର ଓ ପ୍ୟାରିସ୍ ଜଣେ ଡିଜାଇନର ମିଶି ଏକ ସୁନ୍ଦର ଚେୟାର ତିଆରି କରିଛନ୍ତି । ଦୁଇଗୋଡ଼ିଆ ଏ ଚେୟାରରେ ବସିଲେ କର୍କଟ ଓ ମଧୁମେହ ଇତ୍ୟାଦି ରୋଗ ହେବାର ଆଶଙ୍କା କମ ରହିଛି ବୋଲି ମତ ମିଳିଛି ଡାକ୍ତରଙ୍କ କହିବାନୁଯାୟୀ, ଏହା ଏଭଳି ଉପାୟରେ ନିର୍ମିତ ହୋଇଛି ଯେ ବସିଥିବା ବ୍ୟକ୍ତିଜଣକର ବିଭିନ୍ନ ଶିରାପ୍ରଶିରା କାର୍ଯ୍ୟକ୍ଷମ ହେବ । ନୂଆ ନୂଆ ବସିଲାବେଳେ ସାମାନ୍ୟ ପୀଡ଼ା ହୋଇପାରେ କିନ୍ତୁ ପରେ ଅଭ୍ୟାସ ହୋଇଯିବ । ଦୈନିକ ୧ଘଣ୍ଟା ଏଥିରେ ବସିବା ଜରୁରୀ । ଏଥିରେ ବସି କୌଣସି କାମକୁ ଆଉଜିବା ଅନୁଚିତ ।

# ସାଇକଲ ଚାଳକଙ୍କୁ ମିଳୁଛି ଅଧିକ ଦରମା

ପରିବେଶ ପ୍ରଦୂଷଣକୁ ଲକ୍ଷ୍ୟ କରି ବିଶ୍ୱସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି ସର୍ବେକ୍ଷରରୁ ଜଣାପଡ଼ିଛି, ସବୁଠୁ ଅଧିକ ଯାନବାହାନ କିଣା ଚୀନରେ ହେଉଛି । ଗାଡ଼ିମଟରରୁ ନିର୍ଗତ ଧୂଆଁ ଦ୍ୱାରା ଅନେକ ରୋଗ ହେବା ସହ ପରିବେଶ ପ୍ରଦୂଷଣର ଅନ୍ୟ ଏକ ମୁଖ୍ୟ କାରଣ । ଏସବୁକୁ ଲକ୍ଷ୍ୟ କରି ଇଟାଲୀସ୍ଥିତ ମେସାରୋସା ସହରରେ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ସେଠାକାର ୪ଟି ବଡ଼ କମ୍ପାନୀ ଘୋଷଣା କରିଛନ୍ତି, ଯେଉଁ ବ୍ୟକ୍ତିମାନେ ମଟର ସାଇକେଲ କିମ୍ୱା କାର ବଦଳରେ ସାଇକେଲ ଚଳାଇ କାର୍ଯ୍ୟାଳୟକୁ ଆସିବେ, ସେମାନଙ୍କୁ ଅନ୍ୟ କର୍ମଚାରୀଙ୍କ ଅପେକ୍ଷା ଅଧିକ ଦରମା ମିଳିବ । ସୋମବାର ସେଠାରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଏହା ଅବଗତ କରାଯାଇଛି । ମିଳିଥିବା ଖବର ଅନୁସାରେ, ସାଇକେଲ ଚଳାଇ ଆସିବା କର୍ମଚାରୀଙ୍କୁ ମାସିକ ୧୦ହଜାରୁ ୧୫ହଜାର ଅଧିକ ବେତନ ଦିଆଯିବ । କମ୍ପାନୀର ମାଲିକଙ୍କ ଲକ୍ଷ୍ୟ ଅର୍ଥ ଲୋଭରେ ଅଧିକାଂଶ କର୍ମଚାରୀ ଏଭଳି ନିୟମକୁ ଆପଣେଇବେ । କିଛିଦିନ ସାଇକେଲ ଚଳାଇବା ପରେ ସେମାନେ ଏହାର ଉପଯୋଗିତା ନିଶ୍ଚୟ ଜାଣିପାରିବେ । ଇଣ୍ଟରନେଟ୍‌ରେ ଏହି ଖବର ପ୍ରକାଶିତ ହେବା ପରେ ବିଭିନ୍ନ ବର୍ଗର ଲୋକେ ଏହି ଉଦ୍ୟମକୁ ବେଶ୍ ପ୍ରଶଂସା କରିଛନ୍ତି ।



# ବନ ବିଭାଗର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଲେ ଦଳିତ ଆଦିବାସୀ ମହାସଂଘ ସଭାପତି

ବାରିପଦା,୨୭।୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସରକାରୀ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି । ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରୁ କେତେକ ଅସାଧୁ ପଦାଧିକାରୀ ଓ କର୍ମଚାରୀମାନଙ୍କ ନିମନ୍ତେ ଆଜି ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିନ୍ଦିତ ହେବାକୁ ପଡ଼ିଛି । ବିଭିନ୍ନ ସମୟରେ ଦୁର୍ନୀତି ନିବାରଣ ବିଭାଗ ବସାଇଥିବା ଜାଲରେ ଦୁର୍ନୀତିଖୋର ଅଧିକାରୀ ଓ ପଦାଧିକାରୀ ଛନ୍ଦି ହୋଇ ଜେଲ୍ ଯାଉଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ଦୁର୍ନୀତିଖୋରମାନଙ୍କ ଉପରେ ପକାଇପାରି ନାହିଁ । ବର୍ତ୍ତମାନ ଜିଲ୍ଲାରେ ବାରିପଦା ପିଏ ଆଇଟିଡ଼ିଏ କାର୍ଯ୍ୟାଳୟର ଜେଇ ଓ ବେତନଟୀ ତହସିଲଦାରଙ୍କୁ ନେଇ ଝଡ଼ ଉଠିଥିବା ସମୟରେ ମୟୂରଭଞ୍ଜ ଦଳିତ ଆଦିବାସୀ ମହାସଂଘ ସଭାପତି ତଥା ସମାଜସେବୀ ରାକେଶ ସିଂ ବନ ବିଭାଗର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଏବଂ ଏହାକୁ ନେଇ ବିଭାଗୀୟ ସଚିବଙ୍କୁ ପତ୍ର ଲେଖିଛନ୍ତି । ମୟୂରଭଞ୍ଜ ଦଳିତ ଆଦିବାସୀ ସଂଘର ସଭାପତି ତଥା ସମାଜସେବୀ ରାକେଶ ସିଂଙ୍କ କହିବା ଅନୁସାରେ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କାର୍ଯ୍ୟାଳୟ ପକ୍ଷରୁ ୨୦୧୯ ଅକ୍ଟୋବରରେ ୨୨ ଜଣଙ୍କୁ ପ୍ରୋଜେକ୍ଟ ଏସିଷ୍ଟାଂଟ(ପିଏ) ପଦବୀରେ ନୂଆ ନିଯୁକ୍ତି ଦିଆଯିବା ପରେ ଜୁନ୍ ୨୦୨୦ରେ ସେହି ପ୍ରୋଜେକ୍ଟ ଏସିଷ୍ଟାଂଟ(ପିଏ) ପଦବୀରେ ଦୀର୍ଘ ୭ରୁ ୧୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରି ଅଭିଜ୍ଞତା ହାସଲ କରିଥିବା ୨୭ ଜଣ କର୍ମଚାରୀଙ୍କୁ ବିନା ନୋଟିସରେ ମୌଖୀକରେ ଚାକିରୀରୁ ବରଖାସ୍ତ କରାଗଲା । ଯଦି କର୍ମଚାରୀ ଛଟେଇ କରିବାର ଥିଲା, ତେବେ ନୂତନ ପୋଷ୍ଟିଂ କାହିଁକି କରାଗଲା ଏବଂ ନୂଆଙ୍କୁ ଛଟେଇ କରାନଯାଇ ପୁରୁଣାମାନଙ୍କୁ ଛଟେଇ କରାଗଲା କେଉଁ ଆଇନ ବଳରେ । ପୁଣି, ଶିମିଳିପାଳର ବିଭିନ୍ନ ଅଂଚଳ ଓ ଭୌଗୋଳିକ ଅବସ୍ଥିତି ଆଦି ସହ ପରିଚିତ ଥିବା ବ୍ୟକ୍ତି ବିଶେଷଙ୍କୁ ଅଗ୍ରାଧିକାର ଭିତିରେ ଏହି ପଦବୀ ନିମନ୍ତେ ଚୟନ କରାଯିବାର ନିୟମ ଥିବା ବେଳେ ଡୁକୁରା ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ଏ ଦିଗ ପ୍ରତି ଅଣଦେଖା ପ୍ରଦର୍ଶନ କରାଯାଇଛି । ରେଞ୍ଜ ତେଣୁ ଏହି ପ୍ରକାରର ନୂତନ ନିଯୁକ୍ତି ଏବଂ ଛଟେଇର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । ପୁଣି ସମଗ୍ର ପୃଥିବୀ ବିଶ୍ୱ ମହାମାରୀ କରୋନା ସହିତ ସଂଗ୍ରାମ ଚଳାଇ ଆସୁଥିବା ସମୟରେ କେନ୍ଦ୍ର ଓ ଓଡ଼ିଶା ସରକାର ପକ୍ଷରୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଛଟେଇ କରାଯିବା ଉପରେ କଟକଣା ଲାଗାଇବା ସାଙ୍ଗକୁ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନିୟମିତ ଭାବେ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଉଥିବା ସମୟରେ ଖୋଦ୍ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବନ ବିଭାଗ କାର୍ଯ୍ୟାଳୟରେ କର୍ମଚାରୀ ଛଟେଇ ଭଳି ଅମାନୁଷିକ କାର୍ଯ୍ୟକଳାପର ପ୍ରଚ୍ଛଦ ପଟ୍ଟରେ କେଉଁ ରହସ୍ୟ ବା ଉଦ୍ଦେଶ୍ୟ ଜଡ଼ିତ ରହିଛି । ସେହିପରି ବନ ବିଭାଗରେ କାର୍ଯ୍ୟରତ ଅଧିକାରୀମାନେ ପ୍ରିୟାପ୍ରୀତି ତୋଷଣ ନୀତିରେ ଅନ୍ଧ ହୋଇ ଉପରିସ୍ଥ ପଦାଧିକାରୀଙ୍କୁ ଅଣଦେଖା ପ୍ରଦର୍ଶନ ପୂର୍ବକ ବିନା ଅଭିଜ୍ଞତାରେ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯାଉଥିବା ସମୟରେ କୌଣସି କାରଣ ନ ଥାଇ ଦୀର୍ଘ ବର୍ଷର ଅଭିଜ୍ଞତା ଥିବା କାର୍ଯ୍ୟରତ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ବହିଷ୍କାରର ଆଇନଗତ ବୈଧତାକୁ ଅବମାନନା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରାଉଛି । ଡୁକୁରା ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ମୌଖୀକ ଭାବେ ୨୭ ଜଣ ପିଏ ଛଟେଇ ହେବା ପରେ ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ କରିବା ସହ ନ୍ୟାୟ ପ୍ରଦାନ ଦାବିରେ କିଛି ଦିନ ପୂର୍ବେ ବାରିପଦା ଭଞ୍ଜପୁରସ୍ଥିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ ପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଏହି ସମୟରେ ମୟୂରଭଞ୍ଜ ଦଳିତ ଆଦିବାସୀ ମହାସଂଘ ପ୍ରୋଜେକ୍ଟ ଏସିଷ୍ଟାଂଟ(ପିଏ)ମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ନୂତନ ଭାବେ ନିଯୁକ୍ତି ପାଇଥିବା ୨୨ ଜଣ ପିଏଙ୍କୁ ନେଇ ନିଯୁକ୍ତିରେ ଅନିୟମିତତା ହୋଇଥିବାର ଅଭିଯୋଗ ଆଣିଛନ୍ତି ଦଳିତ ଆଦିବାସୀ ମହାସଂଘର ସଭାପତି ରାକେଶ ସିଂ । ଶ୍ରୀ ସିଂଙ୍କ କହିବା ଅନୁସାରେ ନୂଆ ନିଯୁକ୍ତି ପାଇଥିବା ପିଏମାନଙ୍କ ମଧ୍ୟରୁ ୨ ଜଣ ଡୁକୁରା ବନ୍ୟ ପ୍ରାଣୀ ରେଞ୍ଜ ଅଧୀନ ଡେଙ୍ଗାମ ସେକ୍ସନରେ ଗୋଟାଏ ମିନିଟ୍ କାର୍ଯ୍ୟରେ ଯୋଗ ଦେଇ ନ ଥିବା ସମୟରେ ସେହି ଦୁଇ ଜଣଙ୍କ ନାମରେ ଗତ ଏପ୍ରିଲ ଓ ମେ ମାସର ଦରମା ଉଠାଯାଇଛି । ତେଣୁ ବିନା କାର୍ଯ୍ୟରେ ଦରମା ଉଠାଯିବା ଉପରେ ପ୍ରଶ୍ନ ଉଠାଇଛନ୍ତି । ଡୁକୁରା ବନ୍ୟ ପ୍ରାଣୀ ରେଞ୍ଜ କାର୍ଯ୍ୟାଳୟରେ ଏହି ପ୍ରକାରର ଅନିୟମିତତା ଓ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ବନ ବିଭାଗ ସଚିବ ମୋନା ଶର୍ମାଙ୍କୁ ପତ୍ର ଲେଖିବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ନବୀନଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦଳିତ ଆଦିବାସୀ ମହାସଂଘର ସଭାପତି ରାକେଶ ସିଂ ଅଭିଯୋଗ କରିଥିବା ସମୟରେ ପୁରା ଘଟଣା କ୍ରମକୁ ଡୁକୁରା ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନାଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି ।

## ଭଦ୍ରକରେ କାର୍ଗିଲ ବିଜୟ ଦିବସ ପାଳିତ

ଭଦ୍ରକ, ୨୭/୭ (ହି.ସ.) - ଆଜି ଆମ ଦେଶର ୨୧ ତମ କାର୍ଗିଲ ବିଜୟ ଦିବସ ବିଭିନ୍ନ ସ୍ଥାନରେ କରୋନା ଜନିତ କଟକଣାକୁ ଆଖି ଆଗରେ ସାମାଜିକ ଦୂରତ୍ୱ ବଜାୟ ରଖାଯାଇ ପାଳିତ ହୋଇଛି । ଭଦ୍ରକରେ ମଧ ଏହି ଦିବସ ଆଜି ସହରର ସହୀଦ ସ୍ମୃତି ଭବନ ସମ୍ମୁଖସ୍ଥ ଟ୍ରାଫିକ୍ ଛକ ଠାରେ ଭଦ୍ରକ ସୋସିଆଲ ସର୍ଭିସ୍ (ବିଏସ୍ଏସ୍) ପକ୍ଷରୁ ପାଳିତ ହୋଇଛି । ପ୍ରାରମ୍ଭରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହିତ ଭଦ୍ରକ ପୋଷ୍ଟ ଅଫିସ୍ ଛକ ନିକଟ ଶିବମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଗିଲର ଏହି ଯୁଦ୍ଧରେ ଶହୀଦ ହୋଇଥିଲେ ଆମ ଦେଶର ବିଭିନ୍ନ ରାଜ୍ୟର ୫ ଶହରୁ ଊର୍ଦ୍ଧ୍ୱ ବୀର ଯବାନ । ମାତୃଭୂମି ପାଇଁ ପ୍ରାଣବଳି ଦେଇଥିବା ଏହି ବୀରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଟି ଭାରତୀୟ ଆଜିର ଏହି ଦିବସରେ ସମସ୍ତ ଶହୀଦଙ୍କ ଉଦ୍ଦେଶ୍ୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଦେଶପ୍ରେମର ଗାଥା ଶୁଣାଇଆସୁଛି । ଏଠାରେ ସୂଚନାଯୋଗ୍ୟ ଏହି ଶହୀଦଙ୍କ ମଧ୍ୟରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଉତୁକୁଡା ପଂଚାୟତ ପାଙ୍ଗୁଡା ଗ୍ରାମର ନିରଂଜନ ବେହେରା ଥିଲେ ଅନ୍ୟତମ ।

## ସୁସଂଗଠିତ ଓ ଚାପମୁକ୍ତ ଶିକ୍ଷା ନିମନ୍ତେ ଆଲୋଚନା ଚକ୍ର

କନ୍ଧମାଳ,୨୭।୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତୀ ଓ ଜିଲ୍ଲା ଶିକ୍ଷା ବିଜ୍ଞାନ ଫୋରମ୍ ପକ୍ଷରୁ ଆଜି ସୁସଂଗଠିତ ଓ ଚାପମୁକ୍ତ ଶିକ୍ଷା ନିମନ୍ତେ ଏକ ଆଲୋଚନା ଚକ୍ର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଆଲୋଚନା ଚକ୍ରରେ ଫୁଲବାଣୀର ଶିକ୍ଷାବିତ୍ ତଥା ଆଇନଜିବୀ ଶ୍ରୀ ବିଜୟକୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କନ୍ଧମାଳ ଜିଲ୍ଲାରେ ବର୍ତ୍ତମାନର ବାସ୍ତବ ଶିକ୍ଷା ଉପରେ ଆଲୋଚନା କରି ଅନ୍‌ଲାଇନ୍ ଶିକ୍ଷା ନିମନ୍ତେ ଆବଶ୍ୟକୀୟ ଭିତିଭୂମିର ଅଭାବ ଓ ଏଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ । କନ୍ଧମାଳ ଜିଲ୍ଲା ପରିପ୍ରେକ୍ଷୀରେ ପିଲାମାନଙ୍କ ନିମନ୍ତେ ଉପଲବ୍ଧ ଥିବା ଭିତିଭୂମିର ସୁବିନିଯୋଗ କରି ଶିଶୁ ମାନଙ୍କ ନିମନ୍ତେ ଶିକ୍ଷାର ସୁଯୋଗ ସୃଷ୍ଟି କରିବା ନିମନ୍ତେ ସ୍ୱାତୀ ର ସମ୍ପାଦକ ଇଂ ହରିଶଙ୍କର ରାଉତ ମତ ପ୍ରକାଶ କରିଥିଲେ । ଏହି ଆଲୋଚନା ଚକ୍ରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇ ଏକ ସୁସଂଗଠିତ ଓ ଚାପମୁକ୍ତ ଶିକ୍ଷା ଦାନ କରିବା ନିମନ୍ତେ ନିଜ ନିଜର ମତ ପ୍ରକାଶ କରିବା ସହିତ ଶିକ୍ଷା ଦାନ ପ୍ରକ୍ରୀୟାରେ ଅବିଭାବକ ଓ ଶିକ୍ଷିତ ସ୍ୱେଚ୍ଛାସେବୀ ମାନଙ୍କୁ ସାମିଲ୍ କରିବା ନିମନ୍ତେ ଯୋଜନା କରିଥିଲେ । ଆଗାମୀ ଦିନ ମାନଙ୍କରେ ଶିଶୁ ମାନଙ୍କ ନିମନ୍ତେ ଏକ ସରଳ କାର୍ଯ୍ୟପୁସ୍ତିକା ପ୍ରସ୍ତୁତି କରି ଶିଶୁ ମାନଙ୍କ ନିକଟରେ ଉପଲବ୍ଧ କରି ପାଠ୍ୟଚକ୍ର ସହିତ ଯୋଡିବା ନିମନ୍ତେ ଯୋଜନା କରାଯାଇଥିଲା । ଏହି ଆଲୋଚନା ଚକ୍ରକୁ ଶିକ୍ଷକ ଶ୍ରୀ ସୀମାଂଚଳ ମୁଖି ଓ ଶ୍ରୀ ଗୋଲକ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସ୍ୱାତୀର ପ୍ରକଳ୍ପ ସଂଯୋଜକ ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ ସହଯୋଗ କରିଥିଲେ ।

## କରୋନା ମୁକାବିଲା ପାଇଁ ପୂର୍ବତନ ତହସିଲଦାର ଶକ୍ତିକାନ୍ତ ରାୟ ଙ୍କୁ ଝୁରୁଛନ୍ତି ଭୁବନ ବାସୀ

ଭୁବନ,୨୭।୭ (ନି.ପ୍ର): ମହାମାରୀ କରୋନା ଆରମ୍ଭ ଦିନ ଠାରୁ ଭୁବନର ପୂର୍ବତନ ତହସିଲଦାର ତଥା ଏକଜ୍ୟୁକୁଟିଭ ମାଜିଷ୍ଟ୍ରେଟ ଶକ୍ତିକାନ୍ତ ରାୟ ସକାଳ ୬ ଟା ଘରୁ ବାହାରି ରାତ୍ର ୧୦ ଘଟିକା ରେ ଘରକୁ ଫେରୁଥିଲେ । ଭୁବନର ବିଭିନ୍ନ ସଂଗଠନର ସଦସ୍ୟ ଙ୍କୁ ବିଭିନ୍ନ ହାଟ, ବଜାର ଓ ଜନଗହଳି ସ୍ଥାନରେ ଦାୟିତ୍ୱ ଦେବା ସହିତ ଲୋକଙ୍କୁ ମାସ୍କ ପିନ୍ଧିବା,ସାମାଜିକ ଦୂରତା ରକ୍ଷା କରିବା ସଂପର୍କରେ ନିଜେ ସଚେତନ କରାଇବା ସହିତ ମାସ୍କ ପିନ୍ଧିନଥିବା ଅନେକ ଲୋକଙ୍କୁ ମାସ୍କ ମଧ ବିତରଣ କରୁଥିଲେ । ଶ୍ରୀଯୁକ୍ତ ରାୟ ପୋଲିସ କୁ ପେଟ୍ରୋଲିଂ ଦାୟିତ୍ୱ ଏବଂ ଅଗ୍ନିଶମ ବାହିନୀ ଙ୍କ ଦ୍ୱାରା ନିୟମିତ ଭାବେ ବିଭିନ୍ନ ସ୍ଥାନକୁ ସାନିଟାଇଜେସନ କରାଉଥିଲେ ଓ ଅସହାୟ ନିଃସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟପୁଡିଆ ବଂଟନ କରୁଥିଲେ । କୋଭିଡ ପରିଚାଳନାରେ ଜଣେ ଦକ୍ଷ ଅଫିସର ଭାବେ ସ୍ଥାନୀୟ ଅଂଚଳରେ ବେଶ୍ ସୁନାମ ଅର୍ଜନ କରିବା ସହିତ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ତରଫରୁ କୋଭିଡ ଯୋଦ୍ଧା ଭାବେ ସମ୍ମାନୀତ ଓ ପୁରସ୍କୃତ ମଧ ହୋଇଥିଲେ । ତେବେ ଗତ ୪ ତାରିଖ ରେ ସରକାର ପ୍ରକୃତ କୋଭିଡ ଯୋଦ୍ଧା ତଥା ଦକ୍ଷ ଅଫିସର ଶ୍ରୀଯୁକ୍ତ ରାୟଙ୍କୁ ଅଚାନକ କୋଭିଡ-୧୯ ପରିଚାଳନା କରିବାକୁ ଗଞ୍ଜାମ ଜିଲ୍ଲାକୁ ନେଇଯାଇଥିଲେ । ଫଳରେ ଭୁବନ ରେ କୋଭିଡ ପରିଚାଳନାରେ ଘୋର ଅବ୍ୟବସ୍ଥା ପରିଲକ୍ଷିତ ହେଉଛି ଓ ସମଗ୍ର ଭୁବନବାସୀ ଶ୍ରୀଯୁକ୍ତ ରାୟ ଙ୍କୁ ଝୁରୁଛନ୍ତି । ଶ୍ରୀଯୁକ୍ତ ରାୟ ଙ୍କ ବଦଳି ପରେ କାମାକ୍ଷାନଗର ତହସିଲଦାର ଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

## ବାଲିଗୁଡା କଣ୍ଟେନମେଣ୍ଟ ଅଂଚଳରେ ୮ ଜୁଆଡି ଗିରଫ ଟଙ୍କା ସମେତ ବାଇକ ଜବତ

କନ୍ଧମାଳ,୨୭।୭ (ନି.ପ୍ର): କରୋନା ସଂକ୍ରମଣ ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିଗୁଡା ଅଂଚଳକୁ କଣ୍ଟେନମେଣ ଘୋଷଣା କରାଯାଇଛି । ଲୋକେ ଘରୁ ବାହାରକୁ ନ ବାହାରିବା ପାଇଁ ପ୍ରଶାସନ କଡା ନିର୍ଦ୍ଦେଶ ଦେଇଛି । ତଥାପି କିଛି ଅମାନିଆ ଲୋକ ଜଙ୍ଗଲକୁ ଯାଇ କଟକଣାକୁ ଖାତିର ନକରି ଜୁଆ ଖେଳୁଥିବା ବେଳେ ୮ ଜଣ ଜୁଆଡିଙ୍କୁ ପୋଲିସ ଗିରଫ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରାୱାଲ ଟ୍ୱିଟ ଯୋଗେ ସୁଚନା ଦେଇଛନ୍ତି । ସୁଚନା ଅନୁସାରେ ଆଜି ବାଲିଗୁଡା ଥାନା ଅଂଚଳରେ ଥିବା ତହଲପଡି ଜଙ୍ଗଲରେ କିଛି ଜୁଆଡିଙ୍କର ଦଳ ସେଠାରେ ଜୁଆ ଖେଳୁଥିବାର ଖବର ପାଇ ସେଠାରେ ଡିଏସପି ମନୋଜ ପୁଜାରୀ ଏବଂ ବାଲିଗୁଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସଦଳବଳେ ସେଠାରେ ପହଂଚିବାସହିତ ସେଠାରୁ ୮ଜଣ ଜୁଆଡିଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୨୮ ହଜାର ଶହେ ଟଙ୍କା,୮ଟି ବାଇକ୍ ଏବଂ ୧୦ ପେକେଟ ତାସ ମଧ୍ୟ ଜବତ କରିଛି । ତେବେ ପୋଲିସ ସେଠାରେ ପହଂଚିବା ପୁର୍ବରୁ କିଛି ଜୁଆଡି ସେଠାରୁ ଫେରାର୍ ହେବାରେ ସଫଳ ହୋଇଥିବା ଜଣାପଡିଛି ।

## ବୈତରଣୀ ନଦୀରେ ଭାସିଯାଇ ବାଳକ ନିଖୋଜ

ଭଦ୍ରକ, ୨୭/୭ (ହି.ସ.) - ବୈତରଣୀ ନଦୀରେ ଗୋଡ ଖସିଯିବାରୁ ସୁଅରେ ଭାସିଯାଇ ବାଳକ ନିଖୋଜ । ପ୍ରାପ୍ତ ସୂଚନା ଅନୁସାରେ ଘଟଣାଟି ଘଟିଛି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ଝୁଟୁଣା ଗ୍ରାମରେ । ଉକ୍ତ ଗ୍ରାମର ବିଶ୍ୱନାଥ ସାହୁଙ୍କ ପୁଅ ରାଜେଶ ସାହୁ ଗାଧୋଇବା ପାଇଁ ନଦୀକୂଳକୁ ଯାଇଥିଲେ । ଗାଧୋଉଥିବା ସମୟରେ ତାଙ୍କ ଗୋଡ ଖସିଯିବାରୁ ନଦୀ ସୁଅରେ ଭାସି ନିଖୋଜ ହୋଇଛନ୍ତି । ସ୍ଥାନୀୟ ଲୋକ ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀକୁ ଜଣାଇବା ପରେ ଦମକଳ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ହେଲେ ଅଦ୍ୟାବଧି ବାଳକର ପତା ମିଳୁନାହିଁ ।

## ସଂକ୍ରମଣ ବ୍ୟାପିବା ଆଶଙ୍କାରେ ନିରାମୟ କେନ୍ଦ୍ର ସିଲ

କେନ୍ଦ୍ରାପଡ଼ା,୨୭।୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନିରାମୟ କେନ୍ଦ୍ରର ଜଣେ ଫାର୍ମାସିଷ୍ଟ କରୋନା ସଂକ୍ରମିତ ହେବା ପରେ ନିରାମୟ କେନ୍ଦ୍ରକୁ ବନ୍ଦ ରଖା ଯାଇଛି । ସଂକ୍ରମଣ ବ୍ୟାପିବା ଭୟରେ ଏହି ନିରାମୟ କେନ୍ଦ୍ରକୁ ବନ୍ଦ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅମିତା ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବାର ଜଣା ପଡିଛି । ସୂଚନା ଯୋଗ୍ୟ ଯେ, ୨ ଦିନ ତଳେ ଏହି ନିରାମୟ କେନ୍ଦ୍ରର ଜଣେ ଫାର୍ମାସିଷ୍ଟ ଙ୍କ ନିକଟରେ କରୋନା ଲକ୍ଷ୍ୟଣ ଦେଖାଯିବା ପରେ ତାଙ୍କ ସ୍ୱାବ୍ ପରୀକ୍ଷା ହୋଇଥିଲା । ଏହି ସ୍ୱାବ୍ ପରୀକ୍ଷାରେ ପଜିଟିଭ ଆସିବାରୁ ତାଙ୍କୁ ଚିକିତ୍ସା ପାଇଁ ଛତାସ୍ଥିତ କୋଭିଡ ହସପିଟାଲକୁ ପଠା ଯାଇଥିଲା । ତେବେ ଏହାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂପୂର୍ଣ୍ଣ ଭାବେ ସାନିଟାଇଜ କରାଯାଇଥିଲା । ଏଥି ସହିତ ସିଡିଏମଓ ଶ୍ରୀମତୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଠାରୁ ସଂକ୍ରମଣ ଭୟରେ ନିରାମୟ କେନ୍ଦ୍ରଟିକୁ ବନ୍ଦ ରଖାଯାଇଛି । ଅପର ପକ୍ଷରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସିତ ହେବାକୁ ଅସୁଥିବା ରୋଗୀ ମାନେ ନିରାମୟ କେନ୍ଦ୍ରରୁ ଔଷଧ ନପାଇ ନାହିଁ ନଥିବା ଅସୁବିଧା ଭୋଗିବା ସହ ଅଯଥା ଖର୍ଚ୍ଚାନ୍ତ ହୋଇଛନ୍ତି ।

## ୩ ଥର ଲଗାତାର ଭାବରେ ଏନକାଉଣ୍ଟରେ ୭ ମାଓବାଦୀ ମୃତ

**ପୋଲସ ଇନର୍ଫମର ସନ୍ଦେହରେ ଆଖପାଖ ଅଂଚଳର ଲୋକଙ୍କୁ ମାଓବାଦୀଙ୍କର ତୀକ୍ଷ୍ଣ ନଜର**

କନ୍ଧମାଳ,୨୭।୭ (ନି.ପ୍ର): କନ୍ଧମାଳ ଜିଲ୍ଲାକୁ ମାଓମୁକ୍ତ କରିବାକୁ ଦୃଢ ପଦକ୍ଷେପ ନେଉଛି ପୋଲିସ । ଜୁଲାଇ ମାସରେ ତିନି ତିନିଥର ଏନକାଉଣ୍ଟର କରି ୭ ମାଓବାଦୀଙ୍କୁ ମାରିବାରେ ସଫଳ ହୋଇଛି । ତା'ସହ ମାଓକ୍ୟାମ୍ପ ମଧ ଧ୍ୱସ୍ତ କରିବା ସହ ବହୁ ବନ୍ଧୁକ, ଗୁଳିଗୋଳା ସହ ଅନେକ ମାଓ ସାମଗ୍ରୀ ମଧ ଜବତ କରିଛି ପୋଲିସ । ଏନକାଉଂଟରରେ ଜଣେ ବି ପୋଲିସ କିମ୍ବା ସୁରକ୍ଷାକର୍ମୀ ଆହତ ହୋଇନଥିବା ବେଳେ ୭ ଦୁର୍ଦ୍ଧର୍ଷ ମାଓବାଦୀଙ୍କୁ ମାରି ଗଡାଇବାରେ ସଫଳ ହୋଇଛି ପୋଲିସ । ଫଳରେ ମାଓବାଦୀ ମାନେ ଏବେ ରକ୍ତମୁଖା ହୋଇ ଗ୍ରାମବାସୀଙ୍କୁ ଧମକ ଚମକ ଦେବା ଆରମ୍ଭ କରିଛନ୍ତି । ଗ୍ରାମବାସୀ ମାନେ ପୋଲିସକୁ ଗୁପ୍ତ ସୂଚନା ଦେଉଥିବା ସେମାନେ ସନ୍ଦେହ କରୁଛନ୍ତି । କିଏ ପୋଲିସକୁ ଖବର ଦେଉଛି ତାର ଛାନଭିନ୍ କରୁଛନ୍ତି ମାଓବାଦୀ ମାନେ । ଆଉ ତାକୁ ମୃତ୍ୟୁଦଣ୍ଡ ଦେବାଲାଗି ସତର୍କ ମଧ କରାଇଛନ୍ତି । ସେହିପରି ସୁରକ୍ଷା କର୍ମୀ, ପୋଲିସକୁ ବି ଏବେ ଟାରଗେଟ୍ କରିଛନ୍ତି । ଆଗକୁ ମାଓବାଦୀଙ୍କ ସହୀଦ ସପ୍ତାହ ମଧ ରହିଛି । ଏହି ସମୟ ମଧରେ ମାଓବାଦୀ ମାନେ ପୋଲିସକୁ ଜବାବ ଦେବାଲାଗି ଯୋଜନା କରୁଛନ୍ତି । ଗତ ୨୦ ଦିନ ମଧରେ ୩ଟି ଏନକାଉଂଟରରେ ୭ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା । ଯାହାକି ତାଙ୍କୁ ବ୍ୟଥିତ କରିଛି । ଏହାକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି ମାଓବାଦୀ ମାନେ । ଏଣୁ, ଆଗକୁ ପୋଲିସ ଓ ସୁରକ୍ଷାକର୍ମୀ ମାନେ ସତର୍କତାର ସହ କାର୍ଯ୍ୟ ନକଲେ ହୁଏତ ଅସୁବିଧାରେ ପଡିପାରନ୍ତି । ଏଥିପ୍ରତି ପୋଲିସ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି ।

## କର୍ତ୍ତବ୍ୟରେ ଅବହେଳା କାରଣରୁ ତହସିଲଦାର ନିଲମ୍ବିତ

ବାରିପଦା,୨୭।୭ (ନି.ପ୍ର): ମୟୂରଭଂଜ ଜିଲ୍ଲା ବେତନଟୀ ତହସିଲ କାର୍ଯ୍ୟାଳୟରେ ଓଏଏସ ଅଧିକାରୀ ଅନିଶା ଦାସଙ୍କୁ ନିଲମ୍ବିତ କରିଛନ୍ତି ରାଜ୍ୟ ସରକାର । କାର୍ଯ୍ୟରେ ଅବହେଳା ଅଭିଯୋଗ ପରେ ତାଙ୍କୁ ନିଲମ୍ବିତ କରାଯାଇଥିବାର ଜଣାପଡ଼ିଛି । ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅନିଶା ଦାସ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ । ଏହି ସମୟରେ ତାଙ୍କ ନାମରେ ବଟି ଆଦାୟ ମାମଲା ପରେ ତାଙ୍କୁ କଳାହାଣ୍ଡି ଡେପୁଟୀ କଲେକ୍ଟର ଭାବେ ବଦଳି କରାଯାଇଥିଲା ଏବଂ ଆଜି କାର୍ଯ୍ୟରୁ ନିଲମ୍ବିତ ହେଲେ ।

## ବେକରେ ଫାଶି ଲଗାଇ ଯୁବକର ଆତ୍ମହତ୍ୟା

ଧର୍ମଶାଳା,୨୭।୭ (ନି.ପ୍ର): ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଅନ୍ତର୍ଗତ ସ୍ୱାଇଁଖଣ୍ଡ ପଂଚାୟତସ୍ଥ କାଣ୍ଡିସାହି ଗ୍ରାମର ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ମୃତ ଯୁବକ ଜଣକ ହେଲେ ଏହି ଗ୍ରାମର ସ୍ୱର୍ଗତ ଅଲେଖ ସାହୁଙ୍କ ପୁଅ ବିଚିତ୍ରାନନ୍ଦ(୪୦) ବୋଲି ଜଣାପଡିଛି । ଅଭିଯୋଗ ପାଇ ବରୀ-ରାମଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହିତ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଜିଲା ଚିକିତ୍ସାଳୟକୁ ପଠାଇ ଦେଇଥିବା ଜଣାପଡିଛି । ଅଭିଯୋଗ ମୁତାବକ ୨୫ ତାରିଖ ରାତିରେ ବିଚିତ୍ରାନନ୍ଦ ଘରୁ ନିଖୋଜ ହୋଇଯାଇଥିଲେ । ଆଜି ଭୋରୁ ବିଚିତ୍ରାନନ୍ଦଙ୍କ ପତ୍ନୀ ଏନେଇ ଭାଇ ମନୋଜ ସାହୁଙ୍କୁ ଜଣାଇଥିଲେ । ମନୋଜ ଭଉଣୀ ଘରେ ପହଂଚି ବହୁ ଖୋଜାଖୋଜି ପରେ ଘରର ପଛ ପଟେ ଏକ ଜନ୍ଦାଖାଇ ଗଛରେ ବୋକରେ ଫାଶି ଲଗାଇ ଦେଇଥିବା ଦେଖିବାକୁ ପାଇଥିଲେ । ଏହି ଘଟଣାକୁ ନେଇ ବରୀ-ରାମଚନ୍ଦ୍ରପୁର ଥାନାରେ ମନୋଜ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ଘଟଣାର ତଦନ୍ତ କରି କେସ୍ ନଂ ୨୦।୨୦ରେ ଏକ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି । ବିଚିତ୍ରାନନ୍ଦ ଗାଁଗାଁ ବୁଲି ମୁଢି ବେପାର କରେ । ସମ୍ପ୍ରତି କରୋନା ଲକ୍ ଡାଉନକୁ ନେଇ ବ୍ୟବସାୟ ଏକରକମର ବନ୍ଦ ହୋଇଯାଇଥିଲା ।

## ଘର ଘର ବୁଲି ଚାଲିଛି କୋଭିଡ୍ ଚେକିଂ

ଜୟପୁର,୨୭।୭ (ନି.ପ୍ର): ଜୟପୁର ସହରରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଖ୍ୟା ବଢି ଚାଲିଛି । ଜୟପୁର ସହରରେ ବର୍ତ୍ତମାନ ୭୮ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଆଶା, ଅଙ୍ଗନବାଡୀ, ଶିକ୍ଷୟତ୍ରୀଙ୍କୁ ନେଇ ୯୮ଟି ଟିମ୍ ଗଠନ କରାଯାଇ ଘର ଘର ବୁଲି କୋଭିଡ୍ ଲକ୍ଷଣ ନେଇ ଚେକିଂ ଚାଲିଛି । ଏନେଇ ପ୍ରଶାସନ ତରଫରୁ ଘର ଘର ବୁଲି ସର୍ଭେ ସହିତ କୋଭିଡ ଚେକିଂ କରାଯାଉଛି । ଯାହାର ଲକ୍ଷଣ ଥିବ ସେମାନଙ୍କୁ କୋଭିଡ କେୟାରରେ ରଖି ଚିକିତ୍ସା କରାଯିବାକୁ ସ୍ଥିର ହୋଇଛି । ସମସ୍ତଙ୍କୁ ଘରେ ରହିବା କୁ ପରାମର୍ଶ ଦିଆଯାଇଥିବା ବେଳେ ଘର ଘର ବୁଲି ପ୍ରଶାସନ ତରଫରୁ ସମସ୍ତଙ୍କର କୋଭିଡ୍ ଯାଂଚ୍ କରାଯାଉଛି । ଏନେଇ ୯୮ଟି ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ ଟିମ୍ ରେ ଶିକ୍ଷୟତ୍ରୀ, ଅଙ୍ଗନବାଡୀ, ଆଶାଙ୍କୁ ନିୟୋଜିତ କରାଯାଇଛି । ଏହି ଟିମ୍ କୁ ତଦାରଖ କରିବା ପାଇଁ ୧୪ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ପୌରାଂଚଳର ୨୮ଟି ୱାର୍ଡରେ ୧୯ ହଜାରରୁ ଅଧିକ ଘରେ ସର୍ଭେ କରାଯିବ । ଯାହାର ଲକ୍ଷଣ ଥିବା ତାକୁ କୋଭିଡ୍ କେୟାରରେ ରଖାଯାଇ ସ୍ୱାବ୍ ପରୀକ୍ଷା କରାଯାଇ ଚିହ୍ନଟ କରାଯିବ । ଥଣ୍ଡା ଜ୍ୱରକୁ ନ ଲୁଚାଇ ଟିମ ଆଗରେ ସତ୍ୟ କଥା କହିବାକୁ ଜିଲାପାଳ ମଧୁ ସୁଦନ ମିଶ୍ର ଜୟପୁର ବାସିଙ୍କୁ ଅନୁରୋଧ କରିଛନ୍ତି ।

## ଡିଷ୍ଟ୍ରିବ୍ୟୁଟରୀ କେନାଲ ନିର୍ମାଣ କରି ଜମିକୁ ପାଣି ଆଣିଲେ ଜେଏମଏମ ଯୁବମୋର୍ଚ୍ଚା କର୍ମୀ



ବାରିପଦା,୨୭।୭ (ନି.ପ୍ର): ପଡୋଶୀ ରାଜ୍ୟ ଝାଡଖଣ୍ଡର ଗାଲୁଡିହା ବ୍ୟାରେଜ ଦେଇ ପ୍ରବାହିତ ହେଉଥିବା ସୁବର୍ଣ୍ଣରେଖା ନଦୀରୁ କେନାଲ ସହାୟତାରେ ପାଣି ଆଣି ମୟୂରଭଞ୍ଜ ଜିଲ୍ଲାର ହଳଦିଆ ଓ ଜମ୍ବୀରା ବନ୍ଧରେ ଗଚ୍ଛିତ ରଖାଯିବା ଏବଂ କେନାଲ ମାଧ୍ୟମରେ ମୟୂରଭ ଓ ବାଲେଶ୍ୱର ଜିଲ୍ଲାର ୧ ଲକ୍ଷ ୯ ହଜାର ୬୨୭ ହେକ୍ଟର ଜମିକୁ ପାଣି ଯୋଗାଇଦେବା ପାଇଁ ଯୋଜନା କରାଯାଇଥିଲା । ହେଲେ ପ୍ରକଳ୍ପ କାର୍ଯ୍ୟ ଏବେ ବି ଅଧୁରା ରହିଛି । ଚଳିତ ବର୍ଷ ବର୍ଷା ଅଭାବରୁ କୁଳିଅଣା ବ୍ଲକର ଜମିରେ ଚାଷ ପାଇଁ କନାଲରେ ପାଣି ଛଡା ଯାଇଛି । କିନ୍ତୁ ନିର୍ମାଣ ହୋଇଥିବା ଶାଖା କେନାଲ ମଧ୍ୟରୁ କିଛି କିଛି ନଷ୍ଟ ହୋଇ ମରାମତି କାର୍ଯ୍ୟରେ ମଧ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇ ଚାଲିଛି । ହେଲେ ପ୍ରକଳ୍ପ କାର୍ଯ୍ୟ ଏବେ ବି ଅଧୁରା ରହିଛି । ଡିଷ୍ଟ୍ରିବ୍ୟୁଟାରୀ କେନାଲ ଗୁଡ଼ିକ କଥା ନ କହିବା ଭଲ । ଏହିଭଳି ସ୍ଥିତିରେ ଚାଷ ଜମିକୁ ଜଳସେଚନ ନିମନ୍ତେ ଜେଏମ୍ଏମ୍ ଯୁବମୋର୍ଚ୍ଚାର ଯୁବନେତା ଅର୍ଜୁନ ମୁର୍ମୁ ଚିନ୍ତା କରି ତାହାକୁ କାର୍ଯ୍ୟରେ ପ୍ରମାଣିତ କରିଛନ୍ତି । କୁଳିଅଣା ବ୍ଲକ ଅନ୍ତର୍ଗତ କୁଆବୁଢ଼ା ଗ୍ରାମପଂଚାୟତର ଗାଡୁଭଙ୍ଗା ଗ୍ରାମରେ ଜେଏମଏମ ଯୁବମୋର୍ଚ୍ଚାର ଯୁବନେତାଙ୍କ ସହ ୨ ଦିନ ଅକ୍ଲାନ୍ତ ପରିଶ୍ରମ କରି ସାଢେ ନଅଶହ ମିଟର ଦୂରବିଶିଷ୍ଟ ୧୧ ଗୋଟି ଡିଷ୍ଟ୍ରିବ୍ୟୁଟାରୀ ଛୋଟ ଡ୍ରେନ କେନାଲ ନିର୍ମାଣ କରି ଉକ୍ତ ଅଂଳର ଚାଷୀମାନଙ୍କୁ ସାହାର୍ଯ୍ୟ କରିଛନ୍ତି । ଅର୍ଜୁନ ମୁର୍ମୁଙ୍କ ଏପରି କାର୍ଯ୍ୟକୁ ନେଇ ସ୍ଥାନୀୟ ଅଂଳରେ ପ୍ରଶଂସା କରାଯାଉଛି । ଏହି ନିର୍ମାଣ କାର୍ଯ୍ୟରେ ଜେଏମଏମ ଯୁବମୋର୍ଚ୍ଚାର ପୃଥ୍ୱୀରାଜ ହାଁସଦାଃ, ଅର୍ଜୁନ ମୁର୍ମୁ, ଚୈତନ ସୋରେନ, ପୂର୍ଣ୍ଣ ମୁର୍ମୁ, ଅବିନାଶ ମୁର୍ମୁ, ଚନ୍ଦ୍ର ଟୁଡୁ, ଖକନ ଟୁଡୁ, ବାବନ ମୁର୍ମୁ, ଖଇରୁ ମୁର୍ମୁ, ପନଃ ମୁର୍ମୁ, ବୁଧିରାୟ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ ।

## ସାମ୍ବାଦିକଙ୍କ ସମସ୍ୟା ଓ ସୁରକ୍ଷା ପାଇଁ କାର୍ଯ୍ୟ କରିବ ୟୁପିଜେଏ

ଭଦ୍ରକ, ୨୭/୭ (ହି.ସ.) - ସାମ୍ବାଦିକମାନଙ୍କ ସମସ୍ୟାକୁ ସରକାର ଓ ପ୍ରଶାସନ ପାଖରେ ଉପସ୍ଥାପନ କରିବା ସହ ସେମାନଙ୍କ ସୁରକ୍ଷା ପାଇଁ ଏକ ନୂଆ ସାମ୍ବାଦିକ ସଂଘ ଗଠନ କରାଯାଇଛି । କେବଳ ସେତିକି ନୁହେଁ ଜିଲ୍ଲାର ସାମଗ୍ରିକ ଉନ୍ନତି ଦିଗରେ କାମ କରିବା ସହ ଜହିତକର କାର୍ଯ୍ୟ କରିବାକୁ ସଂଘ ଲକ୍ଷ୍ୟଧାର୍ଯ୍ୟ କରିଛି । ତେଣୁ ଏହି ଉପଲକ୍ଷେ ସାଳନ୍ଦୀ ଜଳସେଚନ ଡାକବଙ୍ଗଳା ଠାରେ ସାମ୍ବାଦିକ ନରେନ୍ଦ୍ର ସାମଲଙ୍କ ଆବାହକତ୍ୱରେ ଏକ ବୈଠକ ବସିଥିଲା । ଏଥିରେ ସର୍ବ ସମ୍ମତ ନିଷ୍ପତିକ୍ରମେ 'ୟୁନାଇଟେଡ ପ୍ରୋଗ୍ରେସିଭ୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ' (ୟୁପିଜେଏ) ନାମକ ଏକ ନୂଆ ସଂଗଠନ ଭଦ୍ରକ ଜିଲ୍ଲାର କାର୍ଯ୍ୟରତ ଜିଲ୍ଲାସ୍ତରୀୟ ସାମ୍ବାଦିକମାନଙ୍କୁ ନେଇ ଗଠନ ହୋଇଛି । ଏଥିରେ ଉଭୟ ପ୍ରିଂଟ ଓ ଇଲେକ୍ଟ୍ରୋନିକ୍ସ ମିଡିଆର କାର୍ଯ୍ୟରତ ସାମ୍ବାଦିକମାନେ ରହିଛନ୍ତି । ଭଦ୍ରକ ଏକ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପାଇବାର ୨୬ ବର୍ଷ ବିତି ଯାଇଥିଲେ ମଧ ଜିଲ୍ଲା ସଦର ମହକୁମାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ଗୋଟିଏ ପ୍ରେସ୍‌ରୁମ୍ ନାହିଁ । ଫଳରେ ସାମ୍ବାଦିକମାନେ ବିଭିନ୍ନ ସମୟରେ ଏଣେତେଣେ ବସି ବୈଠକ କରିବାକୁ ବାଧ ହେଉଛନ୍ତି । ଏପରିକି ସରକାର ଓ ପ୍ରଶାସନର ସମସ୍ତ କାର୍ଯ୍ୟ ଓ ଯୋଜନାକୁ ଲୋକଙ୍କୁ ଜଣାଇବାକୁ ଅବହେଳା ଆଜି ପର୍ଯ୍ୟନ୍ତ କରି ନାହାନ୍ତି । କିନ୍ତୁ ଅନ୍ୟାନ୍ୟ ଜିଲ୍ଲାରେ ଜିଲ୍ଲା ସଦର ମହକୁମା ସାମ୍ବାଦିକମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ କେଉଁଠି ସୂଚନା ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପାଖରେ ତ କେଉଁଠି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଘର ସାମ୍ବାଦିକମାନଙ୍କ ପାଇଁ ଯୋଗାଇ ଦିଆ ଯାଇଛି । କିନ୍ତୁ ଭଦ୍ରକ ଜିଲ୍ଲାରେ ତାହା ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ । ଏପରିକି ପୂର୍ବତନ ଜିଲ୍ଲାପାଳ ଲକ୍ଷ୍ମୀନାରାୟଣ ମିଶ୍ର ସାମ୍ବାଦିକମାନଙ୍କ ସମସ୍ୟାକୁ ଦେଖି ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଘର ଦେବାକୁ ଆଦେଶନାମା କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ସାମ୍ବାଦିକମାନେ କ୍ଷୋଭ ପ୍ରକାଶ କରିଥିଲେ । ତେଣୁ ଏବର ଜିଲ୍ଲାପାଳ ଡ. ଜ୍ଞାନ ଦାସ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ନୂଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକମାନଙ୍କ ପାଇଁ ଏକ ଘର ଯୋଗାଇ ଦେବାକୁ ସର୍ବ ସମ୍ମତ ଭାବେ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇବାକୁ ସ୍ଥିର କରାଯାଇଛି । ପରବର୍ତ୍ତୀ ବୈଠକରେ କର୍ମକର୍ତ୍ତା ନିର୍ବାଚନ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବାକୁ ସ୍ଥିର ହୋଇଛି । ଏହି ବୈଠକରେ ସାମ୍ବାଦିକ ଭଜଗୋବିନ୍ଦ ଜେନା, ପ୍ରମୋଦ ରାୟ, ଅତିଶ ବେହେରା, ଶ୍ରୀକାନ୍ତ ତ୍ରିପାଠୀ, ତପନ କୁମାର ମିଶ୍ର, ଶୈଳେନ୍ଦ୍ର ପଲେଇ, ତପନ ସ୍ୱାଇଁ, ଉମାକଲ୍ୟାଣ ମହାପାତ୍ର, ଶାନ୍ତନୁ ପଣ୍ଡା, ଜ୍ଞାନ ପ୍ରକାଶ ପାଣି, ପାର୍ଥସାରଥୀ ନାୟକ, ଦେବାଶିଷ ମହାପାତ୍ର, ଜଗବନ୍ଧୁ ବେହେରା, ବିଭୁ ପ୍ରସାଦ ବେହେରା, ପ୍ରିୟଦର୍ଶନ ବୋଇତି, ଅବିନାଶ ପଣ୍ଡା, ଶିବାନନ୍ଦ ଦାସ, ସୌମ୍ୟ ରଂଜନ ପାଢୀ, ଅଜୟ ପଣ୍ଡା, ରାଜେଶ ଦାସ, ନାରାୟଣ ବାରିକ, ରମେଶ ପାଗଳ, ଚିନ୍ମୟ ମାଝୀ, ଦିପ୍ତୀ ରଂଜନ ସାହୁ, ଲାଲା ପ୍ରମୋଦ ରାୟ, ପ୍ରମୁଖ ଯୋଗ ଦେଇଥିଲେ । ଯେଉଁ ସାମ୍ବାଦିକମାନେ ଉକ୍ତ ବୈଠକରେ ଯୋଗ ଦେଇ ପାରି ନଥିଲେ, ସେମାନେ ପରବର୍ତ୍ତୀ ବୈଠକରେ ଯୋଗଦେବେ ବୋଲି ମତ ପ୍ରକାଶ କରିଛନ୍ତି ।

# କୋରାପୁଟ ନାବାଳିକା ପୀଡିତାଙ୍କୁ ନ୍ୟାୟ ଦାବିରେ ଏସ.ପି ଅଫିସ ଆଗରେ ଧାରଣା ଦେବ ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୨୭।୭ (ନି.ପ୍ର): କୋରାପୁଟ ନବାଳିକା ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ବିନା କୌଣସି ଚାପରେ ପୋଲିସ ନିରପେକ୍ଷ ଭାବେ ତଦନ୍ତ କରି ସଠିକ୍ ଓ ନିର୍ଭୁଲ ଶବବ୍ୟବଚ୍ଛେଦ ରିପୋର୍ଟକୁ ସାର୍ବଜନୀନନ କରୁ। ଏ ଘଟଣାରେ ସଂପୃକ୍ତ ଥିବା ଅପରାଧୀଙ୍କୁ ଏସସି ଏସଟି ଏଟ୍ରୋସିଟି ଏବଂ ପୋକସୋ ଆକ୍ଟ ଲଗାଇ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଜିଲ୍ଲା ପ୍ରଶାସନ ପୀଡିତା ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଅନ୍ତୁ । ଆଗାମୀ ଦିନରେ ପୀଡିତାକୁ ନ୍ୟାୟ ନମିଳିଲେ ମହିଳାମୋର୍ଚ୍ଚା ପକ୍ଷରୁ ଏସ.ପି ଅଫିସ ଆଗରେ ଧାରଣା ଦିଆଯିବ ବୋଲି ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ଚେତାବନୀ ଦେଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଆଦିବାସୀ ମହିଳାଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲାରେ ସବୁ ଥାନାରେ ମହିଳା ଓ ଶିଶୁ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଉ ଏବଂ ମହିଳା ସୁରକ୍ଷା ଦିଗରେ ଯଦି ମୁଖ୍ୟମନ୍ତ୍ରୀ ସମ୍ବେଦନହୀନ ରହିବେ ତେବେ ଆଗକୁ ମହିଳା ମୋର୍ଚ୍ଚା ପକ୍ଷରୁ ତୀବ୍ର ଆନ୍ଦୋଳନ ହେବ। ଜୁଲାଇ୨୦ ତାରିଖରେ କିଛି ଦୁର୍ବୃତ୍ତ କୋରାପୁଟ ଜିଲ୍ଲା କୋଟପାଡ ବ୍ଲକ ଚିତ୍ରା ପଂଚାୟତ ବାଗଚୁଆଁ ଗାଁର ଜଣେ ଆଦିବାସୀ ନାବାଳିକା ସହ ଗଣଦୁଷ୍କର୍ମ କରି ହତ୍ୟା କରି ପରେ ତାଙ୍କୁ ଏକ ତେନ୍ତୁଳି ଗଛରେ ଓହଲାଇ ଦେଇଥିଲେ । ମୃତା ନାବାଳିକାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ଜାଗାରେ କ୍ଷତ ଚିହ୍ନ ଥିବା ସହ ତାର ଆଭ୍ୟନ୍ତରୀଣ ଅଙ୍ଗରୁ ରକ୍ତ ବାହରୁଥିବାର ଦୃଶ୍ୟ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପୋଲିସ ଦେଖିବାକୁ ପାଇଥିଲା । ଏହା ସତ୍ତ୍ୱେ ଶାସକ ଦଳ ଓ ପୋଲିସର ଚାପରେ ଡାକ୍ତର ବାବୁ ଶବବ୍ୟବଚ୍ଛେଦ ରିପୋର୍ଟରେ ଏହି ଘଟଣାକୁ ଆତ୍ମହତ୍ୟା ଦର୍ଶାଇଲେ । ଏହା ହେଉଛି ନବୀନ ବାବୁଙ୍କ ଶାସନରେ ମା' ମାନଙ୍କୁ ସମ୍ମାନ ଦେବାର ଜ୍ୱଳନ୍ତ ଉଦାହରଣ ବୋଲି ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି । କରୋନା ମହାମାରୀ ସମୟରେ ରାଜ୍ୟରେ ମହିଳାଙ୍କ ପ୍ରତି ଦୁଷ୍କର୍ମ ଓ ଅସଦାଚାରଣ ବଢିବାରେ ଲାଗିଛି । କୋରାପୁଟ ଆଦିବାସୀ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଶାସକ ଦଳ, ପୋଲିସ, ଜିଲ୍ଲା ପ୍ରଶାସନ ଏବଂ ସରକାରୀ ଡାକ୍ତରଙ୍କ ଭିତିରି ବୁଝାମଣାରେ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ଆତ୍ମହତ୍ୟାର ରୂପ ଦିଆଯାଇଛି । ପୂର୍ବରୁ କୁନ୍ଦୁଲୀ ପୀଡିତା ଜଣକ ନିଜ ସହ ଦୁଷ୍କର୍ମ ହେବା ଘଟଣା କହିବା ପରେ ବି ପୋଲିସ ଏହାକୁ ନଶୁଣି ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରି କିଛି ନହୋଇଥିବା ବୋଲି ଦର୍ଶାଇଥିଲା । ଠିକ୍ ସେହିପରି ସମାନ ଢଙ୍ଗରେ ପୋଲିସ ଏବଂ ଡାକ୍ତର ଏଭଳି ଅଭାବନୀୟ ଘଟଣାକୁ ଚପେଇ ଦେବା ପାଇଁ ଏକ ମିଛ ରିପୋର୍ଟ ପ୍ରସ୍ତୁତ କରି ଅପରାଧୀମାନଙ୍କୁ ଅପରାଧ କରିବା ପାଇଁ ପୂରା ସ୍ୱାଧୀନତା ଦେଇଛନ୍ତି ବୋଲି ଶ୍ରୀମତୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

## ଅଭିନେତ୍ରୀ ଦୀପା ସାହୁଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୨୭।୭ (ନି.ପ୍ର): ଓଡିଆ ଅଭିନେତ୍ରୀ ଦୀପା ସାହୁଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତାଃ ଆତ୍ମାର ସଦଗତି କାମନା କରିଛନ୍ତି । ସ୍ୱର୍ଗତାଃ ସାହୁ ଜଣେ ଦକ୍ଷ କଳାକାର ଏବଂ ନୃତ୍ୟ ଶିଳ୍ପୀ ଭାବେ ବେଶ ଜଣାଶୁଣା ଥିଲେ । ସେ ଶତାଧିକ ଆଲବମ ଓ ଭଜନ ଗୀତରେ ଅଭିନୟ କରି ଓଡିଶାରେ ଘରେ ଘରେ ପରିଚିତ ଥିଲେ । ସେ ଚଳଚ୍ଚିତ୍ର ଓ ଅନେକ ଟେଲି ଧାରାବାହିକରେ କାମ କରିଥିଲେ । ଓଡିଆ ଆଲବମ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ।

# ମାଲକାନଗିରିରେ କୋଭିଡ ପରିଚାଳନା ଓ ପ୍ଲାଜମା ଦାନ ସମ୍ପର୍କରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ବୈଠକ

ଭୁବନେଶ୍ୱର,୨୭।୭ (ନି.ପ୍ର): ମାଲକାନଗିରି ଜିଲ୍ଲାର କୋଭିଡ-୧୯ ପରିଚାଳନା ଓ ପ୍ଲାଜମା ଦାନ କାର୍ଯ୍ୟକ୍ରମର ଦାୟିତ୍ୱ ଗ୍ରହଣ ପରେ ଆଜି ଇଲେକ୍ଟ୍ରୋନିସ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ କ୍ରୀଡା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଭିଡିଓ କନଫରେନ୍ସ ଯୋଗେ ମାଲକାନଗିରି ଜିଲ୍ଲାର ଜିଲ୍ଲାପାଳ, ଏହି ଜିଲ୍ଲା ଅଧୀନରେ ଥିବା ବ୍ଲକ ପ୍ରଶାସନ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଓକାକ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ ବର୍ତ୍ତମାନର କୋଭିଡ-୧୯ ପରିଚାଳନା ସ୍ଥିତି, କରୋନା ମହାମାରୀ ଏବଂ ପ୍ଲାଜମା ଦାନ ସମ୍ପର୍କିତ ଜନ ସଚେତନତା କାର୍ଯ୍ୟକ୍ରମ, କୋଭିଡ-୧୯ ରୁ ଆରୋଗ୍ୟ ଲାଭ କରିଥିବା ରୋଗୀଙ୍କ ବ୍ଲକୱାରି ସବିଶେଷ ବିବରଣୀ, ଆଗାମୀ ଦିନରେ ଆସିବାକୁ ଥିବା ସମ୍ଭାବ୍ୟ ପରିସ୍ଥିତି ଓ ଆହ୍ୱାନ, ପ୍ଲାଜମା ଦାନ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଯୋଜନା ପ୍ରସ୍ତୁତି ସହ ଅନ୍ୟାନ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାର ସମସ୍ତ ଡାକ୍ତର, ନର୍ସ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି, ଆଶା କର୍ମୀ, ପୋଲିସ ଓ ସରକାରୀ କର୍ମଚାରୀଙ୍କ ଉଦ୍ୟମ ବଳରେ ଜିଲ୍ଲାର ସଂକ୍ରମଣ ହାରକୁ ଯଥେଷ୍ଟ କମ କରିବାରେ ଆମେ ସକ୍ଷମ ହୋଇ ପାରିଛୁ ବୋଲି ମନ୍ତ୍ରୀ କହିଥିଲେ । ଏହା ସହ ଆଗାମୀ ଦିନରେ କୋଭିଡ- ୧୯ ମହାମାରୀ ବିରୋଧରେ ଚାଲିଥିବା ଏହି ଯୁଦ୍ଧରେ ବିଜୟୀ ହେବା ସହ ମୁଖ୍ୟମନ୍ତ୍ରୀ କୋଭିଡ ମୁକାବିଲା ନେଇ ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହାକୁ ସଫଳ କରିବା ପାଇଁ ସମସ୍ତଙ୍କ ନିଷ୍ଠାପର ଉଦ୍ୟମ ନିହାତି ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲା ଓ ବ୍ଲକ ଅଧିକାରୀମାନଙ୍କୁ କହିଥିଲେ । କରୋନାରୁ ମୁକ୍ତ ହୋଇଥିବା ସୁସ୍ଥ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରି ପ୍ଲାଜମା ସଂଗ୍ରହ ପାଇଁ ରକ୍ତଦାନ କରିବାକୁ ଉତ୍ସାହିତ କରିବା ପାଇଁ ବ୍ଲକ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ନିକଟ ଭବିଷ୍ୟତରେ ମନ୍ତ୍ରୀ ଶ୍ରୀ ବେହେରା ମାଲକାନଗିରି ଗସ୍ତରେ ଯାଇ କରୋନା ଯୁଦ୍ଧରେ ବିଜୟୀ ହୋଇଥିବା ବ୍ୟକ୍ତିଙ୍କୁ ପ୍ଲାଜମା ଦାନ ପାଇଁ ଉତ୍ସାହିତ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଭିଡ଼ିଓ କନଫରେନ୍ସ ବୈଠକରେ ମାଲକାନଗିରି ଜିଲ୍ଲାପାଳ ମନୀଷ ଅଗ୍ରୱାଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଋଷିକେଶ ଦ୍ୟାନ ଦେଓ ଖିଲାରୀ, ସିଡିଏମଓ., ଜିଲ୍ଲାର ସମସ୍ତ ତହସିଲଦାର, ସମସ୍ତ ବିଡିଓ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଛତିଶଗଡ଼ରେ କରୋନାରେ ମୃତ୍ୟୁ ସଂଖ୍ୟା ୪୩, ସଂକ୍ରମିତଙ୍କ ସଂଖ୍ୟା ୭୬୧୩

ରାୟପୁର,୨୭।୭ (ନି.ପ୍ର): ଛତିଶଗଡ଼ରେ ଲକଡାଉନର ଅବଧି ଶେଷ ହେବା ପରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଛି । ଗତ ୨୪ଘଂଟାରେ କରୋନାରେ ୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪୩୧ ନୂଆ ସଂକ୍ରମିତ ରୋଗୀ ମିଳିଛନ୍ତି । ଏଥି ସହିତ ପ୍ରଦେଶରେ କରୋନାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୬୧୩ ରେ ପହଂଚିଛି । ଏଥିମଧ୍ୟରୁ ୪୯୪୪ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୨୬୨୬ ରୋଗୀ ସକ୍ରିୟ ଅଛନ୍ତି । ଗତ ୨୪ ଘଂଟାରେ କରୋନାରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ନୟାପାରା ରାୟପୁରର ୪୦ ବର୍ଷୀୟ ମହିଳା, ବଲୋଦା ବାଜାର ଭିଲାଇଗଡ଼ର ୩୮ ବର୍ଷର ମହିଳା, ଜିଲ୍ଲା ସୁରଜପୁରାର ୨୦ ବର୍ଷୀୟ ଯୁବକ ଏବଂ ଦୁର୍ଗର ୪୨ ବର୍ଷିୟ ବ୍ୟକ୍ତି ସାମିଲ ଅଛନ୍ତି । ଗତ ୨୪ ଘଂଟାରେ ରାୟପୁରରେ ସର୍ବାଧିକ ୧୯୯, ଦୁର୍ଗରେ ୮୪, ବିଳାସପୁରରେ ୨୨, ବସ୍ତରରେ ୨୧, ବଲୌଦା ବଜାର ଏବଂ ରାଜନାନ୍ଦଗ୍ରାମରେ ୧୯-୧୯, ଦନ୍ତେୱାଡ଼ା ଏବଂ ବୀଜାପୁରରେ ୧୧-୧୧ , ସୁକମା ଜିଲ୍ଲାରେ ୯, ରାୟଗଡ଼ରେ ୭, କାଂକୋର ଏବଂ ଜାଂଜଗୀରରେ ୬-୬, ମୁଙ୍ଗେଲି, ବେମେତରା, କବୀରଧାମ ଏବଂ ବାଲୋଦରେ ୩, ୩, ସୁରଜପୁର ରେ ଦୁଇ ତଥା ମହାସମୁନ୍ଦ, ସରଗୁଜା, କୋରିୟା, ଘମତରୀ ଏବଂ କୋରୱାରୁ ୧ ନୂଆ ରୋଗୀ ମିଳିଛନ୍ତି ।ସିନ୍ଧିଓର ପବିତ୍ର ତୀର୍ଥ ଶଦାଣୀ ଦରବାରରେ ସନ୍ଥ ସହିତ ୫୫ ରୁ ଅଧିକ କରୋନା ସଂକ୍ରମିତ ମିଳିଛନ୍ତି । ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ପ୍ରବକ୍ତା ସହିତ ୨ ଜଣ ସ୍ୱାସ୍ଥ୍ୟ କର୍ମୀ, ଏମ୍ସର ଦୁଇଜଣ ଗାର୍ଡ଼, ବେସରକାରୀ ହସ୍ପିଟାଲର ଡାକ୍ତର ଓ ନର୍ସ, ଏକ ପ୍ଲାଟୁନ କମାଣ୍ଡର, ଆଇବିର ଷ୍ଟାଫ ସଂକ୍ରମିତରେ ସାମିଲ ଅଛନ୍ତି । ଏବେ ସୁଦ୍ଧା ୨୫୦ରୁ ଅଧିକ ମେଡ଼ିକାଲ ଷ୍ଟାଫ ତଥା କରୋନାରେ ଲଢୁଥିବା ୪୩୦ ଫ୍ରଂଟଲାଇନ ଯୋଦ୍ଧା ସଂକ୍ରମିତ ହୋଇଛନ୍ତି । ଏବେ ସୁଦ୍ଧା ହୋଇଥିବା ୪୩ ମୃତ୍ୟୁ ମଧ୍ୟରୁ ୧୦ ବର୍ଷରୁ ନେଇ ୮୦ ବର୍ଷ ପର୍ଯ୍ୟନ୍ତ ଲୋକ ସାମିଲ ଅଛନ୍ତି । ଗତ ୫ ଦିନ ମଧ୍ୟରେ ୯ ଜଣଙ୍କର ମୃତ୍ୟୁ ହୋଇଛି, ୭୨୧ ରୋଗୀ ଚିହ୍ନଟ ହୋଇଛନ୍ତି ।

# ଭୁବନେଶ୍ୱରରୁ ଆଉ ୧୫୯ କରୋନା ପଜିଟିଭ୍

ଭୁବନେଶ୍ୱର,୨୭।୭ (ନି.ପ୍ର): ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ସୋମବାର ଗୋଟିଏ ଦିନରେ ରାଜଧାନୀରୁ ୧୫୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୧୮ ଜଣ କ୍ୱାରେଂଟାଇନ୍ ରୁ ଠାବ ହୋଇଥିବା ବେଳେ ୪୧ ଜଣ ଲୋକାଲ କଂଟାକ୍ଟ କେସ୍ ରହିଛନ୍ତି । ସେହିପରି ସୋମବାର କରୋନାରେ ଆଉ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ରେକର୍ଡ ସଂଖ୍ୟକ ୧୦୨ ଜଣ ସୁସ୍ଥ ହୋଇଛନ୍ତି । ଏଥିସହ ଭୁବନେଶ୍ୱରରେ ମୋଟ ପଜିଟିଭ୍ ଙ୍କ ସଂଖ୍ୟା ୨୧୫୦କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରୁ ୧୦୧୧ ଜଣ ସୁସ୍ଥ ହୋଇଥିବା ବେଳେ ଏଯାବତ୍ ୧୨ ଜଣଙ୍କର ମୃତ୍ୟୁ ଘଟିଛି । ବର୍ତ୍ତମାନ ୧୧୨୫ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁଯାୟୀ ନୟାପଲ୍ଲୀ ସ୍ଥିତ ତ୍ରିନାଥ ବସ୍ତିରେ କରୋନା ବିସ୍ଫୋରଣ ହୋଇଛି । ଗୋଟିଏ ଦିନରେ ଉକ୍ତ ବସ୍ତିରୁ ୪୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୨୫ ଜଣ ପୁରୁଷ ରହିଛନ୍ତି ଏବଂ୧୯ ଜଣ ମହିଳା ରହିଛନ୍ତି । ସେମାନଙ୍କ ବୟସ ୪ ରୁ ୬୫ ବର୍ଷ ମଧ୍ୟରେ ରହିଛି ଓ ସେମାନେ ସମସ୍ତେ କ୍ୱାରେଂଟାଇନ୍ ରେ ଥିଲେ । ଏହା ବ୍ୟତୀତ କ୍ୱାରେଂଟାଇନ୍ ମାମଲା ମଧ୍ୟରୁ ଆଇଗିଣିଆ ଆଳୁ ଗଦିରୁ ୨୦ ଜଣ , ୟୁନିଟ୍ ୩ ଖାରବେଳ ନଗରରୁ ୧୩ ଜଣ ,ଶହୀଦ ନଗରରୁ ୫ଜଣ , ସାଲିଆସାହି ଆଦିବାସୀ ଗାଁରୁ ୫ ଜଣ, ପଳାଶୁଣି ପ୍ରାଚୀ ବିହାରରୁ ୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି କଳିଙ୍ଗନଗର , ରାଜମହଲ ଛକରେ ଥିବା କନଷ୍ଟ୍ରକସନ୍ କମ୍ପାନୀ , ପଟିଆ ଶିଖରଚଣ୍ଡୀ , ପାଣ୍ଡରା, ପୋଖରିପୁଟ କାରଗିଲ୍ ବସ୍ତି , ଭିଏସଏସ୍ ନଗର, ପ୍ରାଇଭେଟ୍ ହସ୍ପିଟାଲ, ୟୁନିଟ୍ ୯ ଗାନ୍ଧି ବସ୍ତି , କଳିଙ୍ଗ ବିହାର କେ ୪, କପିଳପ୍ରସାଦ, ରସୁଲଗଡ ପାଲାମଣ୍ଡପ , ଜାଗମରା , ଚକେଇସିଆଣି ଓ ପାତ୍ରପଡାରୁ ଜଣେ ଲେଖାଏଁ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଡୁମଡୁମା ସୁକ ବିହାର, କେନ୍ଦ୍ରୀୟ ହସ୍ପିଟାଲ, ଏମସ୍ ନିକଟ ପୋଲିସ୍ ଏକାଡେମୀ, କଳିଙ୍ଗନଗର ଟାଟା ଆରିଆନା , ଚକେଇସିଆଣୀ ଏବଂ ଘରୋଇ ହସ୍ପିଟାଲର ୨ ଜଣ ଲେଖାଏଁ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅନ୍ୟପକ୍ଷରେ ଲୋକାଲ କେସ୍ ମଧ୍ୟରୁ ସାଲିଆସାହି ଆଦିବାସୀ ଗାଁରୁ ୭ ଜଣ, ଗଙ୍ଗନଗର ଓୟୁଏଟି ହଷ୍ଟେଲ ନିକଟରୁ ୩ ଜଣ, ଶୈଳଶ୍ରୀବିହାରରୁ ୩ ଜଣ, ଜୟଦେବ ବିହାର ବାଜପାୟୀ ନଗରରୁ ୩ ଜଣ ଲେଖାଏଁ ଏହିଭଳି ୪୧ ଜଣ ଚିହ୍ନଟ ହୋଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟରେ ଆଉ ...

ସେ ମଧୁମେହ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ କରୋନା ସଂକ୍ରମିତ ୫୧ ବର୍ଷୀୟ ମହିଳା ମୃତ୍ୟୁବରଣ କରିଛନ୍ତି । ସେହିପରି ଗଂଜାମ ଜିଲ୍ଲାର ହିଁ ଜଣେ ୫୮ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ଜଣେ ୫୫ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଆଉ ଜଣେ ୬୬ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

### ରାଜ୍ୟରେ ଆଉ ସାତ...

୧୩୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୩୨, ଗଜପତି ଜିଲ୍ଲାରେ ୭୩, ଜଗତସିଂହପୁର ଜିଲ୍ଲାରେ ୬, ଯାଜପୁର ଜିଲ୍ଲାରେ ୫୧, ଝାରସୁଗୁଡା ଜିଲ୍ଲାରେ ୧୦, କଳାହାଣ୍ଡି ଜିଲ୍ଲାରେ ୧୦. କନ୍ଧମାଳ ଜିଲ୍ଲାରେ ୭୩, କେନ୍ଦ୍ରାପଡା ଜିଲ୍ଲାରେ ୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।କେନ୍ଦୁଝର ଜିଲ୍ଲାରେ ୪୩ , ଖୋର୍ଧା ଜିଲ୍ଲାରେ ୨୨୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୩୪ ଜଣ, ମାଲକାନଗିରି ଜିଲ୍ଲାରେ ୩୪, ମୟୁରଭଂଜ ଜିଲ୍ଲାରେ ୨୮, ନବରଂଗପୁର ଜିଲ୍ଲାରେ ୨, ନୟାଗଡ ଜିଲ୍ଲାରେ ୮, ପୁରୀ ଜିଲ୍ଲାରେ ୪, ରାୟଗଡା ଜିଲ୍ଲାରେ ୬୮ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୧୭, ସୋନପୁର ଜିଲ୍ଲାରେ ୪ ତଥା ସୁନ୍ଦରଗଡ ଜିଲ୍ଲାରେ ୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।ଗତକାଲି ମଧରାତ୍ରି ସୁଦ୍ଧା ଓଡ଼ିଶାରେ ୪,୬୭,୪୪୭ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୨୬,୮୯୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୧୭,୩୭୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ୧୪୭ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୯,୩୩୮ ରହିଛି । ୯,୯୧୯ ଜଣ ହସ୍ପିଟାଲ୍ ଆଇସୋଲେସନ୍ ରେ ରହିଛନ୍ତି ।

### ଆଲବମ୍ ଅଭିନେତ୍ରୀ...

ଗୁରୁତର ହେବାରୁ ତାଙ୍କୁ ଅଭିନେତା ଅଖିଳ ପଟ୍ଟନାୟକ ଓ ପ୍ରଶାନ୍ତ ନାୟକଙ୍କ ସହଯୋଗରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପାଇଁ ଆର୍ଥିକ ସଙ୍କଟ ଦେଖା ଦେଇଥିବାରୁ ତାଙ୍କୁ ଅନେକ ସହଯୋଗର ହାତ ବଢ଼ାଇ ଥିଲେ । ପରେ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଶତାଧିକ ଓଡିଆ ଆଲବମ୍ ଓ ଭଜନରେ ଅଭିନୟ କରି ଦୀପା ସାହୁ ଓଡିଶାର ଘରେ ଘରେ ପରିଚିତ ଥିଲେ । 'ତୋର କୃଷ୍ଣଚୂଡ଼ା ରଙ୍ଗର ନାଲି ଓଢ଼ଣି..', 'ହାଏ ହାଏ ତୋ ମଲ୍ଲୀ ଫୁଲ ଗଜରା..', 'ଏକଡ଼ା ଏକଡ଼ା ରା..' ଓ 'ଝିଅ ମୁଁ ମେଡଇନ୍ ଓଡ଼ିଶା..' ଭଳି ହିଟ୍ ଗୀତରେ ଅଭିନୟ କରି ଲୋକପ୍ରିୟତାର ଶୀର୍ଷରେ ପହଂଚିଥିଲେ । ଏଥିସହ ଦୀପା ଓଡ଼ିଆ ଫିଲ୍ମ 'ନାରୀ ଆଖିରେ ନିଆଁ', 'ସୁନା ଚଢ଼େଇ ମୋ ରୂପା ଚଢ଼େଇ' ଓ 'କଲେଜ୍ ଟାଇମ୍'ରେ ମଧ ଅଭିନୟ କରିଥିଲେ । ଏହା ବ୍ୟତୀତ ସେ 'ବଡ଼ଘର ବଡ଼ ଗୁମର କଥା' ଧାରାବାହିକରେ ମଧ ଅଭିନୟ କରିଥିଲେ ।

### ସମ୍ୱରେ କୋଭାକ୍ସିନର...

ନାହିଁ ତାହା ଯାଂଚ କରାଯାଇଥିଲା । ଭାରତ ବାୟୋଟେକ ଆଇସିଏମଆର ସହଯୋଗରେ ଏହି ଟିକା ପ୍ରସ୍ତୁତ କରୁଛି । ଏହି ଟିକାର ପରୀକ୍ଷଣ ପାଇଁ ଆଇସିଏମଆର ପକ୍ଷରୁ ୧୨ଟି ପ୍ରତିଷ୍ଠାନକୁ ବଛାଯାଇଛି । ଏହା ମଧରେ ଓଡ଼ିଶାର ସମ ହସପିଟାଲ ରହିଛି ।

### ବୁଧବାର ପଶ୍ଚିମବଙ୍ଗ...

ସ୍ପେସିଆଲ ଏକ୍ସପ୍ରେସ କୁ ୨୮ ଜୁଲାଇ, ୨୦୨୦ ଦିନ ଭୁବନେଶ୍ୱର ଠାରେ ଅଟକାଇ ଦିଆଯିବ ଏବଂ ଏହା ୨୯ ତାରିଖରେ ହାଓଡ଼ା ପର୍ଯ୍ୟନ୍ତ ଯିବ ନାହିଁ । ସେହିପରି ୦୨୭୦୩ ହାଓଡ଼ା - ସିକନ୍ଦରାବାଦ ଫଳକନୁମା ସ୍ପେଶିଆଲ ଏକ୍ସପ୍ରେସ ଟ୍ରେନ ୨୯.୦୭.୨୦୨୦ ଦିନ ହାଓଡ଼ା ପରିବର୍ତ୍ତେ ଭୁବନେଶ୍ୱର ଠାରୁ ଯାତ୍ରା ଆରମ୍ଭ କରିବ ଏବଂ ସେହି ଦିନ ହାଓଡ଼ା ରୁ ଭୁବନେଶ୍ୱର ଆସୁଥିବା ଟ୍ରେନ ବାତିଲ କରାଯିବ ।

୦୨୮୨୩/୦୨୮୨୪ ଭୁବନେଶ୍ୱର -ନୂଆ ଦିଲ୍ଲୀ -ଭୁବନେଶ୍ୱର ସ୍ପେସିଆଲ ରାଜଧାନୀ ଏକ୍ସପ୍ରେସ ୨୯ ଜୁଲାଇ ଦିନ ହିଜଲୀ ଠାରେ ରହଣି କରିବ ନାହିଁ । ୦୨୮୦୧/୦୨୮୦୨ ଭୁବନେଶ୍ୱର -ନୂଆଦିଲ୍ଲୀ -ଭୁବନେଶ୍ୱର ସ୍ପେସିଆଲ ପୁରୁଷୋତମ ଏକ୍ସପ୍ରେସ ୨୯ ଜୁଲାଇ ୨୦୨୦ ଦିନ ପୁରୁଲିଆ ଠାରେ ଅଟକିବ ନାହିଁ । ୦୨୨୪୬ ଯଶବନ୍ତପୁର -ହାଓଡ଼ା ଦୁରନ୍ତ ସ୍ପେସିଆଲ ଟ୍ରେନ ୨୮ ତାରିଖ ଯଶବନ୍ତପୁର ଠାରୁ ଯାତ୍ରା ଆରମ୍ଭ କରିବ ନାହିଁ । ଏହା ଯଶବନ୍ତପୁର ଠାରୁ ବାତିଲ ହେବ । ତେଣୁ , ୦୨୨୪୫ ହାଓଡ଼ା -ଯଶବନ୍ତପୁର ଦୁରନ୍ତ ସ୍ପେସିଆଲ ଏକ୍ସପ୍ରେସ ୨୯ ତାରିଖ ଦିନ ହାଓଡ଼ା ଠାରୁ ବାତିଲ ହେବ ।

### ସଦର ବିଜେଡି ପକ୍ଷରୁ ...

ସମେତ ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜକ ଆଶିଷ ଘୋଷ, ବିଜେଡି ସଂଖ୍ୟାଲଘୁ ସେଲ, ଟାଉନ୍ ଶାଖା ସଭାପତି ସଲିମ ରାଜା, ସଦର ବିଜେଡି ମିଡିଆ ଂଯୋଜକ ଧିରେନ୍ ନାୟକ, ବିଜେଡି ରାଜ୍ୟ ପରିଷଦ ସଦସ୍ୟା ରଂଜିତା ମହାପାତ୍ର, ପୂର୍ବତନ କାଉନସିଲର ଶକୁନ୍ତଳା ସିଂ. ମୁନୁମଣି ନାୟକଙ୍କ ସମେତ କବିତା ମୁର୍ମୁ, କୌଶଲ୍ୟାମଣି ଦାସ, ଶିବ ସିଂ, କୈଳାସ ଦାସ, ଚନ୍ଦ୍ର ଶେଖର ପାତ୍ର, ଚିତ୍ତରଂଜନ ସାହୁ, ବିଜେଡି ଏସସି ସେଲ ନେତା ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## କରୋନା ମହାମାରୀକୁ ସାର୍ବଜନୀନ ସ୍ୱାସ୍ଥ୍ୟ ସେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସିପିଏମ୍‌ର ଖୋଲା ଚିଠି

ଜଳେଶ୍ୱର,୨୭।୭ (ନି.ପ୍ର): ଗତ କିଛିଦିନ ଧରି ଜଳେଶ୍ୱରର ବିଭିନ୍ନ ସ୍ଥାନ ସହିତ ରାଜ୍ୟର ବହୁସ୍ଥାନରେ କରୋନା ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି । କରୋନା ସଂକ୍ରମଣ ଯୋଗୁଁ ଅଣକରୋନା ରୋଗୀମାନେ ଅବହେଳିତ ହେବା ସହିତ ଚିକିତ୍ସା ଯୋଗାଯାଇପାରୁନାହିଁ । ଏହି ପରିପ୍ରେକ୍ଷୀରେ ସିପିଏମ୍‌ର ରାଜ୍ୟକର୍ମକର୍ତ୍ତାଙ୍କ ପରାମର୍ଶକ୍ରମେ ଜଳେଶ୍ୱର କେତେକ ଗୁରୁତ୍ୱପୂର୍ଣ୍ଣଦାବି ଏକ ଖୋଲାଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି । ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ଅଣକରୋନା ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ସରକାର ଜରୁରୀକାଳୀନ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି । କଟକ, ବ୍ରହ୍ମପୁର, ବୁର୍ଲା ମେଡିକାଲ ହସ୍ପିଟାଲରେ ଆଇସିୟୁ, ଭେଣ୍ଟିଲେଟର, ଡାକ୍ତର, ନର୍ସ ନିଯୁକ୍ତି, କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗାଇଡ୍‌ଲାଇନ୍ ଅନୁଯାୟୀ ସମସ୍ତଙ୍କର କରୋନା ପଜେଟିଭ୍ କରାଯିବା, ସମସ୍ତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ସହିତ ପିପିଇ କିଟ୍ ଯୋଗାଇବା, କରୋନା ଜନୀତ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ ଚିକିତ୍ସାର ସମସ୍ତ ପ୍ରକ୍ରିୟା ଅବଗତ କରାଇବା, ମୃତକ ପରିବାରକୁ ଆର୍ଥୀକ ପ୍ୟାକେଜ୍ ଦିଆଯିବା ଇତ୍ୟାଦି ସଂପର୍କରେ ସେମାନେ ଲେଖିଛନ୍ତି । ଏଥିରେ ସଂପାଦକ ଦିଲ୍ଲିପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ରବିନ୍ଦ୍ର ବାରିକ, ପଲ୍ଟୁ ଦାସ, ସରପଂଚ ଦିଲ୍ଲିପ କରିଡା, ବସନ୍ତ ପ୍ରଧାନ, ରତନ ଦାସ, ଜୀବନ ପରିଡା, ସେକ୍ ଅବଦୁଲ ସାଦ୍ଦିକ ପ୍ରମୁଖ ଭାଗ ନେଇଥିଲେ ।

## ରାଜସ୍ଥାନରେ ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରଦେଶ କଂଗ୍ରେସର ରାଜଭବନ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର,୨୭।୭ (ନି.ପ୍ର): ରାଜସ୍ଥାନରେ ସୃଷ୍ଟି ହୋଇ ଥିବା ରାଜନୈତିକ ଅସ୍ଥିରତା ପାଇଁ ବିଜେପି କୁ ଦାୟୀ କରିଛି କଂଗ୍ରେସ । ଗଣତନ୍ତ୍ର ର ହତ୍ୟା କରି ମୋଦି ସରକାର ଏ ଭଳି ଅସ୍ଥିରତା ସୃଷ୍ଟି କରୁଥିବା ଅଭିଯୋଗ ଆଣି ସୋମବାର ଦିନ ରାଜ୍ୟ କଂଗ୍ରେସ ପକ୍ଷରୁ ରାଜଭବନ ସମ୍ମୁଖରେ ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

କେନ୍ଦ୍ରର ବିଜେପି ସରକାର ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଛି ଏବଂ କ୍ରମାଗତ ଭାବେ କଂଗ୍ରେସ ଶାସିତ ରାଜ୍ୟ ମାନଙ୍କରେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାରଙ୍କୁ ଅନୈତିକ ଉପାୟରେ ଭାଙ୍ଗିବା ପାଇଁ ବିଜେପି ଉଦ୍ୟମ କରୁଛି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କହିଛନ୍ତି । ରାଜସ୍ଥାନରେ ବହୁମତ ପାଇ ସରକାର ଗଠନ କରିଥିବା କଂଗ୍ରେସ ଦଳର ବିଧାୟକ ମାନଙ୍କୁ ଅର୍ଥ ଓ ମନ୍ତ୍ରୀପଦ ପ୍ରଲୋଭନରେ ଆକୃଷ୍ଟ କରି ସରକାରରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି ।ମୁଖ୍ୟମନ୍ତ୍ରୀ ଶ୍ରୀ ଅଶୋକ ଗେହେଲଟ ଙ୍କ କ୍ୟାବିନେଟ ଅନୁମୋଦନ ରେ ଜରୁରି ବିଧାନସଭା ଅଧିବେଶନ ପାଇଁ ରାଜ୍ୟପାଳଙ୍କୁ ଦିଆଯାଇଥିବା ପ୍ରସ୍ତାବକୁ ବିଜେପିର ପ୍ରରୋଚନାରେ ରାଜ୍ୟପାଳ ଗ୍ରହଣ ନକରିବା ଅଗଣତାନ୍ତ୍ରୀକ । କଂଗ୍ରେସ ପକ୍ଷରୁ ଗଣତନ୍ତ୍ରର ସୁରକ୍ଷା ପାଇଁ ରାଜଭବନ ସମ୍ମୁଖରେ ଆଜି ଅନୁଷ୍ଠିତ ବିକ୍ଷୋଭରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେପି ଅର୍ଥବଳ ଓ ବାହୁବଳ ଖଟାଇବା ସହ କେନ୍ଦ୍ରୀୟ ପ୍ରଶାସନିକ ବ୍ୟବସ୍ଥାର ଦୁରୁପଯୋଗ କରି ନିର୍ବାଚିତ ବିଧାୟକ ମାନଙ୍କୁ ଅର୍ଥର ପ୍ରଲୋଭନ ଦେଖାଉଛି । ଗୋଟିକ ପରେ ଗୋଟିଏ କଂଗ୍ରେସ ଶାସିତ ରାଜ୍ୟ ମାନଙ୍କରେ କଂଗ୍ରେସ ଦଳର ବିଧାୟକ ମାନଙ୍କୁ ବହୁଳ ଅର୍ଥ ଏବଂ କ୍ଷମତାର ଲୋଭରେ ବଶୀଭୂତ କରି ନିଜ ଆଡକୁ ନେବାପାଇଁ ଉଦ୍ୟମ କରୁଛି । ଗତ କିଛିଦିନ ତଳେ ଅର୍ଥ ଓ ବାହୁବଳ ପ୍ରୟୋଗରେ ମୋଦି ଏବଂ ସାହାଙ୍କ ବିଜେପି ଗୋଆ,କର୍ଣ୍ଣାଟକ ଓ ମଧ ପ୍ରଦେଶ ଲୋକଙ୍କ ଦ୍ୱାରା ନିର୍ବାଚିତ କଂଗ୍ରେସ ସରକାରଙ୍କୁ ଭାଙ୍ଗିବା ରେ ସକ୍ଷମ ହୋଇଥିଲେ । ଦେଶରେ କରୋନା ମାହାମାରୀ କରାଳ ଛାୟା ବିସ୍ତାର କରିଥିବାବେଳେ ସାଧାରଣ ଜନତା ଙ୍କ ଜୀବନ ଅପେକ୍ଷା କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି କରିବା ମୋଦି ସରକାରଙ୍କ ପ୍ରାଥମିକତା ହୋଇଛି ।ଦେଶରେ କରୋନା ପରିସ୍ଥିତି ଅତି ସଙ୍ଗିନ,ଗରିବ ଲୋକେ ନିଜର ରୋଜଗାର ଓ ଜୀବିକା ହରାଇଛନ୍ତି ।ସେମାନଙ୍କ ଜୀବନ ଓ ଜୀବିକା କୁ ସହାୟତା ଦେବା ପରିବର୍ତ୍ତେ ରାଜସ୍ଥାନରୁ କଂଗ୍ରେସ ସରକାରଙ୍କୁ ହଟାଇବା ପାଇଁ ଅତି ହୀନ ଉଦ୍ୟମ କରାଯାଉଛି ।

## ରାଜ୍ୟବ୍ୟାପି ସି.ପି.ଆଇ.(ଏମ୍)ର ଦାବି ଦିବସ ଏବଂ ମୁଖ୍ୟମନ୍ତ୍ରଙ୍କୁ ସ୍ମାରକ ପତ୍ର ପ୍ରଦାନ

ଭୁବନେଶ୍ୱର,୨୭।୭ (ନି.ପ୍ର): ଗତ କିଛିଦିନ ଧରି ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଓ ମୃତ୍ୟୁ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ପରୀକ୍ଷା ପରିମାଣ ଯେତେ ବୃଦ୍ଧି ପାଉଛି, ପଜିଟିଭ୍ ସଂଖ୍ୟା ମଧ ବୃଦ୍ଧି ପାଉଛି । ଅନ୍ୟ ଦିଗରେ ରାଜ୍ୟରେ ସ୍ୱାସ୍ଥ୍ୟଗତ ସଙ୍କଟ ଏବଂ ରୋଗୀ ସଂଖ୍ୟା ବୃଦ୍ଧି ପାଇଲାବେଳେ ସରକାରଙ୍କ ବହୁ ପ୍ରଚାରିତ ବିଫଳତା ନଗ୍ନ ଭାବେ ପ୍ରକାଶ ପାଉଛି । କରୋନା କେୟାର ସେଂଟର , କୋଭିଡ୍ ହସ୍ପିଟାଲ ଏବଂ ଅନ୍ୟାନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସା ଇତ୍ୟାଦି ସବୁଥିରେ ବିଭିନ୍ନ ଅସୁବିଧା, ଅବହେଳା ଓ ଅବ୍ୟବସ୍ଥାର ଅଭିଯୋଗମାନେ ନଜରକୁ ଆସୁଛି । ରାଜ୍ୟର ପ୍ରାୟ ସମସ୍ତ ହସ୍ପିଟାଲରେ ବର୍ହି ଚିକିତ୍ସା ବସ୍ତୁତଃ ବନ୍ଦ ହୋଇଯିବା ଫଳରେ ସାଧାରଣ ରୋଗ ପ୍ରସୂତି ଓ ଶିଶୁ ରୋଗ ସମେତ ସମସ୍ତ ଗୁରୁତର ଅଣ କରୋନା ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସି.ପି.ଆଇ.(ଏମ୍) ଏହି ସରକାରୀ ବିଫଳତାର ପ୍ରତିବାଦ କରିବା ସହିତ ସ୍ୱାସ୍ଥ୍ୟ ସଙ୍କଟକୁ ମୁକାବିଲା କରିବା ନିମନ୍ତେ ୭ ଦଫା ସମ୍ବଳିତ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ବିଭିନ୍ନ ଜିଲ୍ଲାରେ ଲକ୍‌ଡାଉନ୍ ଏବଂ ସଟ୍‌ଡାଉନ୍ ର କଟକଣା ମଧ୍ୟରେ ସାରା ରାଜ୍ୟରେ ସି.ପି.ଆଇ.(ଏମ୍) ତରଫରୁ ଶାରିରୀକ ଦୂରତ୍ୱ ଏବଂ ମାସ୍କ ପରିଧାନ କରି ଏହି ପ୍ରତିବାଦ କାର୍ଯ୍ୟକ୍ରମ ସଂଗଠିତ ହୋଇଯାଇଛି । ଭୁବନେଶ୍ୱର, ସୁନ୍ଦରଗଡ, କଟକ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ, ନୟାଗଡ, ଖୋର୍ଦ୍ଧା, ଗଞ୍ଜାମ ଏବଂ ଢେଙ୍କାନାଳ ପ୍ରମୂଖ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ସଂଗଠିତ ହୋଇଛି । ସି.ପି.ଆଇ.(ଏମ୍) ତରଫରୁ ଉପସ୍ଥାପିତ ୭ ଦଫା ଦାବିରେ କୁହାଯାଇଛି ଯେ: କରୋନା ମହାମାରୀକୁ ସଠିକ୍ ଭାବେ ମୁକାବିଲା କରିବା ସହିତ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କୁ ସୁନିର୍ଣ୍ଣିତ କରାଯାଉ । ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲ, ନର୍ସିଂ ହୋମ ଇତ୍ୟାଦିକୁ ଖୋଲା ଯିବା ସହିତ ଅଣକରୋନା ରୋଗୀମାନଙ୍କର ମଧ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥାକୁ ସୁନିର୍ଣ୍ଣିତ କରାଯାଉ । ଯେ କୌଣସି ରୋଗୀଙ୍କୁ ହସ୍ପିଟାଲ ଚିକିତ୍ସା ନକରି ଫେରାଇ ପାରିବ ନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ଥିବା ବିଧି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉ , ଯେଉଁମାନେ ଉଲ୍ଲଘଂନ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କଟକ, ବ୍ରହ୍ମପୁର ଏବଂ ବୁର୍ଲାସ୍ଥିତ ମେଡିକାଲ କଲେଜ ଏବଂ ହସ୍ପିଟାଲ ସମେତ ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲ୍ଲା ମୁଖ୍ୟ ଦପ୍ତର ହସ୍ପିଟାଲ ମାନଙ୍କରେ ପର୍ଯ୍ୟାପ୍ତ ଅମ୍ଳଜାନ, ଆଇ.ସି.ୟୁ. ଭେଂଟିଲେଟର ଶଯ୍ୟା, ଡାକ୍ତର, ନର୍ସ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀ ଏବଂ କର୍ମଚାରୀ ମାନଙ୍କର ବ୍ୟବସ୍ଥା କରାଯାଉ । କରୋନା ମହାମାରୀର ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଗାଇଡଲାଇନ ଅନୁଯାୟୀ ସମସ୍ତଙ୍କର କରୋନା ପରୀକ୍ଷା, ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥାକୁ ସୁନିର୍ଣ୍ଣିତ କରାଯାଉ । ଏହାର ସମସ୍ତ ଦାୟିତ୍ୱ ସରକାର ବହନ କରନ୍ତୁ । ପ୍ରତ୍ୟେକ ସ୍ତରର କୋଭିଡ୍ ହସ୍ପିଟାଲ (ଲୋକାଲ ଠାରୁ ରାଜ୍ୟ ପର୍ଯ୍ୟନ୍ତ) ରେ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଆବଶ୍ୟକୀୟ ପିପିଇ କିଟ୍ ଯୋଗାଇବା ସହିତ ପର୍ଯ୍ୟାପ୍ତ ଔଷଧ, ଅକ୍ସିଜେନ୍,ଆଇ.ସି.ୟୁ. ଏବଂ ଭେଂଟିଲେଟର ଇତ୍ୟାଦି ସମସ୍ତ ଉପକରଣର ସୁନିର୍ଣ୍ଣିତ ବ୍ୟବସ୍ଥା କରାଯାଉ । କରୋନା ଜନିତ ମୃତକ ପରିବାରମାନଙ୍କୁ ମୃତ ବ୍ୟକ୍ତିର 'ସମଗ୍ର ଚିକିତ୍ସା ପ୍ରକ୍ରିୟା' କୁ ସମ୍ପୃକ୍ତ ପରିବାରକୁ ଅବଗତ କରାଯାଉ । କରୋନା ମହାମାରୀ ଜନିତ ମୃତକ ପରିବାରକୁ ବଂଚିବା ଯୋଗ୍ୟ ଆର୍ଥିକ ପ୍ୟାକେଜ୍ ଦିଆଯାଉ । କରୋନା ରୋଗୀ ଏବଂ ମୃତକଙ୍କୁ ନେଇ ସୃଷ୍ଟି ହେଉଥିବା ଅରାଜକତାକୁ ତୁରନ୍ତ ହସ୍ତକ୍ଷେପ କରି ବନ୍ଦ କରାଯାଉ ଏବଂ ଏଥିପାଇଁ ବିଧିବଦ୍ଧ ନିୟମାବଳୀ ସ୍ଥିର କରାଯାଉ । ରାଜ୍ୟ ସରକାର ବିଶେଷ କରି ରାଜ୍ୟର ମୁଖ୍ୟମନ୍ତ୍ରୀ ସଂପ୍ରତିକ ଗଭୀର ସ୍ୱାସ୍ଥ୍ୟଗତ ସଙ୍କଟ ଜନକ ପରିସ୍ଥିତିରେ ହସ୍ତକ୍ଷେପ କରି ଜୀବନର ସୁରକ୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ନିମନ୍ତେ ଦାବି କରାଯାଇଛି । ଲୋକଙ୍କ ଜୀବନର ସୁରକ୍ଷା ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ନିମନ୍ତେ ପର୍ଯ୍ୟାୟ କ୍ରମେ ଏହି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟକମିଟି ତରଫରୁ ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିର ପ୍ରକାଶ କରିଛନ୍ତି ।

# କରୋନା କଟକଣା ଉଲ୍ଲଂଘନ କରିଛନ୍ତି ନବରଙ୍ଗପୁରର ବିଜେଡି ସାଂସଦ:ବିଜେପି

ଭୁବନେଶ୍ୱର,୨୭।୭ (ନି.ପ୍ର): କରୋନାର ଭୟାବହତା ସମଗ୍ର ବିଶ୍ୱକୁ ଥରହର କରୁଥିବା ସମୟରେ ଓ ଏହାକୁ ରୋକିବା ପାଇଁ ଚାରିଆଡେ ଲକଡାଉନ, ସଟଡାଉନ ପରି ବିକଳ୍ପ ବ୍ୟବସ୍ଥା କରାଯାଉଛି । କରୋନା କଟକଣାର ଉଲ୍ଲଂଘନ କରି ନବରଙ୍ଗପୁର ସାଂସଦ ପେନ୍ସନ୍ ବାଂଟିବା ନାଁରେ ଶହ ଶହ ଲୋକଙ୍କୁ ଏକାଠି କରିବା ସାମ୍ନାକୁ ଆସିଛି । ପେନସନ ବାଂଟିବା ନାଁରେ ଗରିବଙ୍କ ଜୀବନ ସହିତ ଖେଳି ଶାସକ ଦଳ ସାଂସଦ/ବିଧାୟକମାନେ ବାହାଦୂରି ମାରୁଛନ୍ତି ବୋଲି ପୂର୍ବତନ ସାଂସଦ ତଥା ବିଜେପି ରାଜ୍ୟ ଉପସଭାପତି ଶ୍ରୀ ବଳଭଦ୍ର ମାଝୀ ଅଭିଯୋଗ କରିଛନ୍ତି। ଶ୍ରୀ ମାଝୀ କହିଛନ୍ତି ଯେ, ଗତ କିଛି ଦିନ ହେଲା ନବରଙ୍ଗପୁରର ସାଂସଦ ବିଭିନ୍ନ ଯାଗା ବୁଲି ନିଜେ ପେନ୍ସନ୍ ଓ କେନ୍ଦ୍ରର ଅନ୍ୟାନ୍ୟ ସୁବିଧା ବାଂଟୁଛନ୍ତି । ନିଜର ମିଥ୍ୟା ପ୍ରଚାର ପାଇଁ ସେ ଗରିବ ଲୋକଙ୍କୁ କରୋନାର ଶିକାର କରାଇବାକୁ ଯାଉଛନ୍ତି । ଭଲ ହୁଅନ୍ତା, ଯଦି ଏହି ଅଂଚଳର ସାଂସଦ/ବିଧାୟକମାନେ, ଏହି ଅଂଚଳ ପାଇଁ କିଛି ଦୀର୍ଘ ମିଆଦି କାମ କରନ୍ତେ । ଗରିବ ଲୋକଙ୍କ ଜୀବନ ସହିତ ଖେଳି ରାଜନୀତି ନ କଲେ ଭଲ ହୁଅନ୍ତା । ଲୋକ ବୁଝି ସାରିଲେଣି କିଏ ସେବା ଦେଉଛି ଓ କିଏ ଶସ୍ତା ରାଜନୀତି କରୁଛି । ସାଧାରଣ ବିତରଣ ବିଭାଗ ଏହି ସବୁ କାମ କରିବା ପାଇଁ ଗଠନ କରାଯାଇଛି । ଅସଲ କଥା ହେଉଛି, ଏହି ପ୍ରଚାର ସର୍ବସ୍ୱ ନେତାମାନେ ବାହାଦୂରୀ ନେବା ପାଇଁ ଏହି ସୁବିଧା ସବୁକୁ ମାସ ମାସ ଧରି ଅଟକାଇ ରଖୁଛନ୍ତି ନିଜ ସୁବିଧାରେ ବାଂଟିବା ପାଇଁ । ଯାହା ଜଣା ପଡୁଛି ଏହି ନେତା ମାନଙ୍କ ପାଇଁ ୪ମାସର ପେନ୍ସନ୍ ଏକାଥରେ ଦିଆଯାଉଛି । ଏହା କରା ନଯାଉ ବୋଲି ଶ୍ରୀ ମାଝୀ କହିଛନ୍ତି । କେରୋନା ନିୟମକୁ ସମେସ୍ତ କଡାକଡି ଭାବେ ପାଳନ କରନ୍ତୁ ଓ ଖିଲାପକାରୀଙ୍କ ବିରୁଦ୍ଧରେ ରାଜ୍ୟସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ, ସେ ଯୋଜନା ବୋର୍ଡ ଉପାଧକ୍ଷ ହୁଅନ୍ତୁ କିମ୍ବା ସାଂସଦ ହୁଅନ୍ତୁ । ସାଧାରଣ ବିତରଣ ବ୍ୟବସ୍ଥା ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା କରାଯାଉ ଓ ଠିକ୍ ସମୟରେ ହିତାଧିକାରୀଙ୍କ ପାଖକୁ ପହଂଚାଇବା ବ୍ୟବସ୍ଥା କରାଯାଉ ବୋଲି ଶ୍ରୀ ମାଝୀ ଦାବୀ କରିଛନ୍ତି ।

## କରୋନା ବିରୋଧୀ ଲଢେଇରେ ଅଢେଇ ହଜାର କୋଟି ଟଙ୍କା ଖର୍ଚ୍ଚ କରି ସାରିଛି ପଶ୍ଚିମବଙ୍ଗ: ମମତା

କୋଲକାତା,୨୭।୭ (ନି.ପ୍ର): କରୋନା ବିରୁଦ୍ଧରେ ଲଢେଇରେ ପଶ୍ଚିମ ବଙ୍ଗ ଅଢେଇ ହଜାର କୋଟି ଟଙ୍କା ଖର୍ଚ୍ଚ କରି ସାରିଛି ବୋଲି ଦାବି କରିଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୋଇଡା, ମୁମ୍ବାଇ, କୋଲକାତାରେ ଅତ୍ୟାଧୁନିକ ଲାବରଟରି ଉଦଘାଟନ କରିଥିଲେ । ଏହି ଅବସରରେ ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତଥା ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ମଧ୍ୟ ଉପସ୍ଥିତ ଥିଲେ । ମମତା ବାନାର୍ଜୀ ଏହି ଅବସରରେ ଉପରୋକ୍ତ ଦାବି କରିଥିଲେ ।

# ଭୂମିହୀନଙ୍କୁ ସରକାରୀ ଜାଗାରୁ ଉଚ୍ଛେଦ ଉଦ୍ୟମର ପ୍ରତିବାଦ

## ଚାନ୍ଦିପୁରର ୫୩ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବି

ବାଲେଶ୍ୱର,୨୭।୭ (ନି.ପ୍ର): ଦୀର୍ଘ ୨ ଶହ ବର୍ଷଧରି ସରକାରୀ ଜମିରେ ବଂଶାନୁକ୍ରମେ ବସବାସ କରିଆସୁଥିବା ଭୂମିହୀନ ପରିବାରଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନିକ ସ୍ତରରେ ହେଉଥିବା ଉଦ୍ୟମକୁ ନେଇ ଉଦବେଗ ପ୍ରକାଶ ପାଇଛି । ଏନେଇ ଚାନ୍ଦିପୁର ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଭୂମିହୀନ ପରିବାର ଆଜି ଜିଲ୍ଲାପାଳଙ୍କଠାରେ ଆପତ୍ତି କରିଛନ୍ତି । ଚାନ୍ଦିପୁରସ୍ଥିତ ଫକୀର ମୋହନ ସ୍କୁଲ ପାର୍ଶ୍ୱରେ ଥିବା ଆବାଦ ଯୋଗ୍ୟ ଅନାବାଦୀ ଜମିରେ ମୋଟ ୫୩ ଭୂମିହୀନ ପରିବାର ସମ୍ପ୍ରତି ବସବାସ କରୁଛନ୍ତି । ପ୍ରତିବର୍ଷ ସେମାନେ ଜରିମାନା ଅର୍ଥ ଦେଇ ଆରଆଇ ଅଫିସରୁ ପାଉତି ମଧ୍ୟ ନେଉଛନ୍ତି । ଭୂମିହୀନ ପରିବାର ଭାବେ ଉକ୍ତ



ଜମିରେ ସେମାନଙ୍କୁ ଘର ଡିହ ପଟ୍ଟା ଯୋଗାଇ ଦେବା ପାଇଁ ଦୀର୍ଘଦିନରୁ ସଦର ତହସିଲଦାରଙ୍କଠାରେ ଆବେଦନ କରିଥିଲେ ବି ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଉ ନଥିବା ସେମାନେ ଅଭିଯୋଗ କରିଛନ୍ତି । ଅପରନ୍ତୁ ସେମାନଙ୍କୁ ସେଠାରୁ ଉଚ୍ଛେଦ କରି ଉକ୍ତ ଜାଗାକୁ ଜମି ମାଫିଆଙ୍କୁ ଲିଜରେ ଦେବା ପାଇଁ ତହସିଲ ପକ୍ଷରୁ ଉଦ୍ୟମ ହେଉଥିବା ସେମାନେ କହିଛନ୍ତି । ଅନ୍ୟପକ୍ଷରେ ଚାନ୍ଦିପୁର ଅଞ୍ଚଳରେ ଶହ ଶହ ଏକର ସରକାରୀ ଜମିକୁ ବେଆଇନ୍ ଭାବେ ଭୋଗଦଖଲ କରୁଥିବା ମାଫିଆଙ୍କୁ ଉଚ୍ଛେଦ ନ କରି ଭୂମିହୀନଙ୍କ ପ୍ରତି ତହସିଲଦାରଙ୍କର ଏହି ଉଦ୍ୟମ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀମାନେ କହିଛନ୍ତି । ଏହି ଉଚ୍ଛେଦରୁ ନିବୃତ ହୋଇ ତୁରନ୍ତ ଭୂମିହୀନ ପରିବାରଙ୍କୁ ରହୁଥିବା ଜମିର ଘରବାଡ଼ି ପଟ୍ଟା ପ୍ରଦାନ ପାଇଁ ସେମାନେ ଜିଲ୍ଲାପାଳଙ୍କଠାରେ ଗୁହାରୀ କରିଛନ୍ତି । ବିଜେପି ଯୁବନେତା ମାନସ ଦତ୍ତଙ୍କ ନେତୃତ୍ୱରେ ଆସିଥିବା ୫୦ରୁ ଉର୍ଦ୍ଧ୍ୱ ପରିବାରଙ୍କ ପକ୍ଷରୁ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ସ୍ମାରକପତ୍ର ପ୍ରଦାନ ବେଳେ ବିଜେପି କର୍ମକର୍ତ୍ତା ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ସଚ୍ଚୀନ୍ଦ୍ର ମହାନ୍ତି, ଅନନ୍ତ ପଧାନଙ୍କ ସମେତ ବାବୁଲାଲ ବେରା, ଉତ୍ତମ ସାହୁ, ପାର୍ବତୀ ପରିଡ଼ା, ଅକ୍ଷୟ ମହାଳିକ ପ୍ରମୁଖ ଭୂମିହୀନ ବ୍ୟକ୍ତି ଉପସ୍ଥିତ ଥିଲେ ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୭।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୪୯୧ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୮୧୬୯ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୫୯, ବାଲେଶ୍ୱର ଜିଲ୍ଲାରେ ୮୫୬, ବରଗଡ ଜିଲ୍ଲାରେ ୩୭୫, ଭଦ୍ରକ ଜିଲ୍ଲାରେ ୫୪୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୩୫୩. ବୌଦ୍ଧ ଜିଲ୍ଲାରେ ୧୩୨, କଟକ ଜିଲ୍ଲାରେ ୧୮୨୫, ଦେବଗଡ ଜିଲ୍ଲାରେ ୮୧, ଢେଙ୍କାନାଳ ଜିଲ୍ଲାରେ ୧୯୯. ଗଜପତି ଜିଲ୍ଲାରେ ୧୦୫୬, ଜଗତସିଂହପୁର ଜିଲ୍ଲାରେ ୬୩୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୧୪୭, ଝାରସୁଗୁଡା ଜିଲ୍ଲାରେ ୨୮୯, କଳାହାଣ୍ଡି ଜିଲ୍ଲାରେ ୧୩୨, କନ୍ଧମାଳ ୪୩୮, କେନ୍ଦ୍ରାପଡା ଜିଲ୍ଲାରେ ୪୨୭, କେନ୍ଦୁଝର ଜିଲ୍ଲାରେ ୬୫୩, ଖୋର୍ଦ୍ଧା ଜିଲ୍ଲାରେ ୩୨୬୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୪୮୫, ମାଲକାନଗିରି ଜିଲ୍ଲାରେ ୪୩୦, ମୟୁରଭଂଜ ଜିଲ୍ଲାରେ ୫୮୧. ନବରଙ୍ଗପୁର ଜିଲ୍ଲାରେ ୨୦୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୪୯୬, ନୂଆପଡା ଜିଲ୍ଲାରେ ୧୧୦, ପୁରୀ ଜିଲ୍ଲାରେ ୬୮୧, ରାୟଗଡା ଜିଲ୍ଲାରେ ୬୦୦. ସମ୍ବଲପୁର ଜିଲ୍ଲାରେ ୨୮୧. ସୁବର୍ଣ୍ଣପୁର ଜିଲ୍ଲାରେ ୭୮ ଓ ସୁନ୍ଦରଗଡ ଜିଲ୍ଲାରେ ୧୧୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ୨୪ ଘଂଟାରେ ଦେଶରେ ୪୯୯୩୧ ଟି କରୋନାର ନୂଆ ମାମଲା: ୭୦୮ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୭।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୯୯୩୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୧୪,୩୫,୪୫୩ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୭୦୮ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ ୪୮୫୧୧୪ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତ୍ତମାନ ସୁଦ୍ଧା ୩୨,୭୭୧ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୯୧୭୫୬୮ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ପୂର୍ବତନ ବିଧାୟକ ଅଭିମନ୍ୟୁ କୁମ୍ଭାରଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୨୭।୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଅଭିମନ୍ୟୁ କୁମ୍ଭାରଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ କୁମ୍ଭାର ଜଣେ ସରଳ ନିଷ୍କପଟ ତଥା ସାଧାରଣ ମଣିଷ ଥିଲେ । ସେ ୧୯୭୧ ମସିହାରୁ ପ୍ରଥମେ ରେଢ଼ାଖୋଲ ବିଧାନସଭା ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ସେ ଚାରିଥର ବିଧାୟକ ଭାବେ ନିର୍ବାଚିତ ହୋଇ ରେଢ଼ାଖୋଲ ତଥା ସମ୍ବଲପୁର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଭାଗୀ ହୋଇଥିଲେ । ବିଶେଷ କରି ଦଳିତ ଓ ଆଦିବାସୀଙ୍କ ବିକାଶ ପାଇଁ ସ୍ୱର୍ଗତଃ କୁମ୍ଭାର ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରି କଂଗ୍ରେସ ଦଳରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୋଇଥିଲେ ।ତାଙ୍କ ବିୟୋଗରେ ଦଳ ଓ ରାଜ୍ୟ ର ଅପୂରଣୀୟ କ୍ଷତି ହେଲା ।ତାଙ୍କ ଆମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗଙ୍କୁ ସମବେଦନା ଜଣାଇଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ।

# ପୌରପାଳିକାକୁ ୩ୟ ଥର ପାଇଁ ଲେଉଟିଲା ସଟ୍‌ଡାଉନ୍

## ଅଗଷ୍ଟ ୩ଯାଏ ଘୋଷଣା : କଣ୍ଟେନ୍‌ମେଣ୍ଟ ଲାଗି ଅସ୍ପଷ୍ଟ ନିର୍ଦ୍ଦେଶ

ଜଳେଶ୍ୱର,୨୭।୭ (ନି.ପ୍ର): ଜଳେଶ୍ୱର ପୌରପାଳିକାରେ ଆଜି ୩ୟ ଥର ପାଇଁ ସଟ୍‌ଡାଉନ୍ ଲାଗୁ କରାଯାଇଛି । ଏହା ଆସନ୍ତା ୩ତାରିଖ ସକାଳ ୫ଟା ଯାଏ ବଳବତ୍ତର ରହିବ ବୋଲି ଜଣାଯାଇଛି । ଜଳେଶ୍ୱର ମ୍ୟୁନିସିପାଲଟିରେ କରୋନା ପଜେଟିଭ୍ ସଂଖ୍ୟା ୫୦ ଟପିଥିବା ବେଳେ ପ୍ରଥମଥର ପାଇଁ ସଟ୍‌ଡାଉନ୍ ଘୋଷଣା ହୋଇଥିଲା । ଏହା ୨୦ତାରିଖ ସକାଳ ୫ଟାରେ ବଳବତ୍ତର ରହିଥିଲା । ୨ୟ ପର୍ଯ୍ୟାୟରେ ୨୦ତାରିଖ ସଂଧ୍ୟା ୫ଟାରୁ ସଟ୍‌ଡାଉନ୍ ଘୋଷଣା ସହିତ ନିର୍ଦ୍ଦିଷ୍ଟ ଏକ ୱାର୍ଡରୁ ୧୮ ପଜେଟିଭ୍ ଦେଖାଦେବାରୁ ସେଠାରେ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଥିଲା ଆଜି ସକାଳ ୫ଟାରେ ଏହି ଅବଧି ଶେଷ ହେଉଥିବାରୁ ଗତ ରବିବାର ସଂଧ୍ୟାରେ ସ୍ଥାନୀୟ ପ୍ରଶାସନ ସଟ୍‌ଡାଉନ୍ ଓ କଣ୍ଟେନ୍‌ମେଣ୍ଟର ଅବଧି ବୃଦ୍ଧି ଲାଗି ଜିଲାପାଳଙ୍କୁ ସୁପାରିଶ କରିଥିବା ବେଳେ ବିଳମ୍ବିତ ରାତିରେ ଜଳେଶ୍ୱରକୁ ଆଜି ସକାଳ ୫ଟାରୁ ପୁଣି ୩ତାରିଖ ସକାଳ ୫ଟାଯାଏ ସଟ୍‌ଡାଉନ୍ ଘୋଷଣା ହୋଇଛି । ଏହି ସମୟରେ ସକଳା ୬ରୁ ପୂର୍ବାହ୍ନ ୧୨ଟା ଯାଏ ପରିବା, ତେଜରାତି, ମାଛ, ମାଂସ, ଅଣ୍ଡା, କ୍ଷୀର ଦୋକାନ ଖୋଲା ରହିବା ସଂପର୍କରେ ଆଜି ସକାଳ ପୌରପାଳିକା ପକ୍ଷରୁ ଘୋଷଣା କରାଯାଇଛି । ବ୍ୟାଙ୍କ ସେବା ୮ଟାରୁ ୧୨ଟା ଯାଏ ଚାଲୁ ରହିଛି । ଆସନ୍ତା ୩ତାରିଖ ଯାଏ ଏହି ଘୋଷଣା ବଳବତ୍ତର ରହିବା ସଂପର୍କରେ କୁହାଯାଉଥିବା ବେଳେ କଣ୍ଟେନ୍‌ମେଣ୍ଟ ଜୋନ୍ ସଂପର୍କରେ କୌଣସି ସ୍ୱଷ୍ଟ ସୂଚନା ନାହିଁ । କିନ୍ତୁ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପୂର୍ବରୁ ଯେଉଁଭଳି ନିତିନିୟମ ରହିଥିଲା ଆଜି ମଧ୍ୟ ସେଭଳି ଦେଖିବାକୁ ମିଳିଛି । ଏ ସଂପର୍କରେ ପ୍ରଶାସନୀକ ଅଧିକାରୀମାନେ ସ୍ୱଷ୍ଟ ମତାମତ ରଖିପାରିନଥିଲେ । ଜଳେଶ୍ୱର କୋଟ୍‌ର ବରିଷ୍ଠ ଆଇନ୍‌ଜିବୀ ଏପିପି ନିତ୍ୟଗୋପାଳ ଦାସ ଏଥିନେଇ ସନ୍ଦେହ ପ୍ରକଟ କରି ସାମ୍ବାଦିକ ମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୪୨୩ ଜଣଙ୍କଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୨୭।୭ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୪୨୩ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ସେହିପରି ଏହି ସମୟ ମଧ୍ୟରେ ସାମାଜିକ ଦୂରତ୍ୱ ନିୟମ ଅମାନ୍ୟ କରିଥିବାରୁ ୧୦୨୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ଅଭିନେତ୍ରୀ ଦୀପା ସାହୁଙ୍କ ମୃତ୍ୟୁରେ ସଂସ୍କୃତି ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୭।୭ (ନି.ପ୍ର): ଓଡ଼ିଶାର ଜଣାଶୁଣା ଆଲବମ୍ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଦୀପା ସାହୁଙ୍କ ପରଲୋକରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଆଲବମ୍ ଜଗତରେ ଆଗଧାଡ଼ିର କଳାକାର ଭାବେ ସେ ବେଶ୍ ପରିଚିତ ଥିଲେ । ତାଙ୍କର ଅକଳା ବିୟୋଗ ନିଶ୍ଚିତ ଭାବେ କଳାଜଗତ ପାଇଁ ଏକ ବିରାଟ କ୍ଷତି । ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ତାଙ୍କ ବିୟୋଗଜନିତ କ୍ଷତି ସହ୍ୟ କରିବାକୁ ଈଶ୍ୱର ଧୈର୍ଯ୍ୟ ଓ ସାହସ ପ୍ରଦାନ କରିବାକୁ ମୁଁ ପ୍ରାର୍ଥନା କରୁଛି ବୋଲି ମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ।

# କନେଷ୍ଟବଳ ସ୍ୱାମୀଙ୍କ ଦ୍ୱିତୀୟ ବିବାହ: ନ୍ୟାୟ ପାଇଁ ଏସପିଙ୍କଠାରେ ଦ୍ୱାରସ୍ଥ ହେଲେ ପ୍ରଥମ ସ୍ତ୍ରୀ



ନୀଳଗିରି,୨୭।୭ (ନି.ପ୍ର): ସାଧାରଣ ଜନତାଙ୍କୁ ନ୍ୟାୟ ଦେଉଥିବା ପୋଲିସ ବିଭାଗର ଜଣେ କନେଷ୍ଟବଳ ଦ୍ୱିତୀୟ ବିବାହ କରି ପ୍ରଥମ ସ୍ତ୍ରୀ ଓ ଝିଅକୁ ନିର୍ଯ୍ୟାତନ ଦେଉଥିବା ଖବର ଏବେ ସମଗ୍ର ନୀଳଗିରିରେ ଚର୍ଚ୍ଚାର ବିଷୟ ବସ୍ତୁ ଯେତିକି ପାଲଟିଛି ସେତିକି ପୋଲିସ ବିଭାଗର କାର୍ଯ୍ୟଦକ୍ଷତା ଓ ମୋ ସରକାର ଯୋଜନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ନିର୍ଯ୍ୟାତିତା ପ୍ରଥମ ସ୍ୱାମୀ ଥାନା ଉପରୁ ବିଶ୍ୱାସ ହରାଇଲା ପରେ ବାଲେଶ୍ୱର ଏସପିଙ୍କ ନିକଟରେ ଗୁହାରି କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ ହାତୀଆଶିଳା ଗ୍ରାମର ଗୌରହରି ସିଂଙ୍କ କନ୍ୟା ଦମୟନ୍ତି ସିଂ (୨୫)କୁ ୨୧/୦୪/୨୦୧୫ ମସିହାରେ ବିଟୁସାହି ଗ୍ରାମର ମନ୍ତ୍ରିସିଂଙ୍କ ସାନ ପୁଅ ତଥା ପୋଲିସ ବିଭାଗର କନେଷ୍ଟବଳ ସଞ୍ଜୟ ସିଂଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ତାଙ୍କ ଔରସରୁ ଏକ କନ୍ୟା ସନ୍ତାନ ମଧ ଜନ୍ମ ନେଇଥିଲା । ୨ ବର୍ଷର ହସଖୁସିର ସଂସାର ଚାଲିଥିଲେ ମଧ କନେଷ୍ଟବଳ ସ୍ୱାମୀ ସ୍ତ୍ରୀ ଦମୟନ୍ତି କୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେବାରୁ ସ୍ତ୍ରୀ ଦମୟନ୍ତି ବାପ ଘରକୁ ପଳାଇଥିଲେ । ପରିବାର ଓ ଭଦ୍ରାଲୋକ ବହୁବାର ଆପୋସ ସମାଧାନ କରିଥିଲେ ସୁଦ୍ଧା କନେଷ୍ଟବଳ ସ୍ୱାମୀ ପରିବର୍ତ୍ତନ ହେବା ପରିବର୍ତ୍ତେ ପାଲଟା ସ୍ତ୍ରୀ ଓ ଶ୍ୱଶୁର ଘର ଲୋକଙ୍କୁ ଧମକ ଦେବାରୁ ବାଧ ହୋଇ ଦମୟନ୍ତି ନୀଳଗିରି କୋର୍ଟରେ ୨୭୬/୧୮ ଏକ ମକୋଦ୍ଦମା ରୁଜୁ କରିଥିଲେ । ଯାହାକି ଏବେ ବିଚାରଧିନ ଅଛି । ସ୍ୱାମୀ ସଞ୍ଜୟ ବାଲେଶ୍ୱର ଟାଉନ ଗୁଡିପଦା ଅଂଚଳରେ ଏକ ଭଡା ଘରେ ରହୁଛନ୍ତି । ଏହା ମଧରେ ସ୍ୱାମୀ ସଞ୍ଜୟ ଦ୍ୱିତୀୟ ବିବାହ ଖବର ପାଇଁ ୧୪/୦୭/୨୦୨୦ରେ ଲିଖିତ ଅଭିଯୋଗ ନୀଳଗିରି ଥାନାରେ କରିଥିଲେ । ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ବାଧହୋଇ ବାଲେଶ୍ୱର ଏସପିଙ୍କ ନିକଟରେ ଗୁହାରି କରିଛନ୍ତି । କନେଷ୍ଟବଳ ସ୍ୱାମୀ ଜଣକ ରେମୁଣା ଥାନା ଅଧିନସ୍ଥ ବଡପାଳ ଗ୍ରାମର ବାବୁରାମ ସିଂଙ୍କ ଝିଅ ରୁନୁ ସିଂଙ୍କୁ ଦ୍ୱିତୀୟ ବିବାହ କରିଥିବା ଜଣାପଡିଛି । ପ୍ରଥମ ସ୍ତ୍ରୀକୁ ଛାଡପତ୍ର ନଦେଇ କିଭଳି ୨ୟ ସ୍ତ୍ରୀ ଗ୍ରହଣ କଲେ ତାହା ସରକାରୀ ବ୍ୟବସ୍ଥା ଉପରେ ସ୍ତ୍ରୀ ଦମୟନ୍ତି ପ୍ରଶ୍ନ ଉଠାଇଛନ୍ତି ? ଅପରପକ୍ଷରେ ୪ ବର୍ଷର କୁନି ଝିଅକୁ ନେଇ ଦମୟନ୍ତି କିଭଳି ଜୀବନ ବିତାଇବେ ସେଥିପାଇଁ ସେ ଦୁଃଖରେ ଭାଙ୍ଗି ପଡିଛନ୍ତି । ଜଣେ ପୋଲିସ ବିଭାଗର କର୍ମଚାରୀ ନିଜର ପାୱାର ଓ ଅର୍ଥବଳ ଦେଖାଇ ନିଜ ସ୍ତ୍ରୀକୁ ଅତ୍ୟାଚାର କରିବା ପରେ ତାଙ୍କ ହକରୁ ବଂଚିତ କରିବା ଘଟଣା ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ବାଲେଶ୍ୱର ଏସପି ମହୋଦୟ କଣ କାର୍ଯ୍ୟାନୁଷ୍ଠାନ ନେଇ ଦମୟନ୍ତିଙ୍କୁ ନ୍ୟାୟ ଦେଇପାରିବ ତାହାହିଁ ସମୟ ସାପେକ୍ଷ ।

# ୮୫୬ରେ ପହଞ୍ଚିଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୨୭।୭ (ନି.ପ୍ର): ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୪ଲକ୍ଷ ୩୬ହଜାର ୦୨୫ ଛୁଇଁଥିବା ବେଳେ ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୩୨ ହଜାର ୮୧୨ରେ ପହଞ୍ଚିଛି । ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧,୫୦୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ଅଦ୍ୟାବଧି କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୧୪୭ରେ ପହଞ୍ଚିଛି । ସେହିଭଳି ବାଲେଶ୍ୱରରେ ମଧ୍ୟ ଗତ କିଛିଦିନ ଧରି କରୋନା ସଂକ୍ରମଣ ଆଶାତୀତ ଭାବେ ବୃଦ୍ଧି ପାଇବା ସହ ଜିଲ୍ଲା ପାଇଁ ସଙ୍ଗୀନ ସ୍ଥିତି ସୃଷ୍ଟି କରିଛି । ଆଜି ୧୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୫୬ରେ ପହଞ୍ଚିଛି । ଅଦ୍ୟାବଧି ୬୪୫ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୦୭ ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ଆଜି ନୂଆ ଭାବେ ଚିହ୍ନଟ ହୋଇଥିବା ୧୯ ଜଣଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍ ସେଣ୍ଟରରେ ୭ ଜଣ ଥିବାବେଳେ ଅନ୍ୟ ୧୨ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । ତନ୍ମଧ୍ୟରୁ କ୍ୱାରେଣ୍ଟାଇନ୍ କେନ୍ଦ୍ରରେ ଥିବା ବାହାର ରାଜ୍ୟ ଫେରନ୍ତା ବାଲେଶ୍ୱର ପୌରାଞ୍ଚଳ ଅଙ୍ଗାରଗଡ଼ିଆର ଜଣେ ପୁରୁଷ, ନୀଳଗିରି ସିଆଡ଼ିମାଳର ଜଣେ ମହିଳା, ସିମୁଳିଆ କାଳସଣାର ଜଣେ ଯୁବକ, ସୋର ଗୁଡୁ ଅଞ୍ଚଳର ଜଣେ ଯୁବକ, ବସ୍ତା ବଧନାରୁ ଜଣେ ଯୁବକ ଓ ବାଲେଶ୍ୱରର ଟିଏମସିରେ ଥିବା ମୟୂରଭଂଜ ଅଞ୍ଚଳର ଜଣେ ଯୁବକ ଅଛନ୍ତି । ସେହିପରି ୧୨ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ରେମୁଣା କଣ୍ଠାବଣିଆ ଅଞ୍ଚଳର ୮ଜଣ ଥିବା ବେଳେ ବାଲେଶ୍ୱର ପୌରାଞ୍ଚଳର ୩ ଜଣ ଓ ଔପଦା ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରେ କରୋନା କରୋନା ପଜିଟିଭ୍ ଥିବା ସରକାରୀ ସୂତ୍ରରୁ ଜଣାଯାଇଛି । ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ କରୋନା ପିଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି । ତେବେ ବାଲେଶ୍ୱର ଜିଲ୍ଲାରେ ଗତ ଦୁଇସପ୍ତାହ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଅତିମାତ୍ରାରେ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି । କ୍ରମବର୍ଦ୍ଧିଷ୍ଣୁ ହାରରେ ବଢୁଥିବା ସଂକ୍ରମଣ ସ୍ଥିତିରେ ଆସନ୍ତା ଅଗଷ୍ଟ ମାସରେ ସଂକ୍ରମିତଙ୍କ ସଂଖ୍ୟା ଆହୁରି ଅଧିକ ହେବା ନେଇ ଆଶଙ୍କା ଦେଖାଦେଇଛି ।

## ସଦର ବିଜେଡି ପକ୍ଷରୁ ପୌରାଞ୍ଚଳରେ ସାନିଟାଇଜେସନ ଆରମ୍ଭ

ବାଲେଶ୍ୱର,୨୭।୭ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ମହାମାରୀ କରୋନା ସଂକ୍ରମଣ ରୋକିବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ବିଭିନ୍ନ ସଂଗଂନ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜନ ସଚେତନତା ଓ ମାସ୍କ ତଥା ସାନିଟାଇଜର ଆଦି ବଣ୍ଟନ କରାଯାଉଛି । ତେବେ ଗତ କିଛିଦିନ ଧରି ବାଲେଶ୍ୱର ସହରରେ ବଢ଼ି ଚାଲିଥିବା ସଂକ୍ରମିତଙ୍କ ସଂଖ୍ୟାକୁ ନେଇ ବିଜୁ ଜନତା ଦଳ ସଦର ଶାଖା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏନେଇ ବିଜେଡି ସଦର ଶାଖା ପକ୍ଷରୁ ଆଜିଠାରୁ ବାଲେଶ୍ୱର ସହର ସାନିଟାଇଜେସନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପୂର୍ବତନ



ବିଧାୟକ ଜୀବନ ପ୍ରଦୀପ ଦାଶ ଏହି ସାନିଟାଇଜେସନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ସହରର ନୂଆବଜାରସ୍ଥିତ ଦଳୀୟ କାର୍ଯ୍ୟାଳୟଠାରୁ ଏହି ସାନିଟାଇଜେସନ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରତିଦିନ ଦୁଇଗୋଟି ୱାର୍ଡ଼ ସମେତ ସହରର ବସ୍ତି ଅଞ୍ଚଳଗୁଡ଼ିକୁ ସମ୍ପୂର୍ଣ୍ଣ ସାନିଟାଇଜେନ କରିବା ପାଇଁ ଦଳ ପକ୍ଷରୁ ନିଷ୍ପତି ନିଆଯାଇଥିବା ପୂର୍ବତନ ବିଧାୟକ ଶ୍ରୀ ଦାସ ସୂଚନା ଦେଇଛନ୍ତି । ଜନସାଧାରଣଙ୍କୁ ସଚେତନତା କରିବା ସହିତ ସାନିଟାଇଜେସନକୁ ଦଳ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି । ସାନିଟାଇଜେସ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶ୍ରୀ ଦାସଙ୍କ

▶▶ପୃଷ୍ଠା ୭

# ଜିଲ୍ଲାର କୋଭିଡ୍ ପରିଚାଳନା ନେଇ ପର୍ଯ୍ୟଟନ ମନ୍ତ୍ରୀଙ୍କ ସମୀକ୍ଷା

## ପ୍ଲାଜାମା ଥେରାପି ଚିକିତ୍ସା ଉପରେ ଗୁରୁତ୍ୱାରୋପ

ବାଲେଶ୍ୱର,୨୭।୭ (ନି.ପ୍ର): ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ବାଲେଶ୍ୱର ଗସ୍ତ ଅବସରରେ ଜିଲ୍ଲାର କୋଭିଡ୍ ପରିଚାଳନା ଓ ପ୍ଲାଜମା ଥେରାପି ଚିକିତ୍ସା ସମ୍ପର୍କିତ ଏକ ଅନଔପଚାରିକ ସମୀକ୍ଷା ବୈଠକ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ବାଲେଶ୍ୱର ଉପ-ଜିଲ୍ଲାପାଳ ପାଟିଲ ଆଶିଷ ଈଶ୍ୱର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ୍ ଜଗଦେବ୍ ପ୍ରମୁଖ ଏଥିରେ ଯୋଗଦେଇ ଜିଲ୍ଲାର ସଙ୍ଗୀନ ସ୍ଥିତିରେ ଥିବା କରୋନା ରୋଗୀଙ୍କ ପ୍ଲାଜମା ଥେରାପି ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ଜିଲ୍ଲାର କରୋନା ସଂକ୍ରମିତରୁ ଭଲ ହୋଇ ଫେରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଓ ପ୍ଲାଜମା ଦାନ ପାଇଁ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ମନ୍ତ୍ରୀ ପାଣିଗ୍ରାହୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଚିହ୍ନଟ ହୋଇଥିବା ୩୨୧ ଜଣଙ୍କୁ ବୁଝାସୁଝା କରି ପ୍ଲାଜମା ଦାନ ପାଇଁ ରାଜି କରାଇବାକୁ ସେ କହିଥିଲେ । ଆଇସିୟୁ ବା ଭେଣ୍ଟିଲେଟରରେ ରହିଥିବା ସଂକଟାପନ୍ନ କରୋନା ରୋଗୀଙ୍କୁ ପ୍ଲାଜମା ଥେରାପି ଚିକିତ୍ସା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତି ଯେପରି ବାଲେଶ୍ୱରରେ ସଫଳ କାର୍ଯ୍ୟକାରୀ କରାଯାଇ ପାରିବ ସେ ନେଇ ସବୁ ମହଲର ସହଯୋଗ କାମନା କରିଥିଲେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲାରେ ଉଚିତ କୋଭିଡ୍ ପରିଚାଳନା ଉପରେ ସେ ଏହି ବୈଠକରେ ଗୁରୁତ୍ୱାରୋପ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo